ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 11/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 287 | ମୂଲ୍ୟ ₹୭/-



**ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...**
ଅଭିନେତ୍ରୀ ପରିଣୀତି ଚୋପ୍ରା 'ସାତ୍ ଖୁନ୍ ମାଫ୍' ଫିଲ୍ମ ଦେଖିବା ପରେ ଅଭିନୟ ପ୍ରତି ମନ ବଳାଇଥିଲେ। ବୋଧହୁଏ ଏହା ନ ଦେଖିଥିଲେ ତାଙ୍କ ଜୀବନରେ ଭିନ୍ନ କିଛି ଘଟିଥାନ୍ତା। **୧୩**

**୧୪** **ପଦକ ନିଶ୍ଚିତ କଲେ ନୂପୁର**
ଲିଭରପୁଲରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ ବକ୍ସର ନୂପୁର ଶେଓରାନ।



# ସାର ପାଇଁ 'ଆଧାର' ଧାଡ଼ି



**ୟୁରିଆ ସାର ଅଭାବ ଚିନ୍ତା ବଢ଼ାଇଛି**
ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପାକ୍ସ ସମ୍ମୁଖରେ ୟୁରିଆ ସାର ନେବା ପାଇଁ ଚାଷୀମାନେ ବୁଧବାର ଭୋରରୁ ସେମାନଙ୍କର ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

ଦେଓଗାଁ, ୧୦।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଚଳିତ ବର୍ଷ ଠିକ୍ ସମୟରେ ଚାଷୀଙ୍କୁ ୟୁରିଆ ସାର ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଦେଓଗାଁ ବ୍ଲକର ଗୌରଗୋଠ ବ୍ଲକରେ ବୁଧବାର ସାର ନେବା ପାଇଁ ଆଧାର କାର୍ଡ ରଖି ଚାଷୀଙ୍କ ଲମ୍ବା ଲାଇନ ଏହାର ଏକ ଉଦାହରଣ ହୋଇଛି। ବ୍ଲକରେ ୧୨ଟି କୃଷି ସେବା ସମବାୟ ସମିତି ରହିଛି। ଏହି ସେବା ସମବାୟ ସମିତିଗୁଡ଼ିକୁ ୟୁରିଆ ସାର ଆସିବା ଜଣା ପଡିବା କ୍ଷଣି ଚାଷୀମାନଙ୍କ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି। ବ୍ଲକର ଗୌରଗୋଠ ପାକ୍ସରେ ୭୬୦ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୩୧୫ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଛି। ସାର ଆସିବା ଖବର ପ୍ରଚାରିତ ହେବା ପରେ ବୁଧବାର ଭୋର ସମୟରୁ ଉକ୍ତ ପାକ୍ସ ସମ୍ମୁଖରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଚାଷୀ ଆଧାର କାର୍ଡଗୁଡିକୁ ଧାଡିରେ ରଖି ଲମ୍ବା ଲାଇନରେ ସାର ପାଇବା ଆଶାରେ ଅପେକ୍ଷାରେ ଥିବା ଦେଖିବାକୁ ମିଳିଥିଲା। ତେବେ ମାତ୍ର ୩୧୫ ପ୍ୟାକେଟ ସାର ଆସିଥିବାରୁ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣୀ ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ଲେଖାଏ ସାର ଦେବାର ନିଷ୍ପତ୍ତି ନେଇଥିଲେ। ଫଳରେ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ସାର ପାଇ ପାରିନଥିବା ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଖା ଦେଇଥିଲା। ଅନେକ ଚାଷୀ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପାକ୍ସ ସମ୍ମୁଖରେ ବିଭିନ୍ନ ନାରା ଦେଇ ବିକ୍ଷୋଦ୍‌ଗାର କରିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ୟୁରିଆ ସାର ଯୋଗାଇବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

# ତେଜିଲା ମାକ୍ରଁ ବିରୋଧୀ ଆନ୍ଦୋଳନ

## 'ବ୍ଲକ୍ ଏଭ୍ରିଥିଙ୍ଗ୍': ୩୦୦ ଆନ୍ଦୋଳନକାରୀ ଗିରଫ

## ସେବାସ୍ତିଆନ୍ ଲେକୋର୍ନୁ ୧୨ ମାସରେ ଫ୍ରାନ୍ସର ୪ର୍ଥ ପ୍ରଧାନମନ୍ତ୍ରୀ

**ସୋସିଆଲ ମିଡିଆ ନିଷିଦ୍ଧ ଭଳି କେତେକ ଜନବିରୋଧୀ ସରକାରୀ ପଦକ୍ଷେପ ପାଇଁ ନେପାଳରେ ଯୁବ, ଛାତ୍ର ଗୋଷ୍ଠୀ ଯେଭଳି ବ୍ୟାପକ ହିଂସା ଘଟାଇ ଶାସନ ପରିବର୍ତ୍ତନ ନିମନ୍ତେ ପରିବେଶ ସୃଷ୍ଟି କରିଛନ୍ତି, ସେଭଳି ସ୍ଥିତି ବୁଧବାର ୟୁରୋପୀୟ ଦେଶ ଫ୍ରାନ୍ସରେ ଘଟିଛି। ରାଜନୈତିକ ଅସ୍ଥିରତା ଏବଂ ଅର୍ଥନୀତି ଦୁଃସ୍ଥିତିରେ ଅତିଷ୍ଠ ଫ୍ରାନ୍ସବାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ହିଂସା ଘଟାଇଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍' ମୁଭ୍‌ମେଣ୍ଟ ଚଳାଇ ଫ୍ରାନ୍ସ ନାଗରିକମାନେ ବ୍ୟାପକ ପୋଡ଼ାଜଳା କରିଛନ୍ତି। ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ବଳପ୍ରୟୋଗ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏହି ଆନ୍ଦୋଳନ ପ୍ରତି ସ୍ୱତଃପ୍ରବୃତ୍ତ ଜନସମର୍ଥନ ଥିବାରୁ ମାକ୍ରଁ ସରକାର ପାଇଁ ବିପଦ ଘନେଇଛି।**

ପ୍ୟାରିସ୍, ୧୦।୯

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁଙ୍କ ବିରୋଧରେ ଦେଶରେ ପୁଣି ମୁଣ୍ଡ ଟେକିଛି ଆନ୍ଦୋଳନ। ମାକ୍ରଁ ନିଜ ଅନୁଗତ ତଥା ପ୍ରତିରକ୍ଷା ମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁ(୩୯)ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ବର୍ଷକ ମଧ୍ୟରେ ଦେଶରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିଯୁକ୍ତି, ରାଜନୈତିକ ଅସ୍ଥିରତା ଓ ଆର୍ଥିକ ନିଅଣ୍ଟ ସ୍ଥିତିକୁ ନେଇ କ୍ଷୁବ୍ଧ ଫରାସୀ ନାଗରିକମାନେ ବୁଧବାର ମାକ୍ରଁ ଏବଂ ତାଙ୍କ ସରକାର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ବ୍ୟାନରରେ ରାଜଧାନୀ ପ୍ୟାରିସ୍ ସମେତ ଦେଶର ବିଭିନ୍ନ ଭାଗରେ ରାସ୍ତା ଅବରୋଧ କରି ଯାନବାହନଗୁଡ଼ିକୁ ଜଳାପୋଡ଼ା କରିଛନ୍ତି। ଆନ୍ଦୋଳନକାରୀଙ୍କ ଜଳାପୋଡ଼ା ଓ ଭଙ୍ଗାରୁଜା ଭିତରେ ଏହି ୟୁରୋପୀୟ ରାଷ୍ଟ୍ର ଅଶାନ୍ତ ହୋଇପଡ଼ିଛି। ପରିବହନ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବିକ୍ଷୋଭକାରୀମାନେ ବିଦ୍ରୋହର ପରିବେଶ ସୃଷ୍ଟି କରୁଥିବା ଦର୍ଶାଇ ପ୍ରାୟ ୩୦୦ ଜଣଙ୍କୁ ଗିରଫ କରାଯାଇଥିବା ଗୃହମନ୍ତ୍ରୀ ବ୍ରୁର୍ନୋ ରିଟାଇଲ୍ଲେଉ କହିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସାରା ଦେଶରେ ୮୦,୦୦୦ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି, ଟାୟାର ଜାଳି ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ୟାରିସ୍‌ରେ ଅଳିଆଗଦାଗୁଡ଼ିକରେ ସେମାନେ ନିଆଁ ଲଗାଇଦେବାରୁ ରାଜଧାନୀର ପ୍ରମୁଖ ଅଞ୍ଚଳରେ ଲୋକେ ଯାତାୟାତ କରିପାରିନାହାନ୍ତି।

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୌ ସୋମବାର ପାର୍ଲାମେଣ୍ଟରେ ଆସ୍ଥା ହରାଇବା ପରେ ନିଜ ପଦରୁ ବିଦା ହୋଇଛନ୍ତି। ମାତ୍ର ୯ ମାସ ପ୍ରଧାନମନ୍ତ୍ରୀ ରହିଥିବା ୭୪ ବର୍ଷୀୟ ବେରୌଙ୍କ ପ୍ରତି ଏମ୍‌ପିମାନେ ଅନାସ୍ଥା ପ୍ରକଟ କରିବା ପରେ ସମ୍ବିଧାନର ଅନୁଚ୍ଛେଦ ୫୦ ଅନୁଯାୟୀ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣାକ୍ରମ ୟୁରୋପର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ପାଇଁ ନୂଆ ସଙ୍କଟକୁ ଡାକିଆଣିଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କାଳବିଳମ୍ବ ନ କରି ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁଙ୍କୁ ବେରୌଙ୍କ ନୂଆ ଉତ୍ତରାଧିକାରୀ ଚୟନ କରିଛନ୍ତି। ୧୨ ମାସ ମଧ୍ୟରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି। ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ ଅର୍ଥନୀତି ଖରାପ ଆଡ଼କୁ ଗତି କରୁଥିବାବେଳେ ମାକ୍ରଁ ସେଥିପ୍ରତି ଅଣଦେଖା କରୁଥିବାରୁ ଦେଶରେ ଅସନ୍ତୋଷ ☞ପୃଷ୍ଠା-୪



ଫ୍ରାନ୍ସର ମାର୍ସିଲେରେ 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ'ରେ ସାମିଲ ଆନ୍ଦୋଳନକାରୀ ବୁଧବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି। (ଫଟୋ ସୌଜନ୍ୟ: ଏ.ପି.)

# ଅକ୍ଟୋବରରୁ ଦେଶବ୍ୟାପୀ ଏସ୍‌ଆଇଆର୍

## ସିଇଓଙ୍କ ସହ ବୈଠକରେ ଇସିଙ୍କ ସବୁଜ ସଙ୍କେତ

ନୂଆଦିଲ୍ଲୀ, ୧୦।୯

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇପାରେ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ଜଣାପଡ଼ିଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ମାନଙ୍କ ସହ ବୁଧବାର ଏସ୍‌ଆଇଆର୍ ପ୍ରକ୍ରିୟାର ପ୍ରସ୍ତୁତି ଆଲୋଚନା ବେଳେ ଏହି ପ୍ରସ୍ତାବକୁ କମିଶନ ସବୁଜ ସଙ୍କେତ ଦେଇଛନ୍ତି।
ନିକଟରେ ନିର୍ବାଚନ କମିଶନ ବିହାର ବିଧାନସଭା ଭୋଟକୁ ଦୃଷ୍ଟିରେ ରଖି ଭୋଟର ତାଲିକାର ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ସୂତ୍ରରୁ ଜଣାପଡ଼ିଛି ଯେ, ବୁଧବାର ଅନୁଷ୍ଠିତ ସମ୍ମିଳନୀ-କର୍ମଶାଳାରେ ସିଇଓମାନଙ୍କୁ କେତେଶୀଘ୍ର ସେମାନେ ରିଭିଜନ୍ ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଅଧିକାଂଶ ଅଧିକାରୀ କହିଥିଲେ, ସେପ୍ଟେମ୍ବର ସୁଦ୍ଧା ମୌଳିକ କାର୍ଯ୍ୟ ସମ୍ପନ୍ନ ହେଲେ ଅକ୍ଟୋବରରେ ଏସ୍‌ଆଇଆର୍ ପାଇଁ ☞ପୃଷ୍ଠା-୪

# ଚଳିତ ମାସରେ ଆସିବ ନୂଆ ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୯ (ସୁନିତ୍ ମିଶ୍ର)

ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ନୂଆ ଅବକାରୀ ନୀତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଆଲୋଚନା ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ନୂଆ ଅବକାରୀ ନୀତି ଲାଗୁ କରିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଭାଗର ପ୍ରତିନିଧି ଦଳରେ କେତେଜଣ ଅଧିକାରୀ ଦୁଇଟି ରାଜ୍ୟକୁ ଯାଇ ସେମାନଙ୍କ ରାଜ୍ୟରେ ଲାଗୁ ହୋଇଥିବା ଅବକାରୀ ନୀତିକୁ ଅନୁଧ୍ୟାନକରି ଫେରିଛନ୍ତି। ଚଳିତ ମାସରେ ନୂଆ ଅବକାରୀ ନୀତି କାର୍ଯ୍ୟ ଶେଷ ହୋଇଯିବ। ନୂଆ ଅବକାରୀ ନୀତିରେ ଚୋରା ମାଦକ ଦ୍ରବ୍ୟର ବିକ୍ରି ଉପରେ ରୋକ୍ ଲଗାଯିବ। ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ଚଢ଼ାଉ ଜୋର୍‌ଦାର କରାଯାଉଛି। ☞ପୃଷ୍ଠା-୪

# ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ୫୩୩.୬୨ କୋଟି ଜଳକର ବାକି

ବ୍ରହ୍ମପୁର, ୧୦।୯ (ଅଶୋକ କୁମାର ସାହୁ)

ଚଳିତ ଆର୍ଥିକ ବର୍ଷ ଜୁନ୍ ସୁଦ୍ଧା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ବିଭିନ୍ନ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ନିକଟରେ ଜଳକର ବାବଦକୁ ୫୩୩.୬୨କୋଟି ଟଙ୍କା ବାକି ପଡିଛି। ୨ମାସ ଭିତରେ ଏହା ଆଦାୟ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧ ତାରିଖ ଚିଠି ନଂ. ୨୫୭୩୬ରେ ବ୍ରହ୍ମପୁର ଜଳସେଚନ ବିଭାଜନ, ଭଞ୍ଜନଗର ଜଳସେଚନ ବିଭାଜନ ଓ ହରଭଙ୍ଗୀ ଜଳସେଚନ ବିଭାଜନ ନଂ.୩କୁ ଜଣାଇ ଦିଆଯାଇଛି। ଉପରୋକ୍ତ ୩ ଜିଲାର ୧୧୯ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଉପରୋକ୍ତ ପରିମାଣର ଜଳକର ଦେବାକୁ ଅଛି। ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡିକ ଏକକାଳୀନ ସମାଧାନ ବା ୱାନ ଟାଇମ୍ ସେଟେଲମେଣ୍ଟ(ଓଟିଏସ୍) କରିନାହାନ୍ତି କି କର ପୈଠ କରିନାହାନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥାଗୁଡିକୁ ତୁରନ୍ତ କର ପୈଠ କରିବା ପାଇଁ ନୋଟିସ ଦେବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପ୍ଲାନିଂ ଆଣ୍ଡ ଡିଜାଇନଙ୍କ ପକ୍ଷରୁ କୁହାଯାଇଛି। ହରିଭଙ୍ଗୀ ଜଳସେଚନ ବିଭାଜନ ଅଧୀନରେ ଅଧିକ ଜଳକର ବାକି ପଡିଥିବାବେଳେ ଦ୍ୱିତୀୟରେ ବ୍ରହ୍ମପୁର ଓ ତୃତୀୟରେ ଭଞ୍ଜନଗର ରହିଛି। ବିଶେଷକରି ମଦ ଓ ଇଟା ତିଆରି ଶିଳ୍ପ ଉପରେ ଅଧିକ କର ବାକି ପଡିଛି। ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ନୈରାଶ୍ୟଜନକ ଥିବାବେଳେ ଶିଳ୍ପ ସଂସ୍ଥାକୁ ପାଣି ଦେବାରେ ସରକାର ଆଗଭର ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡିକ ପରିଚାଳନା ପାଇଁ ହଜାର ହଜାର କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଦୀର୍ଘଦିନରୁ ଏତେ ଟଙ୍କା ବାକି ଥିଲେ ବି ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନମାନେ କର ପୈଠ କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ବ୍ରହ୍ମପୁର ଜଳସେଚନ ବିଭାଜନରୁ ଜଳ ଶୋଷୁଥିବା ପ୍ରାୟ ୬୮ଟି ଛୋଟ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ୧୧୨୨.୮୮ ଲକ୍ଷ ଟଙ୍କା କର ପୈଠ କରିବାକୁ ଅଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ୱାଟ୍‌କୋ ୧୮.୯୫୯ ଲକ୍ଷ, ଆଇଆରଇଏଲକୁ ଜଳ ଯୋଗାଉଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୨୭୫.୭୧୩ ଲକ୍ଷ, ପୂର୍ବତଟ ରେଲୱେ ବାଲୁଗାଁ ଓ ବ୍ରହ୍ମପୁର ୬୯.୨୪୧ ଲକ୍ଷ, ପୂର୍ବତଟ ରେଲୱେ ଛତ୍ରପୁର, ଜଗନ୍ନାଥପୁର ଓ ବ୍ରହ୍ମପୁର ୬୭୨.୭୫୮ ଲକ୍ଷ ଟଙ୍କା ପୈଠ କରିନାହିଁ। ସେହିପରି ଭଞ୍ଜନଗର ଜଳସେଚନ ବିଭାଜନରୁ ପାଣି ନେଉଥିବା ୨ଟି ସଂସ୍ଥା ୧୮୮.୨୩୦ ଲକ୍ଷ ଟଙ୍କା ବାକି ରଖିଥିବା ବେଳେ ହରଭଙ୍ଗୀ ଜଳସେଚନ ବିଭାଜନରୁ ପାଣି ନେଉଥିବା ୪୯ ଶିଳ୍ପ, ଅନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା ପାଖରେ ୫୨୦୫୧.୪୯ ଲକ୍ଷ ଟଙ୍କା ବାକି ପଡିଛି। ତେବେ ଏମାନଙ୍କ ମଧ୍ୟରେ ରାୟଗଡାର ଜେ.କେ.ପେପର ଲିମିଟେଡ ସିଂହଭାଗ ବାକି ରଖିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ମଇଁଷିର ସାଂସ୍କୃତିକ ମହତ୍ତ୍ୱ**



ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ୨୬ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ୩୪ଟି ବିଭାଗର ୧୪୯ଟି ନିଷ୍ପତ୍ତିର ଅନୁପାଳନ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।



କାଠମାଣ୍ଡୁର ଏକ ଜେଲରୁ ଖସିଯାଇଥିବା କଏଦୀମାନଙ୍କୁ ଧରି ଜଣେ ସେନା କର୍ମଚାରୀ ଯାଉଛନ୍ତି।

# ଜେଲରୁ ୭ ହଜାର କଏଦୀ ଫେରାର

## ଭାରତ ସୀମାରେ ୫ କଏଦୀଙ୍କୁ ଗିରଫକଲା ଏସ୍ଏସ୍ବି

## ଦେଶବ୍ୟାପୀ ନେପାଳ ସେନାର କର୍ଫ୍ୟୁ

କାଠମାଣ୍ଡୁ, ୧୦।୯ (ପି.ଟି.)

ନେପାଳରେ ଜେଡ୍ଜେଡ୍ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିବା ପରେ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ନେପାଳ ସେନା ପକ୍ଷରୁ ଦେଶବ୍ୟାପୀ କର୍ଫ୍ୟୁ ଏବଂ ବିଭିନ୍ନ କଟକଣା ଜାରି କରାଯାଇଛି। ବୁଧବାର ନେପାଳ ସେନା ପକ୍ଷରୁ ବୟାନ ଜାରି କରି କୁହାଯାଇଛି, ଆନ୍ଦୋଳନ ହିଂସ୍ର ରୂପ ନେବାର ସୁଯୋଗ ନେଇ ବିଭିନ୍ନ ଅସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତି ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ଲୁଟପାଟ୍, ମହିଳାଙ୍କୁ ନିର୍ଯାତନା ଆଦି କ୍ଷେତ୍ରରେ ଲିପ୍ତ ରହୁଛନ୍ତି। ନେପାଳ ସେନାର ଏହା ଉପରେ କଡ଼ା ନଜର ରହିଛି। ଏହି ଘଟଣାଗୁଡ଼ିକୁ ରୋକିବା ପାଇଁ ଦେଶର ନାଗରିକମାନଙ୍କ ସହଯୋଗ ଆବଶ୍ୟକ। ତେଣୁ ଶାନ୍ତି ଏବଂ ସୁରକ୍ଷା ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। ସ୍ଥିତିର ଆକଳନକରି ବିଭିନ୍ନ କର୍ଫ୍ୟୁ ହଟାଯିବା ନିଷ୍ପତ୍ତି ନିଆଯିବ ବୋଲି ସେନା କହିଛି। ସ୍ଥାନୀୟ ପ୍ରଶାସନ ସହ ମିଶି ଶାନ୍ତି ବଜାୟ ରଖିବା ଓ ଆଇନଶୃଙ୍ଖଳା ସ୍ଥିତିକୁ ଫେରାଇ ଆଣିବା ପାଇଁ ଯଥେଷ୍ଟ ପ୍ରୟାସ କରାଯାଉଛି। ଯେଉଁ ବ୍ୟକ୍ତିମାନେ ହିଂସା ସମୟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଆଦି ଲୁଟ୍ କରିଥିଲେ, ସେମାନେ ସେଗୁଡ଼ିକୁ ତୁରନ୍ତ ନିକଟସ୍ଥ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରନ୍ତୁ। ସେହିପରି ସୁରକ୍ଷା ବଳର ପୋଷାକ ନ ପିନ୍ଧିବାକୁ ନାଗରିକମାନଙ୍କୁ ସେନା ଅନୁରୋଧ କରିଛି। ତେବେ ମଙ୍ଗଳବାର ନେପାଳରେ ହିଂସା ସମୟରେ ୭ ହଜାରରୁ ଅଧିକ କଏଦୀ ଦେଶର ବିଭିନ୍ନ ଜେଲରୁ ଖସିଯାଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେହିପରି ପଶ୍ଚିମ ନେପାଳର ଏକ ଜେଲରେ ସୁରକ୍ଷା କର୍ମୀଙ୍କ ସହ କଏଦୀଙ୍କ ସଂଘର୍ଷ ବେଳେ ୫ ଜଣ ନାବାଳକ କଏଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ନେପାଳର ବିଭିନ୍ନ ଜେଲରୁ ଖସିଆସି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି) ୫ ଜଣ କଏଦୀଙ୍କୁ ଗିରଫ କରିଛି।

## ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍‌ର ପ୍ରସ୍ତାବ

**ନେପାଳରେ** ରାଜନୈତିକ ଅସ୍ଥିରତା ମଧ୍ୟରେ ବୁଧବାର ଜେନ୍-ଜେଡ୍ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫ ହଜାରରୁ ଅଧିକ ଯୁବତୀଯୁବକ ଯୋଗଦେଇଥିଲେ। ସାମ୍ପ୍ରତିକ ସ୍ଥିତି ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି(୭୩)ଙ୍କୁ ଏହି ବୈଠକରେ ସର୍ବାଧିକ ସମର୍ଥନ ମିଳିଛି। କାଠମାଣ୍ଡୁର ମେୟର ବାଲେନ୍ ଶାହଙ୍କ ନାମକୁ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ସେ ଜେନ୍-ଜେଡ୍ ପକ୍ଷରୁ କରାଯାଇଥିବା କଲ୍‌କୁ ନ ଉଠାଇବାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କୁ ସର୍ବାଧିକ ସମର୍ଥନ ରହିଥିବା



ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି।

ଜଣାପଡ଼ିଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍‌ର ସମର୍ଥନ ପତ୍ରରେ ୨,୫୦୦ରୁ ଅଧିକ ଯୁବପିଢ଼ି ସ୍ୱାକ୍ଷର କରିସାରିଲେଣି। ଖୁବ୍‌ଶୀଘ୍ର ଜେନ୍-ଜେଡ୍‌ର ଏକ ଦଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କ ନାମର ପ୍ରସ୍ତାବ ନେଇ ନେପାଳର ସେନାମୁଖ୍ୟଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି।

ଅନ୍ତରୀଣ ପ୍ରଧାନମନ୍ତ୍ରୀ ପାଇଁ ଜେନ୍‌ଜେଡ୍‌ର ଏହି ପ୍ରସ୍ତାବକୁ ସୁଶୀଳା ସ୍ୱୀକାର କରିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଅନ୍ତରୀଣ ସରକାରର ନେତୃତ୍ୱ ନେବା ପାଇଁ ଦେଶର ଯୁବପିଢ଼ି ତାଙ୍କ ଉପରେ ବିଶ୍ୱାସ କରିଛନ୍ତି। ଏହି ଦାୟିତ୍ୱ ନିଭାଇବା ପାଇଁ ସେ ପ୍ରସ୍ତୁତ। ବିକ୍ଷୋଭରେ ପ୍ରଭାବିତ ପରିବାରକୁ ସହଯୋଗ ଯୋଗାଇବା ଏବେ ନେପାଳରେ ଶାନ୍ତି ଫେରାଇ ଆଣିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୁଶୀଳା ହେଉଛନ୍ତି ନେପାଳର ପ୍ରଥମ ମହିଳା ପ୍ରଧାନ ବିଚାରପତି। ସେ ୨୦୧୬ରେ ନେପାଳ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ।

# ବିଜେଡିକୁ ମିଳିଛି ୨୯୭.୮୧ କୋଟି ଚାନ୍ଦା

ନୂଆଦିଲ୍ଲୀ,୧୦।୯(ପି.ଟି.)

## ୨୦୨୩-୨୪ରେ ୪୦ ଆଞ୍ଚଳିକ ଦଳର ଆୟ ୨,୫୩୨ କୋଟି

୨୦୨୩-୨୪ ଆର୍ଥିକବର୍ଷରେ ପ୍ରାୟ ୪୦ଟି ଆଞ୍ଚଳିକ ଦଳକୁ ୨,୫୩୨.୦୯ କୋଟି ଟଙ୍କାର ଚାନ୍ଦା ମିଳିଛି। ସେଥିରୁ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)ର ଆୟ ହେଉଛି ୨୯୭.୮୧ କୋଟି ଟଙ୍କା। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ବୁଧବାର ଏହି ବିଷୟ ଜଣାପଡ଼ିଛି।

ଏଡିଆର୍ ଉକ୍ତ ରିପୋର୍ଟରେ ଦର୍ଶାଇଛି ଯେ, ୪୦ ଅଞ୍ଚଳିକ ଦଳ ୨୦୨୩-୨୪ ଆର୍ଥିକବର୍ଷରେ କରିଥିବା ନିଜ ଆୟ ସମ୍ପର୍କରେ ଘୋଷଣା କରିଛନ୍ତି। ଆଲୋଚ୍ୟ ବର୍ଷରେ ଏହି ଦଳଗୁଡ଼ିକ ମୋଟ ୨,୫୩୨.୦୯ କୋଟି ଟଙ୍କା ଚାନ୍ଦା ପାଇଛନ୍ତି, ଯହିଁରୁ ୭୦%ରୁ ଅଧିକ ପାଣ୍ଠି ଇଲେକ୍ଟୋରାଲ ବଣ୍ଡ ଜରିଆରେ ମିଳିଥିଲା। କେ. ଚନ୍ଦ୍ରଶେଖର ରାଓଙ୍କ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସର୍ବାଧିକ ୬୮୫.୫୧ କୋଟି ଟଙ୍କା ପାଇଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୬୪୬.୩୯ କୋଟି, ନବୀନ ପଟ୍ଟନାୟକଙ୍କ ବିଜେଡି ୨୯୭.୮୧ କୋଟି, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୧୮୫.୦୭ କୋଟି ଏବଂ ଜଗନ୍‌ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍ କଂଗ୍ରେସ ୧୯୧.୦୪ କୋଟି ଟଙ୍କା ଚାନ୍ଦା ପାଇଥିଲା। ଏହି ଶୀର୍ଷ ୫ ଦଳର ଆୟ ହେଉଛି ୪୦ ଆଞ୍ଚଳିକ ଦଳ ପାଇଥିବା ଚାନ୍ଦାର ୮୩.୧୭ ପ୍ରତିଶତ। ମୋଟ ଆୟର ୭୦%ରୁ ଅଧିକ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଆସିଥିଲା। ଅନ୍ୟପକ୍ଷେ ଆୟ ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ରହିଥିବା ଶେଷ ତାରିଖର ୩୧୩ ଦିନ ପରେ ମଧ୍ୟ ୨୦ଟି ଆଞ୍ଚଳିକ ଦଳର ଅଡିଟ୍ ରିପୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇନାହିଁ।

୨୭ ଆଞ୍ଚଳିକ ଦଳ ସେମାନଙ୍କ ଆୟର ଏକ ଅଂଶ ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଥିବାବେଳେ ୧୨ ରାଜନୈତିକ ଦଳ ଆଲୋଚ୍ୟ ବର୍ଷରେ ପାଇଥିବା ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି। ବିଆର୍‌ଏସ୍ ନିଜ ଆୟରୁ ୪୩୦.୬୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଟିଏମ୍‌ସି ୪୧୪.୯୨ କୋଟି ଏବଂ ବିଜେଡି ୨୫୩.୭୯ କୋଟି ଟଙ୍କା ପାଇଥିବା ଦର୍ଶାଇଛି। ଅନ୍ୟପକ୍ଷେ ୱାଇଏସ୍‌ଆର୍ କଂଗ୍ରେସ, ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ), ସମାଜବାଦୀ ପାର୍ଟି (ଏସ୍‌ପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସେମାନଙ୍କ ଆୟରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି।

# ରୁଷିଆ ଛାଡ଼ିଲା ଡ୍ରୋନ୍, ଖସାଇଲା ପୋଲାଣ୍ଡ

ୱାର୍‌ସ,୧୦।୯(ଏ.ପି./ରଏଟର୍ସ)

୨୦୨୨ରୁ ୟୁକ୍ରେନ୍ ସହ ଯୁଦ୍ଧରତ ରୁଷିଆ ବୁଧବାର ପୋଲାଣ୍ଡ ବାୟୁସୀମା ଉଲ୍ଲଂଘନ କରି ସେଠାକୁ ଡ୍ରୋନ୍ ଛାଡ଼ିଛି। ତେବେ ସେଥିରୁ ଅଧିକାଂଶ ଡ୍ରୋନ୍‌କୁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେନ୍ (ନାଟୋ) ସହଯୋଗୀ ପୋଲାଣ୍ଡ ଖସାଇଦେଇଥିବା କହିଛି। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି, ମଙ୍ଗଳବାର ବିଳମ୍ବିତ ରାତି ଓ ବୁଧବାର ଭୋର ସମୟ ମଧ୍ୟରେ ବହୁସଂଖ୍ୟକ ରୁଷୀୟ ଡ୍ରୋନ୍ ତାଙ୍କ ଦେଶର ବାୟୁସୀମା ଉଲ୍ଲଂଘନ କରିଥିଲା। ପୋଲାଣ୍ଡ ନାଗରିକଙ୍କ ନିରାପତ୍ତା ପ୍ରତି ପ୍ରତ୍ୟକ୍ଷ ଭାବେ ବିପଦ ସୃଷ୍ଟିକାରୀ ଡ୍ରୋନ୍‌ଗୁଡ଼ିକୁ ସେନା ଖସାଇଦେଇଛି। ଏନେଇ ସେ ପାର୍ଲାମେଣ୍ଟକୁ ମଧ୍ୟ ଅବଗତ କରାଇଛନ୍ତି।

ପୋଲାଣ୍ଡ ଉପରେ ଏହା ହେଉଛି ରୁଷିଆର ପ୍ରଥମ ଡ୍ରୋନ୍ ମାଡ଼। ଏହା ପରେ ପୋଲାଣ୍ଡ ସଶସ୍ତ୍ର ବଳକୁ ହାଇଆଲର୍ଟରେ ରଖାଯାଇଛି। ସାମରିକ ଅପରେଶନ୍ ଯୋଗୁ ଏୟାରସ୍ପେସ୍‌କୁ ବନ୍ଦ କରାଯାଇଥିବାରୁ ୱାର୍‌ସ'ର ଚୋପିନ୍ ଏୟାରପୋର୍ଟରେ ବିମାନ ଚଳାଚଳକୁ ଅନେକ ଘଣ୍ଟା ପାଇଁ ସ୍ଥଗିତ କରାଯାଇଛି। ରୁଷୀୟ ସୈନ୍ୟଙ୍କ ଏହି କାର୍ଯ୍ୟକୁ ପୋଲାଣ୍ଡ ସେନା ଏକ ଅତିକ୍ରମଣ ବୋଲି ଅଭିହିତ କରିଛି।



ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ପୋଲାଣ୍ଡର ୱିରିକିସ୍ଥିତ ଏକ ଘର।

# ଖବରଦାତା ସମ୍ମିଳନୀରେ ବେହୋସ୍ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଷ୍ଟକ୍‌ହୋମ୍, ୧୦।୯

ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍ (୪୮) ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଅଚାନକ ବେହୋସ୍ ହୋଇ ତଳେ ପଡ଼ିଯାଇଥିଲେ। ସୁଇଡେନ୍‌ର ନୂତନ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର କିଛି ଘଣ୍ଟା ପରେ ସେ ଏହି ଖବରଦାତା ସମ୍ମିଳନୀ କରୁଥିଲେ। ଏହି ସମୟରେ ତାଙ୍କ ସହ ସୁଇଡେନ୍ ପ୍ରଧାନମନ୍ତ୍ରୀ ଉଲଫ୍ କ୍ରିଷ୍ଟର୍ସସନ୍ ଉପସ୍ଥିତ ଥିଲେ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ସେ ହଠାତ୍ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଅଧିକାରୀ ଓ ଖବରଦାତାମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଥିଲେ। ଏଲିସାବେଥ୍‌ଙ୍କୁ ଚେକ୍‌ଅପ୍ କରିବା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ରକ୍ତ ଶର୍କରା ସ୍ତରରେ ହ୍ରାସ ଯୋଗୁ ସେ ଅଚେତ ହୋଇ ପଡ଼ିଥିଲେ ବୋଲି ବୁଧବାର ସୁସ୍ଥ ହେବା ପରେ ଏଲିସାବେଥ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ସେ ବୋହୋସ୍ ହୋଇ ତଳେ ପଡ଼ିଯିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍

# ନବଜାତକକୁ ଫ୍ରିଜ୍‌ରେ ରଖି ଶୋଇପଡ଼ିଲେ ମା'

ମୋରାଦାବାଦ, ୧୦।୯

## ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିଲେ

ଉତ୍ତରପ୍ରଦେଶର ମୋରାଦାବାଦ ଜିଲା କରୁଲା ଅଞ୍ଚଳରେ ପୋଷ୍ଟପାର୍ଟମ ସାଇକୋସିସ୍ ନାମକ ଏକ ମାନସିକ ରୋଗରେ ପୀଡ଼ିତ ଥିବା ଜଣେ ମହିଳା (୨୩) ନିଜ ୧୫ ଦିନର ଶିଶୁକୁ ଫ୍ରିଜ୍‌ରେ ରଖି ଶୋଇପଡ଼ିଥିବାର ଖବର ସାମ୍ନାକୁ ଆସିଛି। ଗତ ୫ ତାରିଖରେ ଶିଶୁଟି ଦୀର୍ଘ ସମୟ ଧରି ଶୋଉ ନ ଥିବାରୁ ମହିଳା ଜଣକ ତାକୁ ଫ୍ରିଜ୍ ମଧ୍ୟରେ ରଖି ନିଜ ରୁମ୍‌କୁ ଯାଇ ଶୋଇ ପଡ଼ିଥିଲେ। ତେବେ କିଛି ସମୟ ପରେ ଘରେ ଥିବା ତାଙ୍କ ଶାଶୁଙ୍କୁ ଫ୍ରିଜ୍ ମଧ୍ୟରୁ ଶିଶୁର କାନ୍ଦ ଶୁଣାଯାଇଥିଲା। ସେ ଫ୍ରିଜ୍ ଖୋଲି ନିଜ ନାତିକୁ ଉଦ୍ଧାର କରିଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲ ନିଆଯାଇଥିଲା। ଠିକ୍ ସମୟରେ ଶିଶୁଟିକୁ ଫ୍ରିଜ୍‌ରୁ ବାହାର କରାଯାଇଥିବାରୁ ସେ ସୁରକ୍ଷିତ ରହିଛି ବୋଲି ଡାକ୍ତର କହିଛନ୍ତି। ଶିଶୁଟିର ଜେଜେମା' କହିଛନ୍ତି, ଗର୍ଭଧାରଣ ପରେ ତାଙ୍କ ବୋହୂଙ୍କ ଉପରେ ଖରାପ ଶକ୍ତିର ପ୍ରଭାବ ପଡ଼ିଥିବା ନେଇ ସେମାନେ ସନ୍ଦେହ କରିଥିଲେ। ତେଣୁ ବିଭିନ୍ନ ପାରମ୍ପରିକ ଉପାୟରେ ସେମାନେ ତାଙ୍କ ବୋହୂଙ୍କୁ ଠିକ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ସ୍ଥିତିରେ ସୁଧାର ନ ଆସିବାରୁ ସେମାନେ ତାଙ୍କୁ ଏକ ମାନସିକ ଏବଂ ନିଶାମୁକ୍ତି କେନ୍ଦ୍ରକୁ ନେଇଥିଲେ। ସେ ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିବା ନେଇ ସେଠାରେ ମନସ୍ତତ୍ତ୍ୱବିତ୍ ଡାକ୍ତର କାର୍ତ୍ତିକେୟ ଗୁପ୍ତା କହିଥିଲେ। ସମ୍ପ୍ରତି ମହିଳା ଜଣକ ଚିକିତ୍ସାଧୀନ ଥିବା ସହ ତାଙ୍କ କାଉନ୍‌ସେଲିଂ ପ୍ରକ୍ରିୟା ଜାରି ରହିଛି। ପ୍ରସବ ପରେ ମହିଳାମାନଙ୍କୁ ଅବହେଳା କରାଗଲେ କିମ୍ବା ପାରିବାରିକ ସମର୍ଥନ ନ ମିଳିଲେ ଏହି ମାନସିକ ରୋଗ ସୃଷ୍ଟି ହୋଇପାରେ ବୋଲି ଡାକ୍ତର କାର୍ତ୍ତିକେୟ କହିଛନ୍ତି।

## ଫୁରସତ୍

# ନିଯୁକ୍ତି ଆଶାୟୀଙ୍କ ପାଇଁ ଘରେ ଲାଇବ୍ରେରି

ହାଇଦ୍ରାବାଦ

ସାଧାରଣତଃ ଗ୍ରାମୀଣ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥାନ୍ତି। ସେମାନଙ୍କୁ ଏହି ପ୍ରସ୍ତୁତିରେ ସାହାଯ୍ୟ କରିବା ପାଇଁ ତେଲଙ୍ଗାନାର ଖମ୍ମମ ଜିଲାରେ ରହୁଥିବା ଏକ ଦମ୍ପତି ନିଜ ଘରେ ପାଠାଗାର ସ୍ଥାପନ କରିବା ସହ ଗତ ୬ ବର୍ଷ ହେବ ଏହାକୁ ଚଳାଉଛନ୍ତି। ପାରୁପଲ୍ଲୀ ସତ୍ୟନାରାୟଣ ପୁସ୍ତକାଳୟମ ନାମରେ ନାମିତ ଏହି ପାଠାଗାରଟି ୨୦୧୯ ଜୁନ୍ ୩୦ରେ ଅବସରପ୍ରାପ୍ତ ଶିକ୍ଷକ ପାରୁପଲ୍ଲୀ ଅଜୟ କୁମାର ଓ ତାଙ୍କ ସ୍ତ୍ରୀ ତଥା ଖମ୍ମମ ଏନ୍ଏନ୍ଏସ୍‌ପିଆଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାଭା ଦୁର୍ଗା ଭବାନୀଙ୍କ ଘରେ ଆରମ୍ଭ ହୋଇଥିଲା। ଅଜୟଙ୍କ ବାପା ପାରୁପଲ୍ଲୀ ସତ୍ୟନାରାୟଣଙ୍କ ସ୍ମୃତିରେ ଏହି



ଲାଇବ୍ରେରିକୁ ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ସରକାରୀ ନିଯୁକ୍ତି ପାଇବା ପାଇଁ ଗ୍ରାମୀଣ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସେ ଓ ତାଙ୍କ ସ୍ତ୍ରୀ ଏହି ଲାଇବ୍ରେରିକୁ ସ୍ଥାପନ କରିଥିବା ଅଜୟ କହିଛନ୍ତି।

ଅଜୟ ଓ ଦୁର୍ଗା ଏହି ଲାଇବ୍ରେରିକୁ ଗତ ୬ ବର୍ଷ ଧରି ଚଳାଉଥିବା ସହ ଏଥିପାଇଁ ସେମାନେ ଅନେକ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଏହି ପାଠାଗାରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବଶ୍ୟକ ବିଷୟଗୁଡ଼ିକର ମୋଟ ୬୭ ହଜାର ପୁସ୍ତକ ରହିଛି। ପାଠ୍ୟକ୍ରମରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ସହ ଏହି ଦମ୍ପତି ନିୟମିତ ଭାବେ ନିଜ ଲାଇବ୍ରେରିର ପୁସ୍ତକ ସଂଗ୍ରହକୁ ଅପ୍‌ଡେଟ୍ କରିଥାନ୍ତି, ଯାହାଫଳରେ ଛାତ୍ରୀଛାତ୍ରମାନଙ୍କ ପଢ଼ାରେ କୌଣସି ବାଧା ଉପୁଜି ନ ଥାଏ। ନିଯୁକ୍ତି ଆଶାୟୀମାନଙ୍କ ସୁବିଧା ପାଇଁ ଅଜୟ ଓ ଦୁର୍ଗା ଉକ୍ତ ଲାଇବ୍ରେରିରେ ପାନୀୟ ଜଳ, ପଙ୍ଖା, ୱାଇଫାଇ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପାଠାଗାରର ଏହିସବୁ ରକ୍ଷଣାବେକ୍ଷଣ ପାଇଁ ମାସିକ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି, ଯାହାକୁ ଉଭୟେ ମିଶି ବହନ କରୁଛନ୍ତି। ପ୍ରତିଦିନ ଶତାଧିକ ସଂଖ୍ୟାରେ ଖମ୍ମମ, ଭଦ୍ରାଦ୍ରି କୋଠାଗୁଡେମ୍, ସୂର୍ଯ୍ୟପେଟ୍ ଏବଂ ମହବୁବାବାଦ୍ ଆଦି ଜିଲାର ସରକାରୀ ନିଯୁକ୍ତି ଆଶାୟୀମାନେ ଏହି ପାଠାଗାରକୁ ଆସି ନିଜ ପ୍ରସ୍ତୁତିକୁ ଜୋର୍‌ଦାର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପାଠାଗାରରେ ପଢ଼ିଥିବା ପ୍ରାୟ ୭୦ ଜଣ ଛାତ୍ରୀଛାତ୍ର ସରକାରୀ କ୍ଷେତ୍ରରେ ଶିକ୍ଷକ, ସହକାରୀ ଇଞ୍ଜିନିୟର, କନ୍‌ଷ୍ଟେବଲ ଏବଂ ଗ୍ରୁପ୍-୪ କର୍ମଚାରୀ ଭାବେ ନିଯୁକ୍ତି ପାଇପାରିଛନ୍ତି ବୋଲି ଅଜୟ କହିଛନ୍ତି।

# କୋର୍ଟରେ ଅର୍ଶଦ, ଅକ୍ଷୟ ଲଢ଼େଇ

ମୁମ୍ବାଇ



ଅର୍ଶଦ ୱାର୍ସି

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ କୋର୍ଟରୁମ୍ କମେଡି ଡ୍ରାମା ଫିଲ୍ମ 'ଜଲି ଏଲ୍ଏଲ୍‌ବି ୩'ର ଟ୍ରେଲରକୁ ବୁଧବାର ରିଲିଜ୍ କରାଯାଇଛି। ଟ୍ରେଲରରେ ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କୁ ପୁଣିଥରେ ଜଲି ଅବତାରରେ ଦେଖିବାକୁ ମିଳିଛି। ଏଥିରେ ହାସ୍ୟରସ ସହ ଚାଷ ଜମିକୁ ନେଇ ଚାଷୀଙ୍କ ଯନ୍ତ୍ରଣାକୁ ପ୍ରଦର୍ଶିତ କରାଯାଇଛି। ଚାଷୀଙ୍କୁ ସେମାନଙ୍କ ଜମି ଫେରାଇବା ପାଇଁ କୋର୍ଟରୁମ୍‌ରେ ଅକ୍ଷୟ ଏବଂ ଅର୍ଶଦ ପରସ୍ପର ବିରୋଧରେ ଲଢ଼ୁଥିବା ନେଇ ଏହି ଟ୍ରେଲରରେ ଦେଖିବାକୁ ମିଳିଛି। ସେହିପରି

## 'ଜଲି ଏଲ୍ଏଲ୍‌ବି ୩' ଟ୍ରେଲର ଆଉଟ୍

ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଅକ୍ଷୟ ଓ ଅର୍ଶଦ କୋର୍ଟରେ କିପରି ପରସ୍ପର ସହ ମୁକାବିଲା କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ୩ ମିନିଟ୍ ୫ ସେକେଣ୍ଡର ଏହି ଟ୍ରେଲରଟି ଚାଷୀଙ୍କ ଜମି ହଡ଼ପ କାହାଣୀ ସହ ଆରମ୍ଭ ହୋଇଛି। ଅର୍ଶଦ ଚାଷୀଙ୍କ ପକ୍ଷରୁ କୋର୍ଟରେ ଲଢ଼ୁଥିବା ବେଳେ ଅକ୍ଷୟ ଚାଷୀଙ୍କ ଜମିକୁ ହଡ଼ପ କରିଥିବା ବ୍ୟବସାୟୀଙ୍କ ପାଇଁ ମାମଲା ଲଢ଼ୁଛନ୍ତି। ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ତ୍ରୁଟିକୁ ଏହି ଟ୍ରେଲରରେ ଭଲ ଭାବେ ଚିତ୍ରଣ କରାଯାଇଛି। ସେହିପରି ଏହି ଟ୍ରେଲରରେ ଅଭିନେତ୍ରୀ ହୁମା କୁରେଶୀଙ୍କୁ ଅକ୍ଷୟଙ୍କ ସ୍ତ୍ରୀ ଭୂମିକାରେ ଏବଂ ଅଭିନେତ୍ରୀ ଅମ୍ରିତା ରାଓଙ୍କୁ ଅର୍ଶଦଙ୍କ ସ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିଛି।




# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

**ବାଲିଶଙ୍କରା,୧୦।୯(ସତ୍ ସେଠ)**

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ ଅନ୍ତର୍ଗତ କିଞ୍ଜିରକେଲା ସେକ୍ସନ ବେହେରାଡିହି ଗ୍ରାମରେ ବୁଧବାର ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୃଷଭ ଗଞ୍ଜୁ(୬୫)। କିଞ୍ଜିରକେଲା ପୋଲିସ ଓ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଗୁରୁବାର ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାର ଲୋକେ ତୁରନ୍ତ ସରକାରୀ ସହାୟତା ପାଇଁ କ୍ଷତିପୂରଣ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବୃଷଭ ଗୋରୁ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ହଠାତ୍ ସେ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଗୋଡାଇ ଗୋଡାଇ ପାଦରେ ଦଳି ଦେଇଥିଲା। ଘଟଣା ସ୍ଥଳରେ ହିଁ ବୃଷଭଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ଗୋରୁ ଚରାଇବାକୁ ଯାଇଥିବା ଅନ୍ୟ ସାଥୀମାନେ ଦୌଡି ପଳାଇଥିଲେ। ସନ୍ଧ୍ୟା ହେବାରୁ ଗୋରୁ ଘରକୁ ଫେରିଆସିଥିବାବେଳେ ବୃଷଭ ଘରକୁ ଆସିନଥିଲେ। ପରେ ପରିବାରବର୍ଗ ତାଙ୍କୁ ଖୋଜାଖୋଜି କରିବା ପରେ ହାତୀ ଦଳି ଦେଇଥିବା ଜାଣିବାକୁ ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଦନ୍ତା ଛତିଗଶଡ ରାଜ୍ୟରୁ ଆସି ୧୫ ଦିନ ହେଲା ଅଞ୍ଚଳରେ ଘୂରି ବୁଲୁଛି। କିଞ୍ଜିରକେଲା ବନ ବିଭାଗ ଦନ୍ତାକୁ ଘଉଡାଇବାକୁ ଚେଷ୍ଟା କରୁଥିଲେ ହେଁ ବିଫଳ ହେଉଛି। ଗତ ୮ ଦିନ ତଳେ ଦନ୍ତା ଓଡ଼ିଶା ସୀମାନ୍ତବର୍ତ୍ତୀ ବାମନମରା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଥିଲା।




# ବଞ୍ଚିତ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ୨ ଦିନ ଭିତରେ ଖୋଲିବ ପୋର୍ଟାଲ

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

- ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ହେବ ସର୍ଭେ
- ୩ ବିଭାଗର ରିପୋର୍ଟ ଆସିବା ପରେ ହେବ ଯାଞ୍ଚ

ସୁଭଦ୍ରା ଯୋଜନାର ୩ୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଡୋର୍ ଟୁ ଡୋର୍ ସର୍ଭେ ହେବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟକରି ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏଥିପାଇଁ ୨ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ୍ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗକରି ଆଉ ଥରେ ସାମିଲ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ୧୫ ହଜାର ୯୮୪ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ମୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ୧୮୦୫ ଜଣ ଜୀବିତ ଅଛନ୍ତି। ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ଅନ୍ୟପଟେ ୩୬ ହଜାର ୭୦୨ ହିତାଧିକାରୀ ଗାଡ଼ି କିଣିଥିବା ଯୋଗୁ ବାଦ୍ ପଡ଼ିଛନ୍ତି। ୨୧ ହଜାର ୩୫ ହିତାଧିକାରୀ ଆୟକର ଦେବାରୁ ବାଦ୍ ପଡ଼ିଥିବା ବେଳେ ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପଞ୍ଜୀକରଣ ଏବଂ କୃଷକ ଭାବେ ପଞ୍ଜୀକରଣ କରି ବାଦ୍ ପଡ଼ିଛନ୍ତି। ସେ ବାବଦରେ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ଅନେକ ଯୋଗ୍ୟ ହିତାଧିକାରୀ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ କାହିଁକି ବଞ୍ଚିତ ହେଲେ, ରାଶନ କାର୍ଡ ଅଛି କି ନାହିଁ, କେୱାଇସି ଅପ୍‌ଡେଟ୍ ହୋଇଛି ନା ନାହିଁ ଏଭଳି ଅନେକ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ବୈଠକ ପୂର୍ବରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିଲା। ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରିଚକିଆ ଥିବା ମହିଳାଙ୍କ ତଥ୍ୟ ମଗାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତା'ର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ। ୩ ବିଭାଗର ରିପୋର୍ଟ ଆଧାରରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ୩ ବିଭାଗର ଦେଇଥିବା ରିପୋର୍ଟର ଯାଞ୍ଚ ହେବା ପରେ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ଯୋଡ଼ାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।


# ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

**ଡିକ୍ରି ହୋଲ୍‌ଡରଙ୍କ ସପକ୍ଷରେ କୋର୍ଟଙ୍କ ଆଦେଶକୁ ଅବମାନନା ମାମଲା**

**କଟକ,୧୦।୯(କାର୍ତ୍ତିକ ସାହୁ)**

ପ୍ରାୟ ୩ ଦଶନ୍ଧି ତଳର ଏକ ଦେୱାନି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନୁପାଳନରେ କରିବାରେ ସରକାରୀ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏବେ ସରକାରଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କାର ଦୃଷ୍ଟାନ୍ତମୂଳକ ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ମାମଲାର ଡିକ୍ରି ହୋଲ୍‌ଡର(ଧାରକ)ଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି। ଏପରି କି ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ ବିଳମ୍ବ କରିଥିବା ଅଧିକାରୀଙ୍କଠାରୁ ଏହି ଜରିମାନା ଅର୍ଥ ସଂଗ୍ରହ କରିବାକୁ ବିଚାରପତି ଦିକ୍ଷିତ କ୍ରୀଷ୍ଣା ଶ୍ରୀପଦ ୧୯୯୭ ମସିହାର ଏକ ଏକ୍‌ଜିକ୍ୟୁଶନ ମାମଲାର ରାୟରେ ଉଲ୍ଲେଖ କରିଛନ୍ତି। ଗୋଟେ ଛୋଟ ବିବାଦ ସମାଧାନ କରିବାରେ ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ଆବେଦନକାରୀଙ୍କୁ ୩ ଦଶନ୍ଧୀ ଧରି ମାମଲାର ଜାଲରେ ଛନ୍ଦି ହୋଇ ରହିବାକୁ ପଡ଼ିଲା ବୋଲି ଅଦାଲତ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ୧୯୭୦ ମସିହାରେ ଉଦୟ ନାଥ ସାହୁ ଏବଂ ଆର୍.ଏସ୍ ଭାଟିଆଙ୍କ ମଧ୍ୟରେ ଏକ ଜଙ୍ଗଲ ଜମି ଚୁକ୍ତିକୁ ନେଇ ବିବାଦ ହୋଇଥିଲା। ସୁପ୍ରିମ୍‌କୋର୍ଟ ୧୯୯୦ ମସିହାରେ ଉକ୍ତ ମାମଲାର ବିଚାର କରି ୨ପକ୍ଷଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରିଥିଲେ। ଏଥିସହିତ ଉକ୍ତ ଜମଙ୍ଗଲ ଜମି ଉପରେ ଥିବା ଗଛଗୁଡ଼ିକୁ ଚିହ୍ନଟ କରି ଉଭୟ ପକ୍ଷଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସର୍ବୋଚ୍ଚ ରାୟଙ୍କ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିଲା।




# ତୀର୍ଥଯାତ୍ରା ମଙ୍ଗଳମୟ ହେଉ: ପ୍ରଭାତୀ

## ପ୍ରଥମ ଟ୍ରେନ୍‌ରେ ଅଯୋଧ୍ୟା- ବାରାଣସୀକୁ ଯାତ୍ରା କଲେ ୭୭୫ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୧୦।୯ (ସୁଚିସ୍ମିତା ସାହୁ)**

ରାଜ୍ୟ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍ ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା, ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲାରୁ ୧୬୯ଜଣ, ପୁରୀରୁ ୧୨୭, କଟକରୁ ୧୯୭, ଜଗତ୍‌ସିଂହପୁରରୁ ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ରହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଟ୍ରେନ୍ ଟିକେଟ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରୁ କାଶୀ ବିଶ୍ୱନାଥ ଧାମକୁ ପ୍ରଥମ ଟ୍ରେନ୍‌ରେ ଯାଉଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହି ତୀର୍ଥଯାତ୍ରାରେ ୬ ଜିଲାରୁ ୭୭୫ ଜଣ ବରିଷ୍ଠ ନାଗରିକମାନେ ଅଯୋଧ୍ୟାରେ ଥିବା ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇପାରିବେ। ଏହାସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ପବିତ୍ର ଗଙ୍ଗା ଆଳତି ଓ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡିକୁ ପରିଦର୍ଶନ କରିପାରିବେ। ଏବର୍ଷ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ହଜାର ବରିଷ୍ଠ ନାଗରିକଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ସମସ୍ତ ନାଗରିକଙ୍କୁ ଶୁଭକାମନା ଜଣାଇଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡିବାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।

ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନୀଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଖୋର୍ଦ୍ଧା ଜିଲାପାଳ ଅମୃତ ଋତୁରାଜ ପ୍ରମୁଖ ଯୋଗଦେଇ ପ୍ରଥମ ଟ୍ରେନ୍ ଯାତ୍ରା ପାଇଁ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇଥିଲେ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ରନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ ଭୁବନେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ଜଣେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

# ଆଇଆଇଏମ୍‌ସି ଛାତ୍ରୀ ଅସ୍ମିତା କାନ୍ସ ଯିବା ପାଇଁ ମନୋନୀତ

**ସୂଚନା ପ୍ରସାରଣ ମନ୍ତ୍ରଣାଳୟର ପ୍ରତିନିଧି ଦଳରେ ସାମିଲ**



ଅସ୍ମିତା ଅଧିକାରୀ।

**ଢେଙ୍କାନାଳ,୧୦।୯ (ରତନ ନାୟାର)**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଇଂରାଜୀ ବିଭାଗର ଛାତ୍ରୀ ଅସ୍ମିତା ଅଧିକାରୀ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ହେଉଥିବା ଏମ୍‌ଆଇପିସିଓଏମ୍ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କାନ୍ସରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ସେ ଭାରତ ସରକାରଙ୍କର ସୂଚନା ପ୍ରସାରଣ ମନ୍ତ୍ରଣାଳୟର ସରକାରୀ ସ୍ତରର ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି। ୱେଭ୍ସ ବଜାର ଗ୍ଲୋବାଲ ଆଉଟରିଚ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିପାଇଁ ତାଙ୍କୁ ଭାରତୀୟ ଜନସଂଚାର ସଂସ୍ଥାନ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ତରଫରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏହି ଗସ୍ତ ପାଇଁ ମନୋନୀତ ହେବାପରେ ଅସ୍ମିତା ଖୁସିରେ ବିଭୋର ହୋଇପଡିଛନ୍ତି। ନିଜ ପ୍ରତିକ୍ରିୟାରେ ଅସ୍ମିତା କହିଛନ୍ତି, ମା', ବାପାଙ୍କୁ ଛାଡ଼ି ମୁଁ କେବେ ବାହାରକୁ ଯାଇନି। ପ୍ରଥମଥର ପାଇଁ ଏହି ସୁଯୋଗ ମିଳିଛି। ଏଥିପାଇଁ ମୁଁ ବହୁତ ଆନନ୍ଦିତ। ଅସ୍ମିତା କଳିକତାର ଉର୍ମିଳା ଅଧିକାରୀ ଓ ପଲାସ ଅଧିକାରୀଙ୍କ କନ୍ୟା ବୋଲି ଜଣାପଡ଼ିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୀ ଶିକ୍ଷକ ସଂଘ ଏବଂ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଜୟକିରଣ ସମ୍ମାନ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପବନ୍ଧୁ ଶିକ୍ଷା ମନ୍ଦିର ଲେନ୍, ଜଗତପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଇଣ୍ଡିଆ ଟି -ଟେନ୍ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନ୍‌ଶିପ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍, ପେଣ୍ଟକଟା, ପୁରୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନାୟକ କଲୋନୀ, କଦମବେଡ଼ା,ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- କଳା ପରିଷଦ ଢେଙ୍କାନାଳ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଯାହା କହିବି ସତ କହିବି',ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟଶ୍ରୀ ବରହମପୁର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜରାୟୁ', ସ୍ଥାନ:ସ୍ମୃତି ଭବନ, ବାରିପଦା,ସମୟ: ରାତି ୮ଟା ୩୦।

## ବ୍ରହ୍ମପୁର
- ଜିଲାସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ୍, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।

## ଜଗତ୍‌ସିଂହପୁର
- ମାସିକିଆ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଜିରୋ ପଏଣ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଗୋ-ଗ୍ରାମଶକ୍ତି ପରିବାରର ସ୍ୱଦେଶୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରତଳାଙ୍ଗ ରତ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।

## ନୟାଗଡ଼
- ସାରର ଅଭାବ ପ୍ରତିବାଦରେ କଂଗ୍ରେସର ଚାଷୀ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଦିପାଲାର ତୃତୀୟ ଦିବସ,ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗଡ ଭିତରସାହି, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଗୁଣପୁର, ସମୟ: ସକାଳ ୭ ଟା।
- ବ୍ଲକ୍‌ସ୍ତରୀୟ କ୍ରୀଡା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚନ୍ଦ୍ରପୁର, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଜିଲା ପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଭିଜିଲାନ୍ସ ମନିଟରିଙ୍ଗ କମିଟି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ
- ସମୟ : ଅପରାହ୍ନ ୪ଟା।

## ମାଲକାନଗିରି
- ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି, ସ୍ଥାନ: କାଲିମେଲା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ, ସ୍ଥାନ : ବୁର୍ଲା ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସକାଳ : ସକାଳ ୫ଟା ୩୦ ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟ୍‌ବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟ୍‌ବଲ ପଡିଆ, ସମୟ : ଅପରାହ୍ନ ୩ଟା ।
- .ଓଡ଼ଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ, ସ୍ଥାନ : ଶାସନ ପାବପାଲି, ସମୟ : ଅପରାହ୍ନ ୩ଟା ।

## ରାଉରକେଲା
- ଜୟହିନ୍ଦ କ୍ଲବ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବାସପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇକରଣ ବିରୋଧରେ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ସେକ୍ଟର- -୧୮, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ଅଞ୍ଚଳ ଉଚ୍ଚ ବିଦ୍ୟାଳୟ ଗୌଡ଼ମାଲ, ଝାରବନ୍ଧ,ସମୟ : ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି, ଉଦ୍ୟାନ ଓ ପ୍ରାଣୀଧନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ବୃଡାଖାଇ ଡଙ୍ଗର ମହୋତ୍ସବ ୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡଙ୍ଗର ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଜୈନ ଭବନ ଖରିଆର ରୋଡ, ସମୟ: ଅପରାହ୍ନ ୩ଟା।

# ୮୦% ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଆବେଦନକୁ କାନାଡାର ପ୍ରତ୍ୟାଖ୍ୟାନ

**ଓଟ୍ଟାଓ୍ୱା,୧୦।୯**

୨୦୨୫ରେ ୮୦% ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଆବେଦନକୁ କାନାଡା ପ୍ରତ୍ୟାଖ୍ୟାନ କରିଛି। ଏହା ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ। ଇମିଗ୍ରେଶନ, ରେଫ୍ୟୁଜିସ୍ ଆଣ୍ଡ୍ ସିଟିଜେନ୍‌ଶିପ୍ କାନାଡା (ଆଇଆର୍‌ସିସି)ର ତଥ୍ୟରୁ ଏହା ଜଣାପଡ଼ିଛି। ଚଳିତ ବର୍ଷ ଏସିଆ ଓ ଆଫ୍ରିକାର ଆବେଦନକାରୀଙ୍କୁ ଅଧିକ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାକୁ ପଡ଼ିଛି। ତେବେ ଭାରତୀୟ ଛାତ୍ରୀଛାତ୍ର ସର୍ବାଧିକ ପ୍ରଭାବିତ ହୋଇଥିବା ଆଇଆର୍‌ସିସି କହିଛି। ରିପୋର୍ଟ ଅନୁଯାୟୀ, ଉଚ୍ଚଶିକ୍ଷା ପାଇଁ ଭାରତୀୟ ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠ ପସନ୍ଦଯୋଗ୍ୟ ଦେଶରେ ମଧ୍ୟ ପରିବର୍ତ୍ତନ ଘଟିଛି। କାନାଡାକୁ ପଛକୁ ଠେଲି ଜର୍ମାନୀ ସର୍ବାଧିକ ୩୧% ଭାରତୀୟ ଛାତ୍ରୀଛାତ୍ରଙ୍କ ପସନ୍ଦ ପାଲଟିଛି। ୨୦୨୨ରେ ଉଚ୍ଚଶିକ୍ଷା ପାଇଁ ୧୮% ଭାରତୀୟ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ କାନାଡା ଥିବାବେଳେ ଏବେ ଏହା ୯%କୁ ହ୍ରାସ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଟରେ ଦେଖିଲେ କମାର**
**ଲୁହା ପଜେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବା ମାତ୍ରେ କେତେଜଣ ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡ଼େ ପଡିଗଲା, କାମଟା କରେଇନେବା ଚକ୍କରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଳ ପାଚିଲେ ବୋଲନ୍ତି ମଉସା**
**ପଙ୍କ ଚିପିଲେ ମିଳନ୍ତି ଗଡ଼ିଶା ।**

ବୟସ ବଢ଼ିଗଲେ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦେହ ହାତ ଶିଥିଳ ପଡ଼ିଯିବା ସହ ଆଖିକୁ ଭଲ ଦିଶି ନ ଥାଏ ଓ କେଶ ମଧ୍ୟ ପାଚିଯାଇଥାଏ। ଏପରି କେଶ ପାଚିଯାଇଥିବା ବ୍ୟକ୍ତିଙ୍କୁ ପିତୃସ୍ଥାନୀୟ ମାନ୍ୟତା ଦିଆଯାଇଥାଏ। ସେହିପରି ଗଡ଼ିଶା ମାଛ ପଙ୍କ ମଧ୍ୟରେ ରହିଥାଏ। ତାକୁ ଧରିବାକୁ ହେଲେ ପଙ୍କ ଘାଣ୍ଟିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଢ଼ୁଛି ୨ ଚକିଆ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା

- **୨୦୨୪ରେ ହେଲ୍‌ମେଟ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ**
- **ଧରାହୋଇଛନ୍ତି ୭,୮୯,୦୧୫ ବିନା ହେଲ୍‌ମେଟ ଚାଳକ**

**କଟକ,୧୦।୯(କାର୍ତ୍ତିକ ସାହୁ)**

ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ତଥାପି ଅନେକ ଗାଡ଼ିଚାଳକ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ଏହାକୁ ପାଳନ କରୁନାହାନ୍ତି। ଫଳରେ ଅକାଳରେ ଅନେକ ଜୀବନ ଚାଲିଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ତଥ୍ୟ ଅନୁଯାୟୀ ୨୦୨୪ ବର୍ଷରେ ରାଜ୍ୟରେ ୨ଚକିଆ ଯାନଜନିତ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ଏଥିସହ ହେଲ୍‌ମେଟ ପିନ୍ଧି ନ ଥିବାରୁ ସେହି ବର୍ଷ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଛି।

ସୂଚନାନୁସାରେ, ସଡ଼କ ଦୁର୍ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ହ୍ରାସ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ଦୁଇଚକିଆ ଯାନରେ ଚାଳକ, ଆରୋହୀ ଉଭୟ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି, ୨୦୨୪ରେ ହେଲ୍‌ମେଟ ନିୟମ ଉଲ୍ଲଂଘନ କରିଥିବା ଅର୍ଥାତ୍ ବିନା ହେଲ୍‌ମେଟ ଚାଳକ ୭,୮୯,୦୧୫ ଜଣ ଧରାପଡ଼ିଛନ୍ତି। ସଡ଼କ ସୁରକ୍ଷା ନିୟମ ପାଳନର ସବୁଠୁ ପ୍ରାଥମିକସ୍ତର ହେଉଛି ଦୁଇ ଚକିଆରେ ୨ରୁ ଅଧିକ ନ ଯିବା ଏବଂ ଉଭୟ ଚାଳକ ଓ ଆରୋହୀ ହେଲ୍‌ମେଟ ନିଶ୍ଚୟ ପିନ୍ଧିବା। ଏକଥା ପ୍ରାୟ ସମସ୍ତେ ଜାଣିଛନ୍ତି। କିନ୍ତୁ ହେଲ୍‌ମେଟ ପିନ୍ଧିବାରେ ଅବହେଳା କରିବା ମହଙ୍ଗା ସାବ୍ୟସ୍ତ ହେଉଛି। ୨୦୨୪ରେ ରାଜ୍ୟରେ ଦୁଇଚକିଆ ଯାନଜନିତ ୫୪୯୦ ଦୁର୍ଘଟଣା ଘଟିଥିବା ବେଳେ ୩୦୧୭ ଜୀବନହାନି ଘଟିଛି। ତନ୍ମଧ୍ୟରୁ ହେଲ୍‌ମେଟ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିଭଳି ଯଦି ଗତ ୩ବର୍ଷର ତଥ୍ୟରୁ ଜଣାଯାଏ ରାଜ୍ୟରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରୁ କେବଳ ଯଦି ହେଲ୍‌ମେଟ ପିନ୍ଧିଥାନ୍ତେ ତେବେ ୫୧୬୦ଜଣଙ୍କ ଜୀବନ ରକ୍ଷା ପାଇଯାଇଥାନ୍ତା।

ସଡ଼କ ଦୁର୍ଘଟଣାରେ ଜୀବନ ରକ୍ଷା କ୍ଷେତ୍ରରେ ହେଲମେଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ପୋଲିସ ପ୍ରଶାସନ ସହଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବରେ ଏନ୍‌ଫୋର୍ସମେଣ୍ଟରେ ହେଲ୍‌ମେଟ ଚେକିଂକୁ ଗୁରୁତ୍ୱ ଦେଇଥାଏ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକ ସମୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିୟମ ଉଲ୍ଲଂଘନକାରୀଙ୍କୁ ସେମାନଙ୍କ ମାନସିକତା ପରିବର୍ତ୍ତନ କରିବାକୁ କାଉନସେଲିଂ କରାଯାଇଛି। ହେଲ୍‌ମେଟର ମୂଲ୍ୟ ଓ ହେଲମେଟର ବୋଝ ଆମ ଜୀବନ ତୁଳନାରେ କିଛି ବି ନୁହେଁ। ତଥାପି ଅନେକ ଲୋକ ଏହା ଜାଣି ବି ଏହାର ବ୍ୟବହାର କରିବାରେ ଅବହେଳା ଦେଖାଇବା ଦୃଷ୍ଟିକୁ ଆସୁଛି। ତେଣୁ ଆଗକୁ ହେଲ୍‌ମେଟ ବ୍ୟବହାର ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଏବଂ ଏନ୍‌ଫୋର୍ସମେଣ୍ଟ ବୃଦ୍ଧି ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସଡ଼କ ଦୁର୍ଘଟଣା ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଦୁର୍ଘଟଣାର କାରଣଗୁଡ଼ିକର ଅନୁଧ୍ୟାନ କରି ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ତେଜିଲା ମାକ୍ରଁ ...

ବଢ଼ିବାରେ ଲାଗିଛି। ଦେଖିବାକୁ ଗଲେ ଫ୍ରାନ୍ସରେ ରାଜନୈତିକ ସ୍ତରରେ ଭୁଲ୍ ପଦକ୍ଷେପ ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ୟୁରୋପୀୟ ପାର୍ଲାମେଣ୍ଟରେ ମାକ୍ରଁଙ୍କ ଦଳର ଦୁର୍ବଳ ପ୍ରଦର୍ଶନ ପରେ ସାନି ନିର୍ବାଚନ କରାଇବା ନେଇ

ନିଷ୍ପତ୍ତି ତାଙ୍କ ସରକାରକୁ ଆହୁରି ଅସ୍ଥିର କରିଦେଇଥିଲା। ନୂଆ ନ୍ୟାଶନାଲ ଆସେମ୍ବ୍ଲି ବାମପନ୍ଥୀ ବ୍ଲକ୍, ମାରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ପାର୍ଟି ଓ ସେଣ୍ଟ୍ରିଷ୍ଟଙ୍କୁ ନେଇ ଭାଗଭାଗ ହୋଇଯାଇଛି। ଏଥିଯୋଗୁ ପୂର୍ବରୁ ୩ ଜଣ ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ, ମିଶେଲ ବର୍ନିଏ ଓ ଫ୍ରାଙ୍କୋଇସ୍ ବେରୌଙ୍କୁ ପଦ ହରାଇବାକୁ ପଡ଼ିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି, ଫ୍ରାନ୍ସରେ ସ୍ଥିରତା ଆଣିବାକୁ ହେଲେ ଟିକସ ବୃଦ୍ଧି ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫% ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହି ସବୁ ପ୍ରସଙ୍ଗରେ ମାକ୍ରଁଙ୍କ ଉଦାସୀନତାକୁ ଦେଶବାସୀ ନାପସନ୍ଦ କରି 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ଚଳାଇଛନ୍ତି। ବିଶେଷକରି ଟିକ୍‌ଟକ୍, X ଓ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଚ୍ୟାନେଲଗୁଡ଼ିକରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମ୍ପ୍ରତି ଦାନା ବାନ୍ଧିବାରେ ଲାଗିଛି। ଷ୍ଟ୍ରାଇକ୍, ବର୍ଜନ, ରାସ୍ତାରେ ବିକ୍ଷୋଭ ସହ ଶ୍ରମିକ, ଛାତ୍ରୀଛାତ୍ର ଓ ଅଧିକାର କର୍ମୀମାନେ ମାକ୍ରଁଙ୍କ ଅସମାନତା ନୀତିକୁ ଜୋର୍‌ଦାର ବିରୋଧ କରୁଛନ୍ତି। ଏହି ଆନ୍ଦୋଳନର କେହି କେନ୍ଦ୍ରୀୟ ନେତୃତ୍ୱ ନାହାନ୍ତି। ଏହାସତ୍ତ୍ୱେ ରାସ୍ତା ଅବରୋଧ, ବ୍ୟାଙ୍କରୁ ଅର୍ଥ ଉଠାଣ ଓ ବଡ଼ ସଂସ୍ଥାଗୁଡ଼ିକୁ ବର୍ଜନ କରିବା ୨୦୧୮-୧୯ର 'ୟେଲୋ ଭେଷ୍ଟ' ପ୍ରୋଟେଷ୍ଟର ସ୍ମୃତିକୁ ଉଜ୍ଜୀବିତ କରିଛି। ପୋଲିସ ବୁଧବାର ସକାଳେ ୭୫ ଜଣଙ୍କୁ ଅଟକ ରଖିଥିବାବେଳେ ଅପରାହ୍ନ ହେଲାବେଳକୁ ଗିରଫ ଆନ୍ଦୋଳନକାରୀଙ୍କ ସଂଖ୍ୟା ୩୦୦ ଛୁଇଁଛି। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିସ୍, ମାର୍ସିଲେ, ବସ୍ତିଆ, ଆଜାକ୍କିଓ ଓ ଅନ୍ୟ ସହରଗୁଡ଼ିକରେ ବିମାନବନ୍ଦର ପାଇ ସତର୍କତା ଜାରି କରିଛନ୍ତି। ଯାତ୍ରୀମାନେ ସେମାନଙ୍କ ବିମାନ ଚଳାଚଳରେ ବିଳମ୍ବ ଓ ରଦ୍ଦ ନେଇ ଯାଞ୍ଚ କରିନିଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି। ଏସବୁ ଭିତରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତି ସହ ମାକ୍ରଁଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଉଭା ହୋଇଛି। ରାଷ୍ଟ୍ରପତି ଭୋଟରଙ୍କ ନୈରାଶ୍ୟକୁ ଅଣଦେଖା କରି ନିଜ ଅନୁଗତଙ୍କୁ ଥଇଥାନ କରିବାକୁ ଉଦ୍ୟମ କରିଥିବା ସୋସିଆଲିଷ୍ଟ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।

### ଚଳିତ ମାସରେ ଆସିବ ...

ଯେଉଁମାନେ ଏଥିରେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସଚେତନତା କାର୍ଯ୍ୟକ୍ରମ କରାଯିବ। ମାସେବ୍ୟାପୀ 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବାରେ ବହୁ ଦିନ ବିଳମ୍ବ କରିସାରିଲେଣି। ୨୦୨୫ ଜାନୁଆରୀରୁ ନୂଆ ଅବକାରୀ ନୀତି ଆଣିବେ ବୋଲି ବିଭିନ୍ନ ସମୟରେ ଅନେକ ତାରିଖ ଦିଆଯାଇଥିଲା। ହେଲେ ସରକାର ଏହା ଆଣିବାରେ ସମୟ ଗଡ଼ାଇ ଚାଲିଛନ୍ତି। ପରବର୍ତ୍ତୀ ସମୟରେ ନୂଆ ଅବକାରୀ ନୀତି ଆଣିବା ଆଗରୁ ଦେଶର ଅନ୍ୟ କେତେକ ରାଜ୍ୟ କେଉଁ ନିୟମ ରଖିଛନ୍ତି ତାକୁ ଦେଖିବା ପରେ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହି କ୍ରମରେ ୨ଟି ରାଜ୍ୟରୁ ତଥ୍ୟ ସଂଗ୍ରହ ପରେ ସରକାର ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

### ଅକ୍ଟୋବରରୁ ...

ବାଟ ଫିଟିପାରେ। ସାଢ଼େ ୩ ଘଣ୍ଟା ଧରି ଚାଲିଥିବା ଆଲୋଚନା ବେଳେ ଏସ୍‌ଆଇଆର୍ ପାଇଁ ଲଜିଷ୍ଟିକ୍ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ରିଭିଜନ୍ ବେଳେ ମତଦାତାଙ୍କ କେଉଁସବୁ ଦସ୍ତାବିଜକୁ ଯାଞ୍ଚ ପାଇଁ ଗ୍ରହଣ କରାଯାଇପାରିବ ସେନେଇ ଏକ ତାଲିକା ପ୍ରସ୍ତୁତ କରିବାକୁ ସିଇଓମାନଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରେ ସଂଶୋଧନ କରି ମୃତ ବ୍ୟକ୍ତି, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ନକଲି ଭୋଟର, ଅଣନାଗରିକମାନଙ୍କ ନାମ ହଟାଇବା ଏବଂ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

### ଶିଳ୍ପ, ବ୍ୟବସାୟିକ ...

ସେ ୫୧୯୦୬.୯୬୭୧୧ ଲକ୍ଷ ଟଙ୍କା କର ଦେବାକୁ ଅଛି। ସେହିପରି ଜେ.କେ.ଆକ୍ୱା ପ୍ରଡକ୍ଟ ୨.୧୬୪୩୧ ଲକ୍ଷ ଟଙ୍କା, ରାୟଗଡାର ତେଜସ୍ୱୀ ହୋଟେଲ ୫.୫୧୦୯୭ ଲକ୍ଷ, ରାୟଗଡା ବାସୁଦେବ ଲଜ୍ ୨.୨୩୫୭୨ ଲକ୍ଷ, ପାରଳାଖେମୁଣ୍ଡି ସହରକୁ ଜଳଯୋଗାଣ କରୁଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୧୦.୪୧୨୪ ଲକ୍ଷ, ରାୟଗଡା ଜନସ୍ୱାସ୍ଥ୍ୟ ବିଭାଗ ୬.୨୮ ଲକ୍ଷ, ରାୟଗଡା ରେଲଓ୍ୱେ ବିଭାଗ ୫୮.୫୨୬୨୯ ଲକ୍ଷ, ମିଟସ୍ ଇଞ୍ଜିନିୟରିଂ କଲେଜ ୧୨.୩୨ ଲକ୍ଷ ଟଙ୍କା ବାକି ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବିଭିନ୍ନ ନଦୀ, ନାଳ ଜରିଆରେ ପମ୍ପ ସାହାଯ୍ୟରେ ଏମାନେ ପାଣି ନେଉଥିବାବେଳେ ଜଳକର ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳ ସମ୍ପଦ ବିଭାଗ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ନିର୍ବିଘ୍ନ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିଠି ଆସିନାହିଁ। ଚିଠି ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ଶେୟାର ବଜାର, ପାଇଁ ଅନୁକୂଳ ରହିବ। ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତ ହେବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସତର୍କତା ଅଭାବରୁ ଧନହାନି, ଧାରକରଜ, ଆଇନ ଅଦାଲତ, ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ କରାଇବ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ଅଭିଳାଷ ପୂରଣ ପାଇଁ ଆଶା କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ପରିବାରରେ ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ପାଇବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୂଚନା ରହିଛି। ବନ୍ଧୁମିଳନ ସାଙ୍ଗକୁ କର୍ମସାଫଲ୍ୟର ପ୍ରଶଂସା ଓ ଆର୍ଥିକ ଅନୁଦାନ ପ୍ରାପ୍ତିର ଆଶା କରାଯାଇପାରେ। ତଥାପି ଈର୍ଷାପରାୟଣ ଗୁପ୍ତ ଶତ୍ରୁମାନଙ୍କ ପ୍ରତି ସତର୍କତାର ଆବଶ୍ୟକତା ରହିଛି।

**ସିଂହ** ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସାଙ୍ଗକୁ ଯୁକ୍ତିସଙ୍ଗତ ମଧୁର କଥା ପ୍ରତ୍ୟେକ ପରିସ୍ଥିତିକୁ ସାବଲୀଳ କରିଦେବ। ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କରୁ ପ୍ରଶଂସିତ ମଧ୍ୟ ହେବେ। ପାରିବାରିକ ଜୀବନରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ସୁଧାରି ନେଇପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଆଜି ଯାହାକୁ ଯାହା କହିବେ କିମ୍ବା କରିବାକୁ ଯିବେ ତାହାର ପୁନର୍ବିଚାର କରିବା ଭଲ ହେବ। ଜମିଜମା, ଯାନ୍ତ୍ରିକ ଜିନିଷ, ଯାନବାହନ ସମ୍ପର୍କିତ କାମକୁ ସତର୍କତାର ସହ କରନ୍ତୁ। ସନ୍ତାନ ହେତୁକ କିଛି ନିଷ୍ପତ୍ତି ନେବା କ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ।

**ତୁଳା** ଆଜି କର୍ମକ୍ଷେତ୍ରରେ ବିଜାତୀୟବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟାର କାରଣ ହେବ। ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିବା ମନ୍ଦ ହେବନି। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ। ସାଧାରଣ କଥାରେ ପାରିବାରିକ ଅଶାନ୍ତି ହେତୁକ ଅବସାଦ ଦେଖାଦେଇପାରେ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ ହୋଇ ଧାର କରଜ କରି ଆବଶ୍ୟକତା ଚଳାଇ ନେଇପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ଶାନ୍ତି ଫେରି ଆସିବ ଓ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବୈଦ୍ୟୁତିକ ଗଣମାଧ୍ୟମ, ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଗୌରବ ଆଣିଦେବ। କଠୋର କଥା କହିବାରୁ ଅଶାନ୍ତି ଦେଖାଦେଇପାରେ।

**ମକର** ସ୍ୱାସ୍ଥ୍ୟସମସ୍ୟା ନିମ୍ନାଭିମୁଖୀ ହେଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରିସ୍ଥିତିବଶତଃ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ। ମାତ୍ର ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ ପୂର୍ବାପେକ୍ଷା ନିୟନ୍ତ୍ରଣରେ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ଚିନ୍ତା କରିବାକୁ ପଡିବ। ବନ୍ଧୁଙ୍କ ସହାୟତାରେ ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେଉଁ କାମ ଅଟକିବ ନାହିଁ ସିନା ସହଜ ଓ ସୁବିଧାରେ ସମ୍ପନ୍ନ ବି ହେବ ନାହିଁ। ସମ୍ପର୍କୀୟା ମହିଳାଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ବନ୍ଧୁଙ୍କ ଆଲୋଚନାରୁ ଖୁସି ରହିବେ।

ଆଜି ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, (ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣ, ୧୧।୦୯।୧୮୯୩), ଆଶ୍ୱିନ କୃଷ୍ଣପକ୍ଷର ଚତୁର୍ଥୀ ଯୁକ୍ତ ଅଶ୍ୱ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ଦିବା ଘ. ୦୧.୫୮ ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୬ ଗତେ, ଘ.୦୭.୧୪ ମଧ୍ୟେ, ଘ.୧୦.୨୯ ଗତେ ଘ.୧୨.୫୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୧୪ ଗତେ ଘ.୦୨.୪୬ ମଧ୍ୟେ ରାହୁ କାଳ ।

## ବିବାହର ୮ ଦିନ ପରେ ଯୁବକଙ୍କ ଆତ୍ମହତ୍ୟା

**ଜଳେଶ୍ୱର, ୧୦।୯(ନବୀନ ସାହୁ)**

ଜଳେଶ୍ୱର ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଜଳେଶ୍ୱର ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଛି। ସୂଚନା ଅନୁସାରେ ପଶ୍ଚିମବାର୍ଡ଼ ପଞ୍ଚାୟତର ଦେବକୁମାର ଗ୍ରାମର ନାରାୟଣ ମାହାଳିଙ୍କଙ୍କ ସାନ ପୁଅ ତପନ(୨୬) ଗତ ୮ ଦିନ ହେଲା ବିବାହ କରିଥିଲେ। ପାରିବାରିକ ବିଶୃଙ୍ଖଳା କାରଣରୁ ଆତ୍ମହତ୍ୟା କରିଛନ୍ତି ବୋଲି ସୂଚନା ମିଳିଛି।

## ବୋଦା ଚୋରି ଘଟଣାରେ ୨ ଯୁବକ ଅଟକ

**ନୀଳଗିରି, ୧୦।୯(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ଧୋବଶିଳା ଛକରେ ଏକ ବୋଦା ଶୋଇଥିବା ବେଳେ ମଙ୍ଗଳବାର ରାତି ୧୦ଟା ବେଳେ ୨ଜଣ ଯୁବକ ଏକ ବାଇକରେ ଟେକି ନେଇ ବରହମପୁର ଥାନା ଅଧୀନ ବାରକୁଦା ଗ୍ରାମର ଶରତ ସେନାପତିଙ୍କୁ ୧୩ହଜାର ଟଙ୍କାରେ ବିକ୍ରି କରିଥିଲେ। ବାଇକ୍‌ରେ ନେଲା ବେଳେ ବୋଦା ମୁହଁକୁ ବାନ୍ଧି କରି ନେଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ଛାନଭିନ ଆରମ୍ଭ କରି ବାଇକ୍, ଚୋରି ବୋଦା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

# ତାଳସାରୀ ସାମୁଦ୍ରିକ ଥାନାରେ ତଦନ୍ତକାରୀ ଟିମ୍

## ଏସ୍‌ପିଙ୍କୁ ଚିଠି ଲେଖିଲେ ବିଧାୟକ

**ଭୋଗରାଇ, ୧୦।୯(ପ୍ରଦୀପ ଦାସ)**

ଭିନ୍ନମୋଡ଼ ନେଉଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସାମୁଦ୍ରିକ ଥାନାରେ ସୋମବାର ଘଟିଥିବା ବ୍ରାଉନସୁଗାର ଜବତ ଘଟଣା। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ବାଲେଶ୍ୱର ଏସ୍‌ପିଙ୍କୁ ଏହି ଘଟଣାର ଅବିଳମ୍ବେ ତଦନ୍ତ କରି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଟୁଇଟ କରିଥିଲେ। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ବୁଧବାର ମଧ୍ୟାହ୍ନରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଜଳେଶ୍ୱର ଆଇଆଇସି ଜୟନ୍ତ କୁମାର ବେହେରା, ଭୋଗରାଇ ଆଇଆଇସି ରୋହିତ କୁମାର ବଳ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ତାଳସାରୀ ସାମୁଦ୍ରିକ ଥାନାକୁ ଆସି ଆଇଆଇସି ଚମ୍ପାବତୀ ସୋରେନ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ବ୍ରାଉନସୁଗାର ସମ୍ପର୍କରେ ବଝିବା ସହିତ ସିସିଟିଭି ଫୁଟେଜକୁ ଯାଞ୍ଚ କରିଫେରିଛନ୍ତି। ଏହି ପୋଲିସ ଟିମ୍ ବୁଧବାର ସନ୍ଧ୍ୟା ସୁଦ୍ଧା ତାଙ୍କ ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷକୁ ଜଣାଇବାର ନିର୍ଦ୍ଦେଶ ମଧ୍ୟ ରହିଛି।

ସୂଚନାନୁଯାୟୀ, ରବିବାର



ଟିମ୍‌ର ସଦସ୍ୟମାନେ ପଚରାଉଚରା କରୁଛନ୍ତି।

ରାତିରେ ଏକ କାର୍ ସହିତ ୪ଜଣ ଯୁବକ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ସେମାନଙ୍କୁ କାବୁ କରିବା ସହ ଥାନାକୁ ଆଣିଥିଲା। ସେମାନଙ୍କଠାରୁ ବ୍ରାଉନସୁଗାର ଓ ଗାଡିକୁ ଜବତ କରିବା ସହିତ ସମସ୍ତଙ୍କୁ ଅଟକ ରଖିଥିଲେ । ସୋମବାର ସକାଳେ ତାଳସାରୀ ମେରାଇନ ଥାନାରୁ ସନ୍ଦେହଘେରରେ ଥିବା ୩ଜଣ ବ୍ରାଉନସୁଗାର ବେପାରୀଙ୍କ ସହିତ ଅଟକ ଥିବା କାର୍(ନଂ.ଓଡି୦୫-ଏଇ -୪୨୬୬)କୁ ଖସାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଅପରାହ୍ନ ୩ଟାରେ ଥାନାରୁ ଜଣଙ୍କୁ କାର୍ ବଦଳରେ ଅନ୍ୟ ବାଇକ୍(ନଂ.ଓଡି ୦ ୧- ଏଜେଡି -୯୮୧୫) ଆଣି ସାହାବାଜିପୁର ବାର୍ ରାସ୍ତାରେ ଖବରଦାତାଙ୍କ ସମ୍ମୁଖରେ ୩୦.୯୫୦ ଗ୍ରାମ ବ୍ରାଉନସୁଗାର ଓ ଏକ ମୋବାଇଲ ଜବତ କରିଥିବା ପୋଲିସ ସଫେଇ ଦେଇଥିଲା। କମର୍ଦ୍ଦା ଥାନା କଣ୍ଟାବଣି ଗ୍ରାମର ଦୀପକ କୁମାର ନାୟକଙ୍କୁ ଗିରଫ କରି ଏକ ମାମଲା(ନଂ.୭୯/୨୫)ରେ ରୁଜୁ କରି ପ୍ରାଥମିକ ତଦନ୍ତ କରାଯାଉଥିବାର ଥାନା ଅଧିକାରିଣୀ ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କୁ ସିନ ରିକ୍ରିଏଶନ ପରେ ଥାନା ଅଧିକାରିଣୀଙ୍କୁ ଗଣମାଧ୍ୟମ ପ୍ରତିନିଧି ଏହି ଘଟଣା ସମ୍ପର୍କିତ ପଚାରିବାରୁ ସେ ଏହି ଘଟଣାକୁ ଏଡାଇଯାଇ ତରବରିଆ ଭାବେ ମୋର ବି ଭୁଲ ହୋଇଥାଇପାରେ, ଆପଣମାନଙ୍କୁ ମୁଁ ସମ୍ମାନ ଦିଏ, ଥାନାକୁ ଆସନ୍ତୁ ଆଦି ଫୋନରେ କହି ନେହୁରା ହେବା ଅଡିଓ ସୋସିଆଲ ମିଡିଆରେ ଘୂରି ବୁଲିବା ଥାନାଧିକାରିଣୀଙ୍କୁ ହରଡ଼ଘଣାରେ ପକାଇଛି। ଏହି ଘଟଣାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଗମ୍ଭୀର ସହ ନେଇ ସରକାର ଓ ପୋଲିସ ନିଶା କାରବାରକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବାଲେଶ୍ୱର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

# ଚାନ୍ଦା ନ ଦେବାରୁ ଆର୍‌ଆଇଙ୍କୁ ମରଣାନ୍ତକ ଆକ୍ରମଣ

## ୧୦ହଜାର ଟଙ୍କା, ସୁନାଚେନ୍ ଛଡାଇନେଲେ

**ଜଳେଶ୍ୱର, ୧୦।୯(ନବୀନ ସାହୁ)**

ଜଳେଶ୍ୱର ତହସିଲ ଅଧୀନ ରାଇବଣିଆ ଆରଆଇ ନିଶିକାନ୍ତ ସିଂ ସୋମବାର ସନ୍ଧ୍ୟାରେ ଡ୍ୟୁଟି ସାରି ତହସିଲ ଅଫିସକୁ ଆସୁଥିବା ବେଳେ ଲକ୍ଷ୍ମଣନାଥ ରୋଡ ନିକଟରେ ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ରାଇବଣିଆ ଆରଆଇ ସିଂ ଆରଆଇ ଅଫିସରୁ କାମ ସାରି ଜଳେଶ୍ୱର ତହସିଲଦାରଙ୍କୁ ସାକ୍ଷାତ୍ କରିବା ପାଇଁ ତହସିଲ ଅଫିସକୁ ଆସୁଥିଲେ। ତେବେ ଅଗ୍ରୱାଲା ଛକ ଦେଇ ଆରଆଇ ନିଶିକାନ୍ତ ଜାତୀୟ ରାଜପଥକୁ ଯାଉଥିବା ବେଳେ ଲକ୍ଷ୍ମଣନାଥ ରୋଡ ନିକଟସ୍ଥ ସ୍ଲିପ ରୋଡରେ ଦେଉଳା ଗ୍ରାମର ରଞ୍ଜନ ଦାସ(୨୪) ଓ ଅନ୍ୟ ଜଣେ ଯୁବକ ତାଙ୍କୁ ଅଟକାଇ ଚାନ୍ଦା ମାଗିଥିଲେ। ସେ ଚାନ୍ଦା ଦେବାକୁ ମନା କରିବାରୁ ରଞ୍ଜନ ଦାସ ଏକ ହେଲମେଟରେ ନିଶିକାନ୍ତଙ୍କୁ ନିସ୍ତୁକ ପିଟିଥିଲେ। ଏହାପରେ ଏକ ଲୁହା ରଡରେ ଆରଆଇ ସିଂଙ୍କ ମୁଣ୍ଡକୁ ଜୋର୍‌ରେ ଆଘାତ ଦେଇଥିଲେ। ଜାତିଆଣ ଆକ୍ଷେପ କରିବା ସହ ତାଙ୍କ ବେକରୁ ସୁନାଚେନ ଓ ପକେଟରେ ଥିବା ଆରଆଇ ଅଫିସର ରାଜସ୍ୱ ତଥା ଅନ୍ୟାନ୍ୟ ଟଙ୍କାକୁ ମିଶାଇ ୧୦ହଜାର ଟଙ୍କା ଛଡାଇ ନେଇ ପଳାଇଥିଲେ। ଆରଆଇ ସିଂ ବହୁତ କଷ୍ଟରେ ତହସିଲ ଅଫିସକୁ ଆସି ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ ସିଂଙ୍କୁ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁଣି ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ତହସିଲଦାର ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର



ଏମ୍‌ଜିଏନଆରଇଜିଏସ୍ ଜନଶୁଣାଣି ଶିବିର।

**ଔପଦା, ୧୦।୯(ଧରିତ୍ରୀ ପଣ୍ଡା)**

## ଅଭିଯୋଗକାରୀ ଶୂନ୍

ଔପଦା ବ୍ଲକସ୍ତରୀୟ ଏମ୍‌ଜିଏନଆରଇଜିଏସ୍ ଜନଶୁଣାଣି ଶିବିର ଆକାଂକ୍ଷା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଜବକାର୍ଡଧାରୀ ଉପସ୍ଥିତ ନ ଥିବାରୁ ଅଭିଯୋଗ ଶୂନ ଥିବା ଜଣାଯାଇଛି। ଏମ୍‌ଜିଏନଆରଇଜିଏସ୍‌ର ବ୍ଲକ ସଂଯୋଜକ ଜ୍ୟୋତିରଞ୍ଜନ ପୃଷ୍ଟି ଯୋଜନାର କାର୍ଯ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ବେହେରା, ବିଡିଓ ଶାଶ୍ୱତୀ ସଦୁଆଳ, ବ୍ଲକ ନିର୍ବାହୀଯନ୍ତ୍ରୀ ମମତାରାଣୀ ମହନ୍ତ, ଜିପିଓ ଦୀପକ ମହନି, ବ୍ଲକ ସାମାଜିକ କର୍ମୀ ଗୌତମ ପଣ୍ଡାଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍‌ମାନେ ଉପସ୍ଥିତ ଥିଲେ। ଏହି ଯୋଜନାର କାର୍ଯ୍ୟ ସମ୍ପର୍କରେ ଫତେପୁର ପଞ୍ଚାୟତର ଅଧିବାସୀ ପ୍ରଫୁଲ୍ଲ ପାତ୍ର ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ ମଧ୍ୟ କୌଣସି ତଥ୍ୟ ମିଳୁ ନ ଥିବାରୁ ଜିଲା ଅଧିକାରୀଙ୍କଠାରେ ଅଭିଯୋଗ କରିଥିବା ଜଣାଯାଇଛି।

# ଶିକ୍ଷା, ସଂସ୍କାରର ଭିତ୍ତିଭୂମି ଗୁରୁକୁଳ ଶିକ୍ଷାଶ୍ରମ



ଉତ୍ସବରେ ଅତିଥିଙ୍କ ସହ ଅନ୍ତେବାସୀ।

**ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)**

ଗୁରୁ ହେଉଛନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ବିନା ଜୀବନରେ ସାର୍ଥକତା ଆସେ ନାହିଁ। ଗୁରୁକୁଳ ଶିକ୍ଷାଶ୍ରମରେ ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ। ବାସ୍ତବରେ ଶିକ୍ଷା, ସଂସ୍କାରର ଭିତ୍ତିଭୂମି ଗୁରୁକୁଳ ଶିକ୍ଷାଶ୍ରମ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମରେ ଗୁରୁ ଦିବସ ଓ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାଶ୍ରମ ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ନୀଳମଣି ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ୍, ମୁଖ୍ୟବକ୍ତା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୌରହରି ପ୍ରହରାଜ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ବାସୁଦେବ ଶାସ୍ତ୍ରୀ ଓ ଜୟକୃଷ୍ଣ ଗିରି, ପଣ୍ଡିତ ସୁରେନ୍ଦ୍ର ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ତତ୍ତ୍ୱାବଧାନରେ ଯଜ୍ଞ, ବୃକ୍ଷରୋପଣ ଓ ଆଶିର୍ବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଗଣେଶ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ବାଘାଯତୀନ ଥିଲେ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କର୍ଣ୍ଣଧାର

## ଶହୀଦଙ୍କ ୧୧୦ତମ ସ୍ମୃତି ଦିବସ

**ବାଲେଶ୍ୱର, ୧୦।୯(ବାଞ୍ଛାନିଧି ଦେ)**

ବାଲେଶ୍ୱରସ୍ଥିତ ବାରବାଟି ବାଳିକା ହାଇସ୍କୁଲ ପରିସରରେ ବାଘାଯତୀନ ଉନ୍ନୟନ କମିଟି ଆନୁକୂଲ୍ୟରେ ଶହୀଦ ବାଘାଯତୀନଙ୍କ ୧୧୦ତ ସ୍ମୃତି ଦିବସ ବୁଧବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଏହି ଉତ୍ସବରେ ପୌରୋହିତ୍ୟ କରି ଶହୀଦଙ୍କ ଅମର ଗାଥା ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶହୀଦ ବାଘାଯତୀନଙ୍କ ଅଦମ୍ୟ ସାହସିକତା, ବଳିଷ୍ଠ ନେତୃତ୍ୱ ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଅବିସ୍ମରଣୀୟ। ତାଙ୍କର ବଳିଦାନ ଓ ଦେଶପ୍ରେମ ଇତିହାସରେ ବିରଳ। ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ସେ ଜଣେ ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ବକ୍ତବ୍ୟରେ କହିଥିଲେ।

କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ୍ କୁମାର ଦେବ ସ୍ୱାଗତ ବକ୍ତବ୍ୟ ଓ କମିଟିର



ସ୍ମୃତିସଭାରେ ବିଧାୟକଙ୍କ ସହ ଅତିଥିଗଣ।

ସମ୍ପାଦକ ହରେନ୍ ଚନ୍ଦ୍ର ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜାତୀୟ ରାଜପଥ ଡାକ ବଙ୍ଗଳାରେ 'ରକ୍ତତୀର୍ଥ' ଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହରରେ ଥିବା ଉତ୍କଳମଣି ଗୋପବନ୍ଧୁ, ଫକୀର ମୋହନ ସେନାପତି, ବିଜୁ ପଟ୍ଟନାୟକ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଜା ବୈକୁଣ୍ଠ ଦେବ, ମହାତ୍ମା ଗାନ୍ଧୀ ଓ ବାଘାଯତୀନ କ୍ଲବ ଠାରେ ଥିବା ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଦତ୍ତ ଉଦ୍‌ଘାଟନ କରିଥିଲେ। ବାଘାଯତୀନ ହାଇସ୍କୁଲ, ଚଷାଖଣ୍ଡ ଦେଶୁଆ ପୋଖରୀସ୍ଥିତ 'ରକ୍ତ ତୀର୍ଥ', ଜିଲା କାରାଗାରରେ ଥିବା ଫାଶୀ ମଞ୍ଚ ଓ ସ୍ମୃତି ମଣ୍ଡପରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ମହତୀପୁର ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା



ପରିଚାଳନା କମିଟି ତରଫରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ।

**ଖଇରା, ୧୦।୯(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏବିଇଓ ମାଣିକ ମିଶ୍ର ମୁଖ୍ୟଅତିଥି, ଅଧ୍ୟାପକ ଉମାକାନ୍ତ ନାୟକ ମୁଖ୍ୟବକ୍ତା, ସିଆରସିସି ଦିଲୀପ ସାହୁ, ପ୍ରାକ୍ତନ ସିଆରସିସି ମାୟାଧର ଜେନା, ଅଧ୍ୟାପକ ଗୋପବନ୍ଧୁ ମହାପାତ୍ର, ସରପଞ୍ଚ ଆରତୀ ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ୱାର୍ଡସଭ୍ୟା ଟୁନି ରାଉତ, ମହତୀପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବନିତା ସିଂ, ଶିକ୍ଷକ ନେତା ବିଜୟ କୁମାର ଦ୍ୱିବେଦୀ, ଶଙ୍କର୍ଷଣ ଜେନା ଓ ଦାମୋଦର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଅତିଥିପରିଚୟ ଓ ରମାକାନ୍ତ ଗିରି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର, ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯିବା ପରେ ଛାତ୍ରୀଛାତ୍ର କାନ୍ଦି କାନ୍ଦି ଶୋଭାଯାତ୍ରାରେ ନେଇ ଘରେ ଛାଡିଥିଲେ। କରୁଛନ୍ତି ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସୋର, ୧୦।୯(ଜନ୍ମେଜୟ ମିଶ୍ର)**

ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ବୁଧବାର ବାଲେଶ୍ୱର ଜିଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ସୋର ଅଞ୍ଚଳ କମିଟି ସଭାପତି ଶିକ୍ଷାବିତ୍ ମହେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗଣଧାରଣା ସୋର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସଭାପତି କେଶବ ଚନ୍ଦ୍ର ପଣ୍ଡା ଜିଲାରେ ଗଠିତ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ୨୦୨୧୦ାରୁ ଦୀର୍ଘ ୪ବର୍ଷ ଧରି ବାଲେଶ୍ୱର ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀଙ୍କଠାରେ ଦାବି କରି ଆସୁଥିଲେ। ରାଜ୍ୟ ସରକାର ବାଲେଶ୍ୱର ଜିଲାକୁ ବାଦ୍ ଦେଇ ଅନ୍ୟ ୩ଟି ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିବା ପରିତାପର ବିଷୟ। ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରାମାଣିକ, ସୋର ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା ମଳିକ, ଜିଲା ପରିଷଦ ସଦସ୍ୟ ରାଜାରାମ ଦାଶ, ଜିଲା କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଅଭୟ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ ଧାରଣାରତ ଆନ୍ଦୋଳନକାରୀଙ୍କୁ ଉଦ୍‌ବୋଧନ ଦେଇ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଅଧିକ ତୀବ୍ରତର କରିବାକୁ ମତ ରଖିଥିଲେ।

# ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ : ସୁବାସିନୀ

## ବସ୍ତା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



ବୈଠକରେ ମଞ୍ଚାସୀନ ବିଧାୟିକା ଓ ଅନ୍ୟମାନେ।

**ବାଲେଶ୍ୱର(ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢୀ), ୧୦।୯**

ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଧାୟିକା ସୁବାସିନୀ ଜେନା ଅଧ୍ୟକ୍ଷତା କରି ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ ପରିଚାଳନା କରିଥିଲେ। ଉପଜିଲାପାଳ ଶିବ ମାଲଭୀୟ, ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ଉପାଧ୍ୟକ୍ଷ ଦିଲୀପ ଦାସମହାପାତ୍ର, ତହସିଲଦାର ସୁଶାନ୍ତ ପଟ୍ଟନାୟକ, ବିଡିଓ ମିହିର ରଞ୍ଜନ ଦାସ, ଜିଲାପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଜଳକା ନଦୀରେ ଲଗାତାର ବନ୍ୟା ଆସି କ୍ଷୟକ୍ଷତି ହୋଇଥିବା ବିଭିନ୍ନ ପଞ୍ଚାୟତରେ ଠିକ୍ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବା ପାଇଁ କୃଷି ବିଭାଗ ଅଧିକାରୀଙ୍କୁ ବିଧାୟିକା କହିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହାୟତା ପ୍ରଦାନ ନିମନ୍ତେ ଦାବି କରିଥିଲେ। ରାସ୍ତାଘାଟ ମରାମତି, ତୁରନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପଳପଳା ଶାଖା ନଦୀରୁ ଜଳ ନିଷ୍କାସନ, ୧୭ଟି ପଞ୍ଚାୟତରେ ପାନୀୟଜଳ ସମସ୍ୟା, ମହିଳା ଓ ଶିଶୁ ବିକାଶ ବିଭାଗ, ଯୋଗାଣ ବିଭାଗ ଆଦିର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସୁଭଦ୍ରା ଯୋଜନାରେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ସମ୍ପର୍କରେ ତଦନ୍ତ ହେବ ବୋଲି ଆଲୋଚନା ହୋଇଥିଲା। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସମସ୍ୟା ସମ୍ପର୍କରେ ନିଜେ ଉପଜିଲାପାଳ ମାଲଭୀୟ ତଦାରଖ କରିବେ ବୋଲି କହିଥିଲେ।

# ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦର ସାଇକେଲ ଯାତ୍ରା

## ସୁବର୍ଣ୍ଣରେଖା ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ଦାବି

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୦।୯**

ସ୍ୱାଧୀନତା ସଂଗ୍ରାମୀ ବାଘାଯତୀନଙ୍କ ବଳିଦାନ ଦିବସ ଉପଲକ୍ଷେ ବାଲିଆପାଳ ବ୍ଲକର ବାଘାଯତୀନ ସ୍ମୃତି ପରିଷଦ, ଯୁବ ବିକାଶ ଫାଉଣ୍ଡେଶନ ମିଳିତ ସହଯୋଗରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣରେଖା ନଦୀ ବନ୍ଧ ଆମର ଦାବି ସ୍ଲୋଗାନ ଦେଇ ଏହି ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା।

ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୨ ମାସ ମଧ୍ୟରେ ୬ଥର ବନ୍ୟା ଆସି ଚାଷୀ କୂଳକୁ ହତାଶ କରିଛି। ଏହି ବନ୍ୟା କେବଳ ମୁକୁଳା ନଦୀବନ୍ଧ ପାଇଁ ଘଟିଛି। ଯଦି ସରକାର ସୁବର୍ଣ୍ଣରେଖା ନଦୀ ବନ୍ଧକୁ ମାନପୁରଠାରୁ ଚଉମୁଖ ପର୍ଯ୍ୟନ୍ତ ସ୍ଥାୟୀ ନଦୀ ବନ୍ଧ ସହିତ ନଦୀ ମୁହଁକୁ ଭଲଭାବରେ ଖନନ କରିବାର ବ୍ୟବସ୍ଥା କରିବେ ତାହେଲେ ସୁବର୍ଣ୍ଣରେଖା ବନ୍ୟାଜଳ ତଳିଆ ଅଞ୍ଚଳକୁ ନ ଯାଇ ସିଧା ସମୁଦ୍ରକୁ ଚାଲିଯାଆନ୍ତା। ଏସବୁକୁ ଦୃଷ୍ଟିରେ ରଖି ସୁବର୍ଣ୍ଣରେଖା ନଦୀରେ ସ୍ଥାୟୀ ନଦୀବନ୍ଧ ଦାବୀରେ ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ବୁଧବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ଏକ ସାଇକେଲ ଶୋଭାଯାତ୍ର ବାହାରି ଦେଭୋଗ, ଜାମଳା, ମାନପୁର, ଧରମଦ୍ୱାର, ଭୈରବ ମେଳା ପଡ଼ିଆ, ପାରୁଳିଆ, ବଡ଼ାପାଳ, ଅସ୍ତୀ, ଗୁନାପୁର କୁଦମାନସିଂ, ଆଠବାଟିଆ, ବାଲିଆପାଳ ସୁଙ୍ଗମୁହଁ, ବିଷ୍ଣୁପୁର, ନୟାବାଲି, ରସଲପୁର, ଇକଡପାଳ ଦେଇ ସନ୍ଧ୍ୟାରେ କୁହ୍ଲାଚଡ ଗ୍ରାମରେ ପହଞ୍ଚିଥିଲେ ଏବଂ ଉକ୍ତ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଗ୍ରାମବାସୀ ରାତ୍ରିଯାପନ ବ୍ୟବସ୍ଥା କରାଇଥିଲେ। ବିଭିନ୍ନ ଗ୍ରାମର ବାସିନ୍ଦା ସାଇକେଲ ଅଭିଯାତ୍ରୀମାନଙ୍କୁ ସବୁଠି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇଥିଲେ। ଗୁରୁବାର ପୂର୍ବାହ୍ନରୁ ସାଇକେଲ ଶୋଭାଯାତ୍ରା କୁହ୍ଲାଚଡ଼ ଗ୍ରାମରୁ ବାହାରି ତାଳପଦା, ଜୁଣପାହି, କେନ୍ଦୁଆଡ଼ିଆ, ତାହାଳିଆ, ଜଗାଇ, ଯୁଗ ଡିହା, ଚଉଡମାଦଳ ଛକ, ବଡ଼ ଗୁମୁଟି ଛକ ଦେଇ କଙ୍କଡାପାଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ନଦୀବନ୍ଧ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହେବ ବୋଲି ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା କହିଛନ୍ତି। ସାଇକେଲ ଯାତ୍ରା କାର୍ଯ୍ୟକ୍ରମରେ ଯୁବ ବିକାଶର କାର୍ଯ୍ୟକର୍ତ୍ତା ସାମିଲ ଥିବା କଥା ଯୁବ ବିକାଶର ସଭାପତି ଗୋବିନ୍ଦ ଦଳାଇ କହିଛନ୍ତି। ଏହି ସାଇକେଲ ଯାତ୍ରାରେ କ୍ଷୀତିଶ କୁମାର ଜେନା, ମନ୍ମଥ ପାତ୍ର, ସଞ୍ଜୟ ପରିଡା, ଅର୍ଦ୍ଧେନ୍ଦୁ ବାରିକ, ବସନ୍ତ ବାରିକ, ଗୌରହରି ଦେ ଓ ସୁଦାମ ଚରଣ ଦାସ ପ୍ରମୁଖ ସାମିଲ ରହିଛନ୍ତି।

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା

**ନୀଳଗିରି, ୧୦।୯(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଜାମୁଡ଼ିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଖ ଖେଳପଡିଆରେ ବ୍ଲକସ୍ତରରେ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ଅତିଥିଙ୍କୁ ଅଭିବାଦନ ଗ୍ରହଣ କରିବା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ରୂପକ କୁମାର ପାସା ଅତିଥି ପରିଚୟ କରିଥିବା ବେଳେ ଗୋଷ୍ଠୀ




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ବିଧାୟକ ଓ ଅନ୍ୟ ଅତିଥିଗଣ।

କ୍ରୀଡା ସଂଯୋଜକ ହାଜାମ ମାରାଣ୍ଡି ବ୍ଲକସ୍ତରୀୟ କ୍ରୀଡ଼ାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଛାତ୍ରୀଛାତ୍ରମାନେ କେବଳ ପାଠପଢ଼ାରେ ଫୋକସ ନ କରି ମାନସିକ ଓ ଶାରିରୀକ ବିକାଶ ପାଇଁ କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଆଜିକାଲି ଦେଶ ଓ ଆନ୍ତର୍ଜାତିକ ସ୍ତରରେ ପିଲାମାନେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ନାମ ଅର୍ଜନ କରିବା ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଉଛନ୍ତି ବୋଲି ମୁଖ୍ୟବକ୍ତା ଏମ୍‌ପିଙ୍କ ପ୍ରତିନିଧି କରୁଣାକର ପଣ୍ଡା ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ସମାରୋହରେ ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ମଧ୍ୟରେ ଜାମୁଡ଼ିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ମଣ୍ଡଳ, ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ, ନୀଳଗିରି ବିଆର୍‌ସିସି ମିହିର କୁମାର ଦାସ, ଜଡ଼ିଦା ଅର୍ଜୁନ ଆଚାର୍ଯ୍ୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର ପ୍ରମୁଖ ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ସିଆର୍‌ସିସି ଉପସ୍ଥିତ ଥିବା ବେଳେ ଅଧିକ ଗୁଲୁଗୁଳି ସହ ଖରା ଜୋରରେ ହୋଇଥିବା ହୃଦ୍‌ବୋଧ କରି ବିଧାୟକ ଖଟୁଆ ସମସ୍ତ ପିଲାଙ୍କୁ ଥଣ୍ଡାପାନୀୟ ଜଳ ଯୋଗାଇଥିଲେ। ଶେଷରେ ଜଡ଼ିଦା ସିଆର୍‌ସିସି ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୯ କ୍ଲଷ୍ଟରରୁ ପ୍ରାୟ ୧ ହଜାର ପିଲା ଭାଗ ନେଇଥିବା ବେଳେ ୧୫୦ ପିଲା ଜିଲାସ୍ତରକୁ ଯିବେ।

# ମଇଁଷିର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ମଇଁଷି ନଦୀ, ନାଳ, ପୋଖରୀ, ପଙ୍କୁଆ ଜାଗା ଓ ଆର୍ଦ୍ରଭୂମିରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ଗୋରୁ ଶୁଷ୍କ ବନାଞ୍ଚଳକୁ ବେଶି ପସନ୍ଦ କରନ୍ତି। ଭାରତରେ ଉଭୟ ଶୁଷ୍କ ଜଙ୍ଗଲ ଓ ନଦୀ ଅବବାହିକାର ଆର୍ଦ୍ରାଞ୍ଚଳ ରହିଛି। ଶୁଷ୍କ ଅଞ୍ଚଳରେ ଗହମ ଓ ବାଜରା ଜାତୀୟ ଶସ୍ୟ ଚାଷ କରାଯାଉଥିବାବେଳେ ଆର୍ଦ୍ରାଞ୍ଚଳ ଧାନଚାଷ ପାଇଁ ଉପଯୋଗୀ। ଏଣୁ ଦେଖିବାକୁ ଗଲେ ମଇଁଷି ଓ ଗୋସମ୍ପଦ ଭାରତର ଦୁଇଟି ପରିବେଶ (ଆର୍ଦ୍ର ଓ ଶୁଷ୍କ ଅଞ୍ଚଳ)ର ପ୍ରତୀକ। ତେବେ ଅଧିକାଂଶ ଭାରତୀୟ ଗୋସମ୍ପଦ ଉପରେ ଧ୍ୟାନଦେଉଥିବା ବେଳେ ଭାରତର ଆର୍ଥିକ ବ୍ୟବସ୍ଥାରେ ମଇଁଷିର ଗୁରୁତ୍ୱକୁ ବହୁ ସମୟରେ ଅଣଦେଖା କରାଯାଇଥାଏ। ସେମାନଙ୍କର କଳା, ସଂସ୍କୃତି ଓ ରୀତିନୀତିରେ କେତେ ମହତ୍ତ୍ୱ ରହିଛି ତାହା ଉପରେ ଧ୍ୟାନ ଦିଆଯାଏ ନାହିଁ।

ହରପ୍ପା ସଭ୍ୟତାର ପ୍ରାଚୀନ ସିଲ୍‌ ବା ମୋହରରେ ମଇଁଷି ଛବି ରହିଛି। ଏହା ସୂଚିତ କରୁଛି, ସେତେବେଳେ ମଇଁଷି ପାଳନ କରାଯାଉଥିଲା। ୪,୫୦୦ ବର୍ଷ ପୂର୍ବେ ହରପ୍ପା ସଭ୍ୟତାର ସହ ମଇଁଷି ଯୋଡ଼ିହୋଇ ରହିଥିଲା। ସେତେବେଳେ ଲୋକେ ମଇଁଷି ମାଂସ ଖାଉଥିଲେ (ଏବେ ଭାରତ ହେଉଛି ମଇଁଷି ମାଂସ ରପ୍ତାନିର ଏକ ପ୍ରମୁଖ ଦେଶ) ଏବଂ ସେମାନଙ୍କ ହାଡ଼ରୁ ବିଭିନ୍ନ ଜିନିଷ ତିଆରି କରାଯାଉଥିଲା। ମଇଁଷି ମଧ୍ୟ ପଶୁପତି ସିଲ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ଜଣେ ସନ୍ନ୍ୟାସୀ ମଇଁଷି ଶିଙ୍ଗର ମୁକୁଟ ପିନ୍ଧିଥିବା ଦେଖାଯାଏ। ମଇଁଷି ଶିଙ୍ଗ ମଧ୍ୟ ଅନ୍ୟ କେତେକ ସିଲ୍‌ରେ ଦେଖିବାକୁ ମିଳେ, ଯାହା ଶକ୍ତି ଏବଂ ପୌରୁଷକୁ ସୂଚିତକରେ।

ପ୍ରାୟ ୩,୫୦୦ ବର୍ଷ ପୂର୍ବେ, ଋଗ୍‌ବେଦ (୪.୧୮.୧୩)ରେ ବର୍ଣ୍ଣନା ରହିଛି ଯେ, ପରାକ୍ରମୀ ଇନ୍ଦ୍ର ଶକ୍ତି ବୃଦ୍ଧି କରିବା ସକାଶେ ସୋମରସ ପାନ କରୁଥିଲେ ଏବଂ ତାହା ଗୋଟିଏ ହିଂସ୍ର ମଇଁଷିର ଶକ୍ତି ସହ ସମାନ ଥିଲା। ପ୍ରାୟ ୨୦୦୦ ବର୍ଷ ପୂର୍ବେ ତାମିଲ ସଙ୍ଗମ କାବ୍ୟ



କୁରୁନ୍ତୋକାଇ ୬୫ରେ ବର୍ଣ୍ଣନା ରହିଛି, ଏକ ପଦ୍ମ ପୁଷ୍କରିଣୀରେ ଥିବା ମଇଁଷି ଜଣେ ଅସଭ୍ୟ ବ୍ୟକ୍ତି ସହ ସମାନ । ଭାରତର ଉତ୍ତରରୁ ଆରମ୍ଭକରି ଦକ୍ଷିଣ ଯାଏ, ସାଂସ୍କୃତିକ ଭାବନା ସହ ମଇଁଷି କିଭଳି ଜଡ଼ିତ ରହିଥିଲା ତାହା ଏଥିରୁ ଜଣାପଡ଼େ। ଅଜନ୍ତାର କାନ୍ଥରେ ଥିବା ବୌଦ୍ଧଧର୍ମର ମହିଷା ଜାତକାରେ ମଇଁଷି ସମ୍ପର୍କରେ ବର୍ଣ୍ଣନା ରହିଛି। ଗୋଟିଏ ଶାନ୍ତ ସ୍ୱଭାବର ମଇଁଷି ଗୋଟିଏ ମାଙ୍କଡ଼ର ଥଟ୍ଟା ପରିହାସକୁ କିଭଳି ସହିଛି ସେସମ୍ପର୍କରେ ସେଥିରେ ଦର୍ଶାଯାଇଛି। ଚିଡ଼େଇବା ଓ ଖରାପ ପ୍ରକୃତି ପାଇଁ ମାଙ୍କଡ଼କୁ ଦଣ୍ଡଦେବା ଲାଗି ମଇଁଷି ମନା କରିଦେଇଛି। ଅଲୌକିକ ବୃକ୍ଷଦେବୀ କିମ୍ବା ଯକ୍ଷ ମଇଁଷିକୁ ଏଭଳି କରିବା ସକାଶେ ପରାମର୍ଶ ଦେଇଛନ୍ତି। ଦିନେ ଶାନ୍ତ ମଇଁଷିଟିଏ ଦୂରକୁ ପଳାଇଯାଇଛି ଓ ତା' ସ୍ଥାନରେ ଆଉ ଏକ ମଇଁଷି ରହିଯାଇଛି। ନୂଆ ମଇଁଷିଟିକୁ ମାଙ୍କଡ଼ ଜାଣିପାରିନାହିଁ ଏବଂ ତା' ସହ ମଧ୍ୟ ପୂର୍ବଭଳି ବ୍ୟବହାର କଲା ଏବଂ ଶେଷରେ ମଇଁଷିଟି ତାକୁ ଖୁରାରେ ଦଳି ମାରିଦେଲା।

ଜୈନ ପୁରାଣରେ ମଧ୍ୟ ଦ୍ୱାଦଶ ତୀର୍ଥଙ୍କର ବସୁପୂଜ୍ୟଙ୍କର ପ୍ରତୀକ ହେଉଛି ମଇଁଷି। ଜୈନ ଯକ୍ଷୀ ଜ୍ୱାଳାମାଳିନୀ ମଇଁଷି ଉପରେ ବସିଥିବା ଦେଖାଯାଏ। ଅନ୍ୟ ଏକ କାହାଣୀରେ କୁହାଯାଇଛି, ଯକ୍ଷୀ ତାଙ୍କ ପୂର୍ବଜନ୍ମରେ ଜଣେ ଜୈନ ଭକ୍ତ ଥିଲେ ଓ ଜୈନ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଉଥିଲେ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏଣୁ ସେ ଯକ୍ଷୀ ଭାବେ ଓ ତାଙ୍କ ସ୍ୱାମୀ ମଇଁଷି ରୂପରେ ପୁନର୍ଜନ୍ମ ଲାଭ କରିଥିଲେ, ଯାହା ଉପରେ ଯକ୍ଷୀ ବସି ବୁଲୁଥିଲେ।

ହିନ୍ଦୁ ପୁରାଣରେ ମଇଁଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହା ମୃତ୍ୟୁଦେବ ଯମଙ୍କ ବାହନ। ମା' ଦୁର୍ଗା ବଧକରିଥିବା ମହିଷାସୁରଙ୍କ ମଇଁଷି ଅତି ପ୍ରିୟ ଥିଲା। ଦେବୀ ମହିଷାସୁରକୁ ବଧ କରୁଥିବା ପୁରାତନ ମୂର୍ତ୍ତି (ଖ୍ରୀଷ୍ଟପୂର୍ବ ୧୦୦ର) ରାଜସ୍ଥାନରେ ଦେଖାଯାଏ। କୁଶାଣ ଶାସନ ସମୟର ଦେବୀ ଖାଲି ହାତରେ ମଇଁଷିକୁ ହତ୍ୟା କରୁଥିବା ମୂର୍ତ୍ତି ବି ଦେଖିବାକୁ ମିଳେ। ପରେ ମୂର୍ତ୍ତିକୁ ଅଧିକ ପରିବର୍ତ୍ତନ କରାଯାଇଛି। ଦେବୀଙ୍କ ସିଂହ ଉପରେ ବସିଥିବା ଏବଂ ତାଙ୍କ ପାଦରେ ମଇଁଷିକୁ ଚାପି ମାରିଦେଇଥିବା ମୂର୍ତ୍ତି ସାମ୍ନାକୁ ଆସିଛି। ଏଭଳି ସବୁ ମୂର୍ତ୍ତି ଗୁପ୍ତ, ଚାଲୁକ୍ୟ ଓ ପଲ୍ଲବ ଶାସନ ସମୟର ମନ୍ଦିରଗୁଡ଼ିକରେ ଦେଖାଯାଏ । ସେସବୁ ଏବେ ସାରା ଭାରତରେ ନବରାତ୍ର ଉତ୍ସବର ଅଂଶ ପାଲଟିଯାଇଛି।

ଡେକାନ୍‌ ବା ଗୋଦାବରୀ ଅବବାହିକା ଅଞ୍ଚଳରେ ସ୍ଥାନୀୟ ପର୍ବଗୁଡ଼ିକରେ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଏକ ଅଣ୍ଡିରା ମଇଁଷିକୁ ବଳି ଦିଆଯାଏ। ଏହାଦ୍ୱାରା ସେମାନଙ୍କ ପିଲାମାନେ ବାଘ ଆକ୍ରମଣରୁ ରକ୍ଷାପାଇବେ ବୋଲି ବିଶ୍ୱାସ ରହିଛି। ଏହି ପ୍ରକାର ପରମ୍ପରା ନେପାଳରେ ମଧ୍ୟ ରହିଛି। ଗୋଟିଏ ନୂଆ ଅଣ୍ଡିରା ମଇଁଷି ଛୁଆକୁ ପୂରା ଗୋଟିଏ ବର୍ଷ ପାଳିପୋଷି ବଡ଼ କରାଯାଇ ପର ବର୍ଷରେ ବଳି ଦିଆଯାଏ। ଏହିସବୁ ପରମ୍ପରା ବୟସ୍କ ବଦଳରେ ନୂଆ ଜୀବନକୁ ସମର୍ପଣକରି ପୃଥିବୀର ଉର୍ବରତାକୁ ନିଶ୍ଚିତ କରିଥାଏ।

କେରଳରେ ହର ଏବଂ ହରି(ବିଷ୍ଣୁଙ୍କ ମୋହିନୀ ଅବତାର)ଙ୍କ ପୁତ୍ର ଆୟାପ୍ପା ମହିଷାଙ୍କ ଭଉଣୀ ମହିଷୀକୁ ପରାସ୍ତ କରିଥିବା ବର୍ଣ୍ଣନା ରହିଛି। ମହାରାଷ୍ଟ୍ରରେ, ଗ୍ରାମଦେବୀଙ୍କ ସ୍ୱାମୀ ମହାସୋବା (ମଇଁଷି ଦେବତା)ଙ୍କୁ ପୂଜା କରାଯାଏ। ଏଥିରୁ ମନେହେଉଛି, ଦେବୀଙ୍କ ପ୍ରିୟ ମଇଁଷିଦେବଙ୍କୁ ହତ୍ୟା କରାଯିବା ହେତୁ ସେ ଷଣ୍ଢବାହାନ ଥିବା ଶିବଙ୍କୁ ସ୍ୱାମୀ ରୂପରେ ବାଛିଥିଲେ। ଡେକାନ୍‌ ଅଞ୍ଚଳରେ ବହୁ ସ୍ଥାନୀୟ ଦେବୀଙ୍କର ଅନେକ ଯୁବ ପୂଜକ ରହିଛନ୍ତି, ଯାହାଙ୍କୁ ପଟରାଜ ବା ମଇଁଷି ରାଜା କୁହାଯାଏ। ସେମାନେ ଆଗରେ ରହି ଦେବୀଙ୍କ ଶୋଭାଯାତ୍ରାକୁ ପରିଚାଳନା କରିଥାନ୍ତି। ଭୟଙ୍କର ଦେଖାଯାଉଥିବା ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ଚାବୁକ ଧରି ଆଗରେ ଚାଲନ୍ତି। ଏହା ତେଲଙ୍ଗାନା ଅଞ୍ଚଳରେ ପାଳନ କରାଯାଉଥିବା ବୋନାଉଲ ଶୋଭାଯାତ୍ରାରେ ଦେଖିବାକୁ ମିଳେ। ଏଭଳି ରୂପକୁ ବହୁ ସମୟରେ କାଳୀଙ୍କ ପୁତ୍ର ବୋଲି କୁହାଯାଏ ଏବଂ ବେଳେବେଳେ ମଧ୍ୟ ତାଙ୍କ ସ୍ୱାମୀ ଭାବେ ଦର୍ଶାଯାଏ, କିନ୍ତୁ ସେ କହନ୍ତି, ମୁଁ ହେଉଛି ଦେବୀଙ୍କ ସେବକ।

-devduttofficial@gmail.com

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେପକାଏ। ପ୍ରଥମଟି ହେଉଛି ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। 'ଆମେରିକାର ଭଉଣୀ ଓ ଭାଇମାନେ...' ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହ ମଧ୍ୟ ଜଡିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍‌'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସାମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜଭୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି, ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିଙ୍କୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆର୍‌ଏସ୍‌ଏସ୍‌ର ଜଣେ ପ୍ରଚାରକ ହୋଇଥିଲେ । 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ କେହି ଭୁଲ୍‌ରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ, ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ ଯେଉଁମାନେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟ ସହିତ ଉତ୍ତମରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଙ୍ଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେବର୍ଷ ଧରି ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡ଼ିଛନ୍ତି ।

ଆର୍‌ଏସ୍‌ଏସ୍‌ରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହି ସେହି ସମୟ ଥିଲା, ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି, ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରିକାଳୀନ ବିରୋଧୀ ଆନ୍ଦୋଳନକୁ ମଜଭୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆର୍‌ଏସ୍‌ଏସ୍‌ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ,



ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।

ବର୍ଷ ବର୍ଷ ଧରି ଭାଗବତ ଜୀ ଆର୍‌ଏସ୍‌ଏସ୍‌ର ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ ସେ ବିହାରର ଅସଂଖ୍ୟ ଗ୍ରାମରେ କାର୍ଯ୍ୟକରି ସମୟ ବିତାଇଥିଲେ । ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହ କାମ କରିଚାଲିଥିଲେ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି - ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ୍‌ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡ଼ିବା ପ୍ରତି ତାଙ୍କର ପ୍ରଚେଷ୍ଟା ଆଜିର ଗତିଶୀଳ ଏବଂ ଡିଜିଟାଲ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ିହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନଠାରୁ ଆରମ୍ଭକରି ଶିକ୍ଷା ବର୍ଗ(ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ମୁଁ ବିଶେଷ ଭାବରେ କୋଭିଡ୍‌ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା । ସେହି ସମୟରେ ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହ ଜଡ଼ିତ ରହିଥିଲେ।

ସେହି ସମୟରେ ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇ ନ ଥିଲା।

ଚଳିତ ବର୍ଷ ଆରମ୍ଭରେ ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦ୍‌ଘାଟନ ସମୟରେ ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ, ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି, ତାହା ବାସ୍ତବରେ ପ୍ରେରଣାଦାୟକ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ।

ଏଠାରେ ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ'ଠାରୁ 'ବେଟୀ ବଚାଓ ବେଟୀ ପଢ଼ାଓ' ପର୍ଯ୍ୟନ୍ତ ମୋହନ ଜୀ ସର୍ବଦା ସମଗ୍ର ଆର୍‌ଏସ୍‌ଏସ୍‌ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇନେବା ନିମନ୍ତେ ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ୍‌ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ। ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରା ପାଳନରେ ଦୃଢ଼ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍‌ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ ।


ଚଳିତ ବର୍ଷ ଆଉ ମାତ୍ର ଅଳ୍ପଦିନ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ ବିଜୟାଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ୍‌ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆର୍‌ଏସ୍‌ଏସ୍‌ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍‌'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ; ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

# ଅନନ୍ୟ ଭୂମିରୂପ ପାହାଡ଼-ପର୍ବତ



ଡ. ଅଜୟ କୁମାର ପାତ୍ର

ପାହାଡ଼-ପର୍ବତ ହିମବାହଠାରୁ ଆରମ୍ଭ କରି ଝରଣା, ଔଷଧୀୟ ଗୁଳ୍ମ, ବିବିଧ ପ୍ରକାର ଜୀବଜନ୍ତୁଙ୍କ ଜୈବ ବିବିଧତା ଧାରଣ କରି ଆଦିମ ଯୁଗରୁ ଜୀବ ସେବା କରିଆସୁଅଛି । ମାତ୍ର ପର୍ଯ୍ୟଟକଙ୍କ ନକାରାତ୍ମକ ପ୍ରଭାବ ସହ ପ୍ଲାଷ୍ଟିକ ଉତ୍ପୀଡ଼ନ ସୁନ୍ଦର ଶୈଳ ପରିବେଶକୁ ଦିନକୁ ଦିନ କଳୁଷିତ କରିବାରେ ଲାଗିଛି। ପୃଥିବୀରେ ପ୍ରାୟ ୨୨ ପ୍ରତିଶତ ଭାଗରେ ପାହାଡ଼-ପର୍ବତ ରହିଛି । ୧୯୯୨ରେ ହୋଇଥିବା ଜାତିସଂଘ ସମ୍ମିଳନୀରେ ପରିବେଶ ସହ ପର୍ବତର ବିକାଶ ଓ ସଂରକ୍ଷଣ ଦିଗରେ ସମଗ୍ର ବିଶ୍ୱର ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାହାଡ଼-ପର୍ବତରୁ ଜଳ, ଖାଦ୍ୟ, ଚିକିତ୍ସା, ଶକ୍ତି ରୂପରେ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ମିଳିଥାଏ । ତେବେ ବର୍ଦ୍ଧିଷ୍ଣୁ ପର୍ଯ୍ୟଟନ ଏବଂ ବିକାଶଧାରା ପଥୁରିଆ ପରିବେଶର ପବିତ୍ରଧାରାରେ ଘୋର ବ୍ୟାଘାତ ସୃଷ୍ଟିକରୁଛି । ପାହାଡ଼-ପର୍ବତର ସଂରକ୍ଷଣ କେବଳ ମଣିଷ ପାଇଁ ନୁହେଁ, ସମଗ୍ର ବିଶ୍ୱର ପରିବେଶ ଚକ୍ର ଲାଗି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଚଳିତବର୍ଷ ପାହାଡ଼ ଓ ପର୍ବତରୁ ସଂଗୃହୀତ ପ୍ଲାଷ୍ଟିକର ୮୪.୨ ପ୍ରତିଶତ ଖାଦ୍ୟ ପ୍ୟାକେଜିଂରୁ ଆସିଥିଲା ଏବଂ ଏଥିରୁ ପ୍ରାୟ ୭୧ ପ୍ରତିଶତ ପୁନଃଚକ୍ରଣଯୁକ୍ତ ନ ଥିଲା । ପୁନଶ୍ଚ ପର୍ବତାରୋହୀମାନେ ସାଙ୍ଗରେ ନେଇଯାଉଥିବା ବିଭିନ୍ନ ସାମଗ୍ରୀର ଆବର୍ଜନା ଯଥା: ତମ୍ବୁ, ଅମ୍ଳଜାନ ଟାଙ୍କି, ଦଉଡ଼ି, ବିଭିନ୍ନ ମାନବୀୟ ଅବଶେଷ ମଧ୍ୟ ଛାଡ଼ିଦେଇ ଆସୁଛନ୍ତି । ଆକଳନ କରାଯାଇଛି ଯେ ଜଣେ ପର୍ବତାରୋହୀ ଅତି କମ୍‌ରେ ଆଠରୁ ଦଶକିଲୋ ଓଜନର ଆବର୍ଜନା ଛାଡ଼ି ଆସନ୍ତି । ଏପରି ସ୍ଥିତିରେ ହିମାଳୟ ଭଳି ପର୍ବତଶ୍ରେଣୀ ଓ ତା' ସହିତ ପାହାଡ଼ିଆ ଅଞ୍ଚଳକୁ ଆବର୍ଜନାମୁକ୍ତ କରିବା ଲାଗି ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ



ତୁରନ୍ତ ପଦକ୍ଷେପ ନେବା ଉଚିତ। ସେହିପରି କ୍ଷୁଦ୍ର ଓ ବୃହତ୍‌ ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କ ଖାମଖିଆଲ ମନୋଭାବ ଯୋଗୁ ଯେପରିକି ବଣଭୋଜି ପରେ ଫିଙ୍ଗା ଯାଇଥିବା ପଲିଥିନ୍‌, ବଳକା ଖାଦ୍ୟ, ପ୍ଲାଷ୍ଟିକ ଖାଦ୍ୟ ଥାଳି, ପ୍ଲାଷ୍ଟିକ ବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ ଏପରିକି ଖାଲି ମଦବୋତଲ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି। ପ୍ଲାଷ୍ଟିକ୍‌ର ମନମୁଖି ବ୍ୟବହାର ଫଳରେ ବିଶ୍ୱ ତାପମାତ୍ରା ଓ ରୋଗ ବଢ଼ିବା ସହିତ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକ ଦେଖିବାକୁ ମିଳୁଛି । ଏପରି ଅବସ୍ଥା ହେଲାଣି ଯେ ନାନୋ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ବାଦଲରେ ଦେଖିବାକୁ ମିଳିଲାଣି । ଏମିତି ଦିନ ଆସିପାରେ ଯେ ଏହା ଚନ୍ଦ୍ରପୃଷ୍ଠରେ ବି ମିଳିପାରେ।

ପାହାଡ଼-ପର୍ବତକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହିମାଳୟ ପାଦଦେଶରେ ଧୀରେ ଧୀରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି। ୨୦୧୮ ରୁ ପ୍ରତିବର୍ଷ ହିମାଳୟ କ୍ଲିନ୍‌ଅପ୍‌ର ଆହ୍ୱାନରେ ପାର୍ବତୀୟ ରାଜ୍ୟଗୁଡ଼ିକର ସ୍ୱେଚ୍ଛାସେବୀମାନେ ଶତାଧିକ ସ୍ଥାନରେ ସଫେଇ କାର୍ଯ୍ୟ ଲାଗି ଏକଜୁଟ ହେଉଛନ୍ତି। ଏଥିରେ ସିକିମ ଏବଂ ଦାର୍ଜିଲିଂ ହିମାଳୟରେ ସର୍ବାଧିକ ସ୍ଥାନରେ ସଫେଇ କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ବ୍ୟାପୁଥିବା ଆବର୍ଜନାର ସୁପରିଚାଳନା ପାଇଁ ଜନଜାଗରଣ ବିଶେଷଭାବରେ ସଚେତନ ବୁଦ୍ଧିଜୀବୀ ଆପଣା ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠି ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିବାର ସମୟ ଉପନୀତ । ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱର ବିଭିନ୍ନ ପର୍ବତାଞ୍ଚଳରେ ଦେଖାଯାଉଛି। ପାହାଡ଼-ପର୍ବତ ପର୍ଯ୍ୟଟନ ଯେପରି ଆନନ୍ଦଦାୟକ ହେଉଛି, ସେହିପରି ପ୍ରକୃତି ଅନୁକୂଳ ହେବା ଉଚିତ।

ପରିବେଶ ବିଜ୍ଞାନୀ
ମୋ:୯୪୩୮୬୨୧୩୯୧

## ଏଇ ଭାରତରେ

ପଞ୍ଜାବର ଜଣେ କୃଷକ ଗୁମାନ୍‌ ସିଂ କାଉରା ଗାଜର ଚାଷକରି ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ୩୦ ବର୍ଷ ପୂର୍ବେ ସେ ଏହି ଚାଷ ଆରମ୍ଭ କରିଥିଲେ। ଏବେ କପୁରତାଲାର ପରମ୍‌ଜିତପୁର ଗାଁରେ ସେ ୮୦ ଏକର ଜମିରେ ଏହି ଚାଷ କରୁଛନ୍ତି। ଏହାବ୍ୟତୀତ ସେ ଏକ ସିଡ୍‌ ବ୍ୟାଙ୍କ ଖୋଲିଛନ୍ତି। ସେ ଅନ୍ୟ ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଉଛନ୍ତି। ପ୍ରଥମେ ସେ ଗହମ, ଧାନ ଚାଷ କରୁଥିଲେ ଏବଂ ପରେ ୪ ଏକର ଜମିରେ ଗାଜର ଚାଷ ଆରମ୍ଭ କଲେ। ଏବେ ତାହାକୁ ସେ ୮୦ ଏକରରେ ପହଞ୍ଚାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ସେପ୍ଟେମ୍ବର ୧୯୭୬

- କେନ୍ଦ୍ର ସରକାର ୧୧ଟି ପାନ୍ତିକ କମ୍ପୋଷ୍ଟ କାରଖାନା ସ୍ଥାପନ ପାଇଁ ୧୦୦ ନିୟୁତ ଟଙ୍କା ମଞ୍ଜୁର କରିଛନ୍ତି।
- ଭିଏତ୍‌ନାମରୁ ଦୁଇଟି ଦଳରେ ମୋଟ ୪୪୭ ଜଣ ଭାରତୀୟ ଆନ୍ତର୍ଜାତିକ ରେଡକ୍ରସ ସଂସ୍ଥାର ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ସୁଡୋକୁ

sudoku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | 5 | | | | | |
| 6 | 2 | | 3 | | | | | 1 |
| | | | | | | | | |
| 4 | | 1 | | 5 | | | | 9 |
| | | 8 | 4 | | | | 7 | 5 |
| 9 | | | | | | | | 8 |
| | | | | 3 | | | | |
| | | 4 | 6 | | | | 8 | |
| | | | | 9 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 1 | 7 | 8 | 2 | 5 |
| 7 | 5 | 8 | 4 | 6 | 2 | 3 | 1 | 9 |
| 3 | 1 | 2 | 8 | 5 | 9 | 4 | 7 | 6 |
| 8 | 2 | 6 | 1 | 4 | 3 | 5 | 9 | 7 |
| 1 | 9 | 3 | 5 | 7 | 6 | 2 | 8 | 4 |
| 5 | 4 | 7 | 9 | 2 | 8 | 6 | 3 | 1 |
| 2 | 7 | 9 | 6 | 8 | 4 | 1 | 5 | 3 |
| 4 | 8 | 5 | 7 | 3 | 1 | 9 | 6 | 2 |
| 6 | 3 | 1 | 2 | 9 | 5 | 7 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାର ପୁନଃ ନାମିତ ହେଉ

ମହାଶୟ,

ବିଗତ ବିଜେଡି ସରକାର ଶାସନ ସମୟରେ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତାକୁ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଇଥିଲା। ମାତ୍ର ଦୁଃଖର ବିଷୟ, କିଛିଦିନ ପରେ ଏହି ରାସ୍ତାର ନାମ ବଦଳାଯାଇ ଜଣେ ବିଦେଶିନୀଙ୍କ ନାମରେ ନାମିତ କରାଗଲା। ଏଥିପାଇଁ ବହୁ ପ୍ରତିବାଦ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନ ଥିଲେ। ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର। ସରକାର ଏ ଦିଗରେ ବିହିତ ପଦକ୍ଷେପସ୍ୱରୂପ ପୂର୍ବରୁ ଅଭିମନ୍ୟୁଙ୍କ ନାମରେ ନାମିତ ହୋଇଥିବା ରାସ୍ତାକୁ ପୁନଶ୍ଚ ତାଙ୍କ ନାମରେ ନାମିତ କରି ଓଡ଼ିଆ ଅସ୍ମିତା ରକ୍ଷା କରନ୍ତୁ।

-ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପରକୀୟା ପ୍ରୀତି ସନ୍ଦେହ
### ଶୋଇଥିବା ଅବସ୍ଥାରେ ସ୍ୱାମୀଙ୍କୁ ହତ୍ୟା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା କାଉଁରୀକଳା ପଞ୍ଚାୟତ ଅଧୀନ ଖୁଣ୍ଟାପଡା ଗ୍ରାମରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ସ୍ତ୍ରୀ। ଏହି ଘଟଣାରେ ସଦର ପୋଲିସ ସ୍ତ୍ରୀ ମମତା ନାଏକ(୨୧)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ମୁନା ମୁଣ୍ଡା ଓ ମମତାଙ୍କର ଦେଢବର୍ଷ ତଳେ ବିବାହ ହୋଇଥିଲା। ତାଙ୍କର ଏକ ୩ ମାସର ଶିଶୁପୁତ୍ର ଅଛି। ପରକୀୟା ପ୍ରୀତି ନେଇ ମୁନାଙ୍କୁ ସବୁବେଳେ ମମତା ସନ୍ଦେହ କରିଆସୁଥିଲେ। ସୋମବାର ରାତିରେ ମୁନା ଶୋଇଥିବାବେଳେ ମମତା ତାଙ୍କ ବେକକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମୁନାଙ୍କ ମୃତ୍ୟୁ ହୋଇଯାଇଥିଲା। ମୁନାଙ୍କ ବଡଭାଇ ଟୁନା ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ସଦର ପୋଲିସ ଟୁନାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା(ନଂ. ୫୨୪/୨୦୨୫) ରୁଜୁ କରି ମମତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଢେଙ୍କିକୋଟ,୧୦।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ଫରେଷ୍ଟ ସେକ୍ସନ ପିପିଳିଆ ଫରେଷ୍ଟ ବିଟ ହାଉସ ଅନ୍ତର୍ଗତ ମଥୁରାପଶି ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଗ୍ରାମର ନିତ୍ୟାନନ୍ଦ ମହାନ୍ତ(୪୮)। ସେ ଭୋର ୫ଟା ବେଳେ ଘର ନିକଟସ୍ଥ ଜଙ୍ଗଲକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଭାଲୁ ଆକ୍ରମଣ କରିଥିଲା। ନିତ୍ୟାନନ୍ଦ ଭାଲୁ ସହ ସଂଘର୍ଷ କରିଥିଲେ ହେଁ ଭାଲୁ ତାଙ୍କ ମୁହଁ, ମୁଣ୍ଡ, ଦେହ, ହାତ ଗୋଡ଼ରେ କ୍ଷତାକ୍ତ କରି ଛାଡ଼ି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ନିତ୍ୟାନନ୍ଦଙ୍କୁ ଗ୍ରାମବାସୀ ଉଦ୍ଧାର କରି ଫରେଷ୍ଟ ଗାର୍ଡ ମିନା ଲାଗୁରିଙ୍କୁ ଖବର ଦେଇଥିଲେ। ଗାର୍ଡ ଓ ଢେଙ୍କିକୋଟ ଫରେଷ୍ଟର ନଗେନ୍ଦ୍ର ଜେନା ପହଞ୍ଚି ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଢେଙ୍କିକୋଟ ଫରେଷ୍ଟର ଜେନା କହିଛନ୍ତି, ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବ। ନିୟମ ଅନୁଯାୟୀ ଆର୍ଥିକ ସହାୟତା ରାଶି ଦିଆଯିବ।

# ବାରଣ ସତ୍ତ୍ୱେ ଭାରିଯାନ ଚଳାଚଳ

### ନରଣପୁର-ହରିଚନ୍ଦନପୁର ରାସ୍ତା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ମୁଖ୍ୟାଳୟ ନରଣପୁର-ହରିଚନ୍ଦନପୁର ରାସ୍ତାରେ ବାରଣ ସତ୍ତ୍ୱେ ଭାରିଯାନ ଚଳାଚଳ ହେଉଛି। ପ୍ରଶାସନ ପକ୍ଷରୁ ନରଣପୁର ନିକଟରେ ସୂଚନା ଫଳକ ଲଗାଯାଇଥିଲେ ମଧ୍ୟ କେହି ନିୟମ ମାନୁନାହାନ୍ତି। ଉଭୟ ପାର୍ଶ୍ୱରୁ ବହୁ ସଂଖ୍ୟାରେ ଖଣିଜପଥର ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏ ନେଇ ଅଭିଯୋଗ ପରେ ବି କେହି ଶୁଣୁ ନ ଥିବାରୁ ସ୍ଥାନୀୟ ଲୋକେ ଅସୁରକ୍ଷିତ ମନେ କରିବା ସହ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା କହିଛନ୍ତି।

ପ୍ରକାଶ ଯେ, ୨୦ ନଂ. ଜାତୀୟ ରାଜପଥରେ ଭାରିଯାନ ଚଳାଚଳ କରୁଥିବାରୁ ଲୋକେ ସୁରକ୍ଷା ଦୃଷ୍ଟି କୋଣରୁ ନରଣପୁର-ହରିଚନ୍ଦନପୁର-ଡୁବୁରି ରାସ୍ତାରେ କଟକ, ଭୁବନେଶ୍ୱର, ପାରାଦୀପ ଆଦି ଅଞ୍ଚଳକୁ ଯିବା ଆସିବା କରିଥାନ୍ତି। ଅନେକ ସଂଖ୍ୟାରେ ଟ୍ରକ୍ ଚଳାଚଳ ଯୋଗୁ ଏନ୍ଏଚ୍ ୨୦ ଭାଙ୍ଗିଯାଇ ମରଣଯନ୍ତା ପାଲଟିଯାଇଥିଲା। ସେ ସମୟରେ ତତ୍କାଳୀନ ଜିଲାପାଳ ସୁଶୀଲ ଲୋହାନୀ ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ କରିଥିଲେ। ରାସ୍ତାରେ ରାମଚନ୍ଦ୍ରପୁର ନିକଟରେ ଏକ କାରଖାନା ପ୍ରତିଷ୍ଠା ହୋଇଥିବାରୁ ଦୈନିକ ବହୁ ସଂଖ୍ୟାରେ ଟ୍ରକ୍ ଚଳାଚଳ କରୁଛି। ରାସ୍ତାକଡ଼ରେ ବହୁ ଗ୍ରାମ ରହିଥିବାରୁ ଭାରୀଯାନ ଚଳାଚଳ କଲେ ଦୁର୍ଘଟଣା ଘଟିବା ସହ ରାସ୍ତା ନଷ୍ଟ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସୂଚନା ଫଳକ ମରାଯାଇଛି। ମାତ୍ର ଭାରିଯାନଗୁଡ଼ିକ ନିୟମକୁ ଭ୍ରୁକ୍ଷେପ ନ କରି ଯାତାୟାତ କରୁଛନ୍ତି। ସେହିପରି ହରିଚନ୍ଦନପୁର ଦେଇ ଅପରପାର୍ଶ୍ୱରୁ ମଧ୍ୟ ବହୁ ଟ୍ରକ୍ କେନ୍ଦୁଝର ଆଡକୁ ଆସୁଥିଲେ ହେଁ ରୋକାଯାଉନାହିଁ । ଏପରିକି ପୋଲିସ ବିଭାଗ ପକ୍ଷରୁ ରାସ୍ତାରେ ଗାଡ଼ି ଚେକିଂ କରି ଦୁଇ, ଚାରି ଚକିଆ ଗାଡ଼ିଗୁଡିକୁ ଯାଞ୍ଚ କରି ଫାଇନ ଆଦାୟ କରାଯାଉଛି। ଟ୍ରକ୍‌ଗୁଡିକୁ ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ସୁରକ୍ଷିତ ଛାଡ଼ି ଦେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଲ ବଞ୍ଚାଇବାକୁ ଅନେକ ଟ୍ରକ ଏହି ରାସ୍ତାରେ ଅବାଧରେ ଚଳାଚଳ କରୁଛି। ଭାରିଯାନ ଚଳାଚଳ କାରଣରୁ ରାସ୍ତାର ଅନେକ ସ୍ଥାନ ଦବି ଯାଇ ବିପଦପୂର୍ଣ୍ଣ ହୋଇ ପଡ଼ିଥିବା ବେଳେ ଭାଙ୍ଗି ଗଲାଣି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସୂଚନା ଫଳ ହଟାଇ ସବୁ ଗାଡ଼ିକୁ ଯିବା ଆସିବା ପାଇଁ ଅନୁମତି ଦିଆଯାଉ, ନ ଚେତ ସମ୍ପୂର୍ଣ୍ଣ କଟକଣା ଲାଗୁ କରାଯାଉ ବୋଲି ଉତ୍ତମ କୁମାର ସାହୁ କହିଛନ୍ତି। ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି, ରାସ୍ତାଟି ଜିଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ରାସ୍ତାରେ ବହୁ ବସ୍, ଚାରି ଚକିଆ ଯାନ ସୁରକ୍ଷିତ ଚଳାଚଳ କରିଥାଏ। ଲୋକଙ୍କ ଯାତାୟାତ ସୁରକ୍ଷିତ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ଜରୁରୀ।



ନରଣପୁର-ହରିଚନ୍ଦନପୁର ରାସ୍ତାରେ ଚଳାଚଳ କରୁଥିବା ଭାରିଯାନ।

# ଦୋଷୀଙ୍କୁ ୨୦ବର୍ଷ ଜେଲ

### ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାର କରି ବେତନଟି ଥାନା ଅନ୍ତର୍ଗତ ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୭ ବର୍ଷିୟା ନାବାଳିକା ୨୦୨୩ ଅପ୍ରେଲ ୧୧ରେ କଲେଜ ଯାଉଥିବା ସମୟରେ ଶୁଭେନ୍ଦୁ ଅପହରଣ କରିନେଇଥିଲେ। ପରିବାର ଲୋକେ ପାଟଣା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୬୨/୨୩)ରୁଜୁ କରି ପୀଡ଼ିତାଙ୍କୁ ବେଙ୍ଗାଲୁରୁରୁ ଉଦ୍ଧାର କରିଥିଲା। ସେହି ସମୟରେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ପରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ରେଳଷ୍ଟେଶନ ନିକଟରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କୋର୍ଟଚାଲାଣ କରିଥିଲା। ବିଚାରପତି ୧୫ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ସାହିତ୍ୟିକ ନିରଞ୍ଜନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

କେନ୍ଦୁଝର,୧୦।୯(ଦୀପକ ମିଶ୍ର): କେନ୍ଦୁଝର କାଳୀତୀର୍ଥ ମଣ୍ଡପରେ ବିଶିଷ୍ଟ ସାହିତ୍ୟିକ, ଲେଖକ, କେନ୍ଦୁଝର ଟାଇମ୍ ଓ ସାଳନ୍ଦୀ ପତ୍ରିକାର ପ୍ରତିଷ୍ଠାତା ନିରଞ୍ଜନ ନାୟକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ରାମ ନାରାୟଣ ଦ୍ୱିବେଦୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, କେନ୍ଦୁଝର ମ୍ୟୁନିସିପାଲିଟି ଅଧକ୍ଷା ନିକୁ ସାହୁ, କେନ୍ଦୁଝର ପ୍ରେସ୍ କ୍ଲବ୍‌ର ସଭାପତି ଜୟକୃଷ୍ଣ ପଣ୍ଡା, ସମ୍ପାଦକ ଶରତ ଦାସ, ଖବରଦାତା ଦେବାଶିଷ ମିଶ୍ର, ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବ୍ୟବସାୟ ପ୍ରତିଷ୍ଠାନ ଶ୍ରୀକ୍ରିଷ୍ଣା ଏଣ୍ଟରପ୍ରାଇଜେସର ସ୍ୱାଧିକାରୀ ସୁରେଶ ଚନ୍ଦ୍ର ରାଉତ, ଖବରଦାତା ରାଖାଲ ମହାନ୍ତି, ସୁଦର୍ଶନ ସ୍ୱାଇଁ, ବ୍ରଜ କିଶୋର ରାୟ, ସନ୍ଦିପ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏକ ପତ୍ରିକା 'ନାୟକର ନାମ ନିରଞ୍ଜନ' ଉନ୍ମୋଚିତ କରିଥିଲେ। ସ୍ୱର୍ଗତ ନାୟକଙ୍କ ସ୍ତ୍ରୀ ଓ ଏକମାତ୍ର ପୁଅ ଇସାନ ନାୟକ ଉପସ୍ଥିତ ଥିଲେ। ସତ୍ୟଜିତ ମିଶ୍ର ପରିଚାଳନା କରିଥିଲେ।

# ଘଟଗାଁକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଘଟଗାଁ,୧୦।୯(ରାଜେନ୍ଦ୍ର କୁମାର ପଟ୍ଟନାୟକ):

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌କୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବି ହୋଇଛି। ଏନେଇ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଘଟଗାଁ ଅଞ୍ଚଳ ତଥା ମୁକୁନ୍ଦପୁର ପାଟଣା ଓ ଉପରଡ଼ିହା ପଞ୍ଚାୟତର ୨୦୧୧ ଜନଗଣନା ଅନୁସାରେ ୧୫ ହଜାର ଉପରେ ଥିଲା। ୨୦୨୫ ରେ ୧୮ ହଜାରରୁ ଊର୍ଦ୍ଧ୍ୱ ହେବା ନେଇ ଅନୁମାନ କରାଯାଉଛି। ଏନ୍ଏସି ପାଇଁ ସର୍ବନିମ୍ନ ୧୦ ହଜାର ଲୋକସଂଖ୍ୟା ଆବଶ୍ୟକ ଥିବାବେଳେ ସଂଖ୍ୟା ଅଧିକ ହେଲାଣି। ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ମୁକୁନ୍ଦପୁରପାଟଣା ପଞ୍ଚାୟତର ଘଟଗାଁ, ମୁକୁନ୍ଦପୁରପାଟଣା, ବୀଣାଝରୀ ଏବଂ ଉପରଡ଼ିହା ପଞ୍ଚାୟତର ଉପରଡ଼ିହା, କୁସୁନପୁର, ଗୋଲାବନ୍ଧ ଗ୍ରାମକୁ ନେଇ ଘଟଗାଁ ଏନ୍ଏସି ଘୋଷଣା କଲେ ଏହାର ଲୋକସଂଖ୍ୟା ୧୦ହଜାରରୁ ଅଧିକ ହେବ। ବ୍ଲକ୍ ସଦର ମହକିମାରେ ବ୍ଲକ୍, ତହସିଲ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସବ୍‌ଡିଭିଜନ ଅଫିସ, କ୍ଷୁଦ୍ର ଜଳସେଚନ ସବ୍‌ଡିଭିଜନ, ବିଦ୍ୟୁତ୍ ବିଭାଗ ସବ୍‌ଡିଭିଜନ, ରାସ୍ତା ଓ ଗୃହନିର୍ମାଣ ସବ୍‌ଡିଭିଜନ ଅଫିସ ସହ ଡିଭିଜନାଲ ଅଫିସ ରହିଛି। ୫୦ ଶର୍ଯ୍ୟା ବିଶିଷ୍ଟ ମେଡିକାଲ, ପଶୁ ଡାକ୍ତରଖାନା, ଫରେଷ୍ଟ ରେଞ୍ଜ ଅଫିସ, ଟ୍ରେଜରୀ ଅଫିସ, ଜଳ ଓ ପରିମଳ ବିଭାଗ ଅଫିସ, ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା, ଯୁକ୍ତ ତିନି ବିଜ୍ଞାନ, ବାଣିଜ୍ୟ ଓ କଳାର ମହାବିଦ୍ୟାଳୟ ରହିଛି। ଉଭୟ ପଞ୍ଚାୟତରେ ୫ ଉଚ୍ଚବିଦ୍ୟାଳୟ ଓ ୧୫ ଗୋଟି ପ୍ରାଥମିକ ବିଦ୍ୟାଳୟ ରହିଛି। ମନ୍ଦିରରୁ ୨ କି.ମି ଦୂରତ୍ୱରେ ୨୫ କୋଟି ବ୍ୟୟରେ ସାଇନ୍ସ ପାର୍କ ଓ ପ୍ଲାନେଟରିୟମ, ଜିଲା ଆଦିବାସୀ ସଂଗ୍ରାହଳୟ, ଘଟଗାଁରେ ଜୁଡିସିଆଲ କୋର୍ଟ, ବସ୍‌ଷ୍ଟାଣ୍ଡ ଥିବାରୁ ଘଟଗାଁକୁ ଏକ ସବ୍‌ଡିଭିଜନର ମାନ୍ୟତା ପାଇଁ ମଧ୍ୟ ସବୁପ୍ରକାର ମାପକାଠିକୁ ପୂରଣ କରୁଛି। ଏ ନେଇ ଜଗବନ୍ଧୁ ଶା, ଶରତ କୁମାର ବେଜ, ଆନନ୍ଦ ଚନ୍ଦ୍ର ସିଂହ, ଶରତ କୁମାର ସାହୁ, ମକରଧ୍ୱଜ ବେହେରା, ସୁବୋଧ କୁମାର ସେଠୀ, ମନୋଜ ବିଶ୍ୱାଳ, ଗଦାଧର ରାଉତ, ଗୁରୁଚରଣ ନାଏକ ପ୍ରମୁଖ ୫୦୦ରୁ ଊର୍ଦ୍ଧ୍ୱ ଦସ୍ତଖତ କରି ଦାବିପତ୍ର ପ୍ରଦାନ କରିଥିଲେ।



ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଗୋଷ୍ଠୀ ଜଙ୍ଗଲ ଅଧିକାର ଉପରେ ଆଲୋଚନା

ବଉଳା,୧୦।୯(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌କେ.ବାଲିପାଳ ପଞ୍ଚାୟତ ଅଧୀନ ମୟୂରନଚାଠାରେ ଆରସିଡିସି ଅନୁଷ୍ଠାନ ପକ୍ଷରୁ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଉପରେ ଆଲୋଚିତ ହୋଇଥିଲା। ଜଙ୍ଗଲ ସମ୍ପଦ ଅଞ୍ଚଳରେ ସମ୍ପୂର୍ଣ୍ଣ ନିର୍ଭର ଥିବା ଗ୍ରାମବାସୀ କିପରି ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଞ୍ଚଳ ଉପରେ ନିଜର ଅଧିକାର ପାଇଁ ଦାବିପତ୍ର ସହ ପ୍ରମାଣପତ୍ର ସଂଲଗ୍ନ କରି ଦାବି ହାସଲ କରିବେ ସେ ନେଇ ଆରସିଡିସି ଆନନ୍ଦ ସେଠୀ କହିଥିଲେ। ଜଙ୍ଗଲ ମଧ୍ୟରେ ଲଘୁବାନ ଜାତ ଦ୍ରବ୍ୟ ସଂଗ୍ରହ ଓ ତାହାର ଉଚିତ୍ ମୂଲ୍ୟ ପାଇଲେ ଲୋକଙ୍କ ଶ୍ରମ ସାର୍ଥକ ହେବ ବୋଲି ଲୋକମାନେ ମତ ଦେଇଥିଲେ। ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ଅନୁଯାଇ ୧୩ ପ୍ରକାର ଉନ୍ନତିମୂଳକ କାମ ହୋଇପାରିବ। ତାହା ଆଇନ ସମ୍ମତ ଅଟେ। ଏଥିପାଇଁ ବନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ତଦନ୍ତ କରିବାକୁ ଗ୍ରାମବାସୀମାନେ ଲିଖିତ ଅନୁରୋଧ ଦେବେ ବୋଲି ସର୍ବସମ୍ମତି ନିଷ୍ପତ୍ତି ନେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ବହୁ ମହିଳା, ପୁରୁଷ ଯୋଗାଦେଇଥିବା ବେଳେ ବୁଧିରାମ ପୂର୍ତି ସଂଯୋଜନା କରିଥିଲେ। କୁନାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଇଲା ୟୁରିଆ ସାର

ଚମ୍ପୁଆ,୧୦।୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ୟୁରିଆ ସାର ମିଳୁନି। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଚାଷୀ ଲ୍ୟାମ୍ପକୁ ଦୌଡ଼ି ସାର ପାଇପାରୁନାହାନ୍ତି। ଫଳରେ ଚାଷୀ ଅଧିକ ମୂଲ୍ୟରେ ଝାଡ଼ଖଣ୍ଡରୁ ସାର କିଣୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ଚାଷୀଙ୍କୁ ଆବଶ୍ୟକ ସାର ଲ୍ୟାମ୍ପ ପକ୍ଷରୁ ଯୋଗାଇ ଦିଆଯାଉନାହିଁ। ୨ ହଜାର କୁଇଣ୍ଟାଲ ୟୁରିଆ ସାର ଚମ୍ପୁଆ ପାଇଁ ଡିମାଣ୍ଡ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୨୩୭ କୁଇଣ୍ଟାଲ ୟୁରିଆ ସାର ଲ୍ୟାମ୍ପକୁ ମିଳିଛି। ବର୍ତ୍ତମାନ ଚାଷ ପାଇଁ ୟୁରିଆ ପକାଇବାର ଉପଯୁକ୍ତ ସମୟ ହୋଇଥିଲେ ମଧ୍ୟ ସାର ଆସୁ ନ ଥିବା ଲ୍ୟାମ୍ପ ଏମ୍‌ଡି ରଜତ କୁମାର ଗିରି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ରିମୁଳି, ଜାମୁଦଲକ, କଦଗାଡ଼ିଆ ଓ ଚମ୍ପୁଆର ଚାଷୀମାନେ ସାର ପାଇଁ ଲ୍ୟାମ୍ପ ଆସି ଫେରୁଥିବା ଦେଖାଯାଇଛି। ଲ୍ୟାମ୍ପ ଅଧୀନରେ ୫୬୩୧ ପଞ୍ଜିକୃତ ଚାଷୀ ରହିଥିବା ବେଳେ ଆବଶ୍ୟକ ପରିମାଣରେ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗାମୀ ୨-୩ ଦିନ ମଧ୍ୟରେ ୟୁରିଆ ସାର ନ ମିଳିଲେ ନିଶ୍ଚିତ ଭାବରେ କ୍ଷତିରେ ପଡିବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଖୁବ୍‌ଶୀଘ୍ର ୟୁରିଆ ସାର ଯୋଗାଣ ପାଇଁ ଚେଷ୍ଟା ଚାଲିଛି ବୋଲି ଲ୍ୟାମ୍ପ ଏମ୍.ଡି ଗିରି ସୂଚନା ଦେଇଛନ୍ତି।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୁରୁଣା ସିଆରସିସି

ଛେନାପଦି,୧୦।୯(ନିରାକାର ପରିଡା):

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ସିଆରସିସି ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ପଦବୀରୁ ଯାଇ ଶିକ୍ଷକ କିମ୍ବା ଅନ୍ୟ କ୍ଲଷ୍ଟର ଦାୟିତ୍ୱ ନେବା ପରେବି ପୂର୍ବ କ୍ଲଷ୍ଟରର ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କେତେଜଣ ସିଆରସିସି ନିର୍ଦ୍ଦେଶ ଅବମାନନା କରୁଛନ୍ତି।

ପ୍ରକାଶ ଯେ, ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୨୧ ଜଣ ସିଆରସିସିଙ୍କ ମଧ୍ୟରୁ ନୂତନ ଭାବେ ୧୧ଜଣ ସିଆରସିସି ନିଯୁକ୍ତି ପାଇଛନ୍ତି। ନୂତନ ସିଆରସିସିମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ମାତ୍ର ପୁରୁଣା ସିଆରସିସି କାର୍ଯ୍ୟରୁ ଅନ୍ତର ହୋଇଥିଲେ ବି ସେମାନେ କ୍ଲଷ୍ଟର ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏମିତିକି ରେକର୍ଡ ପତ୍ର, କ୍ଲଷ୍ଟର ରୁମ୍‌ର ଚାବିକାଠି ମଧ୍ୟ ଦେଉନାହାନ୍ତି। ଫଳରେ ନୂତନ ସିଆରସିସିମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ନୂତନ ସିଆରସିସି ଏ ନେଇ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ପରେ ଶିକ୍ଷାଧିକାରୀ ଗତ ୧୪ ତାରିଖରେ କାର୍ଯ୍ୟରୁ ଅପସାରିତ ହୋଇଥିବା ସମସ୍ତ ସିଆରସିସିଙ୍କୁ ଚିଠି(ନଂ. ୨୮୬୯/ ୧୪ ଅଗଷ୍ଟ ୨୦୨୫) କରି ୨୦ ଅଗଷ୍ଟ ୨୦୨୫ ଭିତରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦାୟିତ୍ୱ ହସ୍ତାନ୍ତର ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା। ଆଜି ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏପରିକି ସରକାର ଯୋଗାଇ ଦେଇଥିବା କମ୍ପ୍ୟୁଟରକୁ ମଧ୍ୟ ନେଇ ଘରେ ରଖିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପୁଣି ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ କହିଛନ୍ତି।

# ଜିଲା ସଭାପତି ଚୟନ ପାଇଁ କସରତ

### ଅସ୍ତିତ୍ୱ ଖୋଜୁଛି କଂଗ୍ରେସ

କେନ୍ଦୁଝର,୧୦।୯(ଦୀପକ ମିଶ୍ର):

କେନ୍ଦୁଝର ଜିଲାରେ କିଛି ଦିନ ହେଲା ସଭାପତି ଚୟନ ପାଇଁ କଂଗ୍ରେସ ମହଲରେ କସରତ ଲାଗି ରହିଛି। ଏଆଇସିସି ନିର୍ଦ୍ଦେଶ ପରେ ରାଜ୍ୟର ସବୁ ଜିଲାରେ କଂଗ୍ରେସ ସଭାପତି ଖୋଜା ଚାଲିଛି। ସେହି ପରିପ୍ରେକ୍ଷୀରେ କେନ୍ଦୁଝରରେ ମଧ୍ୟ ସଭାପତି ଚୟନ ନିମନ୍ତେ ପର୍ଯ୍ୟବେକ୍ଷକ ଭାବେ ତାମିଲନାଡୁର ବିଧାୟକ ମୌଲାନା ହାସନ ଡେରା ପକାଇଛନ୍ତି। ସେ ଜିଲାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି କେଉଁ କଂଗ୍ରେସ ନେତା ଜିଲାରେ ଦଳ ଓ ଜନସାଧାରଣରେ ଗ୍ରହଣୀୟ ରହିଛନ୍ତି। ଲୋକସମ୍ପର୍କ ଭଲ ଅଛି, ଯିଏ ଜିଲାରେ କଂଗ୍ରେସ ସଂଗଠନକୁ ଆଗେଇ ନେଇପାରିବେ ସେ ବିଷୟରେ ଅନୁଧ୍ୟାନ କରୁଛନ୍ତି। ଆସନ୍ତା ୧୪ ତାରିଖ ସୁଦ୍ଧା ଏହାର ରିପୋର୍ଟ କରି ଏଆଇସିସିକୁ ଦେବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଗତ ସୋମବାର ତାଙ୍କ କେନ୍ଦୁଝର ଗସ୍ତ ସମୟରେ ପ୍ରକାଶ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ଜିଲା କଂଗ୍ରେସରେ ବିଭିନ୍ନ ଆଶାୟୀ ନିଜ ନିଜର ପତିଆରା ପ୍ରଦର୍ଶନ ପାଇଁ ଉଦ୍ୟମରେ ଲାଗି ପଡ଼ିଛନ୍ତି। ଆଶାୟୀମାନେ ନିଜର ସପକ୍ଷରେ ଦଳୀୟ କର୍ମୀଙ୍କୁ ଆଣି ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ପହଞ୍ଚାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଶୁଣିବାକୁ ମିଳୁଛି ପ୍ରାୟ ୧୦ରୁ ୧୨ ଜଣ ନେତା ନିଜକୁ ସଭାପତି ଭାବେ ନିଯୁକ୍ତି ଦେବା ପାଇଁ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦରଖାସ୍ତ କରିଛନ୍ତି। ସଭାପତି ଆଶାୟୀଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ରାଜ୍ୟ ସମ୍ପାଦକ ସଂଗ୍ରାମ ଦାସ, ପଦ୍ମପୁରର କଂଗ୍ରେସ ନେତା ଉତ୍ତମ ସାହୁ, ବଡ଼ବିଲ ଅଞ୍ଚଳର ଅଶୋକ ଠାକ୍‌ରେ, ଯଦୁମଣି ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ସୁନେସ ଧୀର ପ୍ରମୁଖ ରହିଥିବା ସୂତ୍ରରୁ ଜଣାପଡ଼ିଛି। ହରିଚନ୍ଦନପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ମହାନ୍ତି ପୁରୁଖା ନେତା ହୋଇଥିବା ବେଳେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ମିଶ୍ରଙ୍କ ସାଂଗଠନିକ ଦକ୍ଷତା ଜିଲା, ରାଜ୍ୟରେ ଭଲ ରହିଛି। ସେହିପରି ସଂଗ୍ରାମ ଦାସ ମଧ୍ୟ ସାଂଗଠନିକ କ୍ଷେତ୍ରରେ ଭଲ ଦକ୍ଷତା ରହିଛି। ଯୁବନେତା ସୁନେସ ଧୀରଙ୍କ ହାତରେ ଯୁବକମାନେ ରହିଛନ୍ତି। କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ କହିଛନ୍ତି, ଜିଲାରେ ଦଳୀୟ ସଂଗଠନକୁ ଆଗେଇ ନେବା ପାଇଁ ସାଂଗଠନିକ ଦକ୍ଷତା ସହ ଆର୍ଥିକ କ୍ଷେତ୍ରରେ ଯେଉଁ ନେତା ସକ୍ଷମ, ସେଭଳି ନେତା ଜିଲା ସଂଗଠନ ନିମନ୍ତେ ଆବଶ୍ୟକ ରହିଥିବା ସେ କହିଥିଲେ।
















# ଦୁର୍ଘଟଣାରେ ଭାଜପା ନେତା ଆହତ

ବାସୁଦେବପୁର,୧୦ା୯ (କାଳିପଦ ରାୟ)

୧୬ନଂ. ଜାତୀୟ ରାଜପଥର ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଜାମଖାଡ଼ି ନିକଟସ୍ଥ ଏକ ଢାବା ସାମ୍ନାରେ ବାସୁଦେବପୁର ଭାଜପା ବିଧାନସଭା ନେତା ବାଣୀକଲ୍ୟାଣ ମହାନ୍ତିଙ୍କ ଗାଡ଼ି ମଙ୍ଗଳବାର ବିଳମ୍ବିତ ରାତିରେ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାସୁଦେବପୁରରୁ ଏକ ଦଳୀୟ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହୋଇଥିଲା। ଦୁର୍ଘଟଣାରେ ତାଙ୍କ ଛାତି ଓ ଗୋଡ଼ରେ ଆଘାତ ଲାଗିଥିବା ବେଳେ ଚାଳକ ଓ ଗାଡ଼ିରେ ଥିବା ଦୁଇ କର୍ମୀଙ୍କର କିଛି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲଥିବା ସୂଚନା ମିଳିଛି। ଖବର ପାଇ ପଦ୍ମପୁର ମଣ୍ଡଳ ସଭାପତି ଲିଙ୍କୁନ ଦଳେଇ, ଭାଜପା ନେତା ବଂଶୀଧର ବିଶ୍ୱାଳ, ରାଜକୁମାର ନାୟକ, ମୁକ୍ତିକାନ୍ତ ଘଡ଼େଇ, ଅରୁଣ କୁମାର ଦତ୍ତଙ୍କ ସମେତ ବହୁ କର୍ମୀ ତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଫଲ୍ସ ବିଲ୍ ଅଭିଯୋଗର ତଦନ୍ତ କଲେ ବିଡିଓ



ଗଣେଶ୍ୱରପୁର ଗ୍ରାମ ରାସ୍ତାରେ ବିଡିଓ ତଦନ୍ତ କରୁଛନ୍ତି।

ତିହିଡ଼ି,୧୦ା୯ (ସଞ୍ଜିତ ବଳ)

- ଗଣେଶ୍ୱରପୁର ଗ୍ରାମ ରାସ୍ତାକୁ ନେଇ ହୋଇଥିଲା ଅଭିଯୋଗ
- ତଦନ୍ତ ପରେ ଅଭିଯୋଗରେ ସତ୍ୟତା ନ ଥିବା ଜଣାପଡ଼ିଲା

ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଗଣେଶ୍ୱରପୁର ଗ୍ରାମ ରାସ୍ତା ନିର୍ମାଣରେ ୧.୫୦ଲକ୍ଷ ଟଙ୍କା ଫଲସ୍ ବିଲ ହୋଇଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଡିଓ ନିରଞ୍ଜନ ବାରିକ ମଙ୍ଗଳବାର ସେହି ଗ୍ରାମକୁ ଯାଇ ଅଭିଯୋଗର ତଦନ୍ତ କରିଥିଲେ। ରାସ୍ତାର ମାପଚୁପ କରାଯାଇ ତଦନ୍ତ କରାଯିବା ପରେ ଅଭିଯୋଗରେ ସତ୍ୟତା ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗଣେଶ୍ୱରପୁର ରାସ୍ତା ନିର୍ମାଣ ପାଇଁ ୨ଟି ପର୍ଯ୍ୟାୟରେ ୩ଲକ୍ଷ ୪୮ହଜାର ଟଙ୍କା ମଞ୍ଜୁର ହୋଇଥିଲା। ବାତ୍ୟା ଦାନା ସହାୟତାରେ ୧ଲକ୍ଷ ୯୮ହଜାର ଏବଂ ପଞ୍ଚାୟତ ଏସ୍‌ଏଫ୍‌ସିରେ ୧ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଆଚାର୍ଯ୍ୟ ସାହିଠାରୁ ମହାଳିକ ସାହି ଏବଂ ଆଚାର୍ଯ୍ୟ ସାହିଠାରୁ ଅରୁଣ ପଣ୍ଡାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଏହି ଅନୁଦାନ ମିଳିଥିଲା। ତେବେ ପଞ୍ଚାୟତ ଏସ୍‌ଏଫ୍‌ସି ଅର୍ଥ ବିନିଯୋଗ କରା ନ ଯାଇ ଫଲ୍ସ ବିଲ୍ ହୋଇଥିବା କେତେକ ଗ୍ରାମବାସୀ ଗତ ୮ତାରିଖରେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନେ ମଧ୍ୟ ଜିଲାପାଳ ଓ ପିଡିଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରି ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ। ଏହି ଅଭିଯୋଗ ପରେ ବିଡିଓ ବାରିକ ତଦନ୍ତ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ ପ୍ରମୁଖ ରାସ୍ତାର ମାପଚୁପ କରାଇବା ପରେ ଅଭିଯୋଗର ସତ୍ୟତା ନ ଥିବା ଜାଣିବାକୁ ପାଇଥିଲେ। ବରଂ ନିର୍ଦ୍ଧାରିତ ସୀମାଠାରୁ କିଛି ଅଧିକ ରାସ୍ତା ନିର୍ମାଣ ହୋଇଥିବା ଜଣାପଡ଼ିଥିଲା। ତଦନ୍ତ ସମୟରେ ସରପଞ୍ଚ ମାମିନା ଜେନାଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ଗୋପୀନାଥପୁର ସରପଞ୍ଚ ନିଲମ୍ବିତ

ଚାନ୍ଦବାଲି,୧୦ା୯
(କିଷାନ ପାତ୍ର/ ଅଶୋକ ପଣ୍ଡା)

**ମହଙ୍ଗା ପଡ଼ିଲା ନାବାଳକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ନିୟୋଜିତ କରିବା**

ଚାନ୍ଦବାଲି ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ନାବାଳକ ଛାତ୍ରଙ୍କୁ ନିୟୋଜିତ କରିବା ସରପଞ୍ଚଙ୍କ ପାଇଁ ମହଙ୍ଗା ପଡ଼ିଛି। ଭଦ୍ରକ ଜିଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ରାଜ୍ୟ ପଞ୍ଚାୟତିରାଜ ସଚିବ ଉକ୍ତ ପଞ୍ଚାୟତର ସରପଞ୍ଚ ବାପୁନୁ ବାରିକଙ୍କୁ ତାଙ୍କ ପଦବୀରୁ ନିଲମ୍ବନ କରିଛନ୍ତି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶନାମା ସଂଖ୍ୟା ୨୪୫୪୫ରେ ଏହା ଉଲ୍ଲେଖ ରହିଛି। ଭଦ୍ରକ ଜିଲାପାଳ ଗତ ଜୁଲାଇ ୧୯ ତାରିଖରେ ଦେଇଥିବା ରିପୋର୍ଟ ଅନୁଯାୟୀ ଉକ୍ତ ପଞ୍ଚାୟତରେ ବିଭିନ୍ନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ୮ ଜଣ ନାବାଳକ ଛାତ୍ରଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଥିଲା। ସରକାରୀ ଯୋଜନା ପ୍ରଣୟନ ସାଙ୍ଗକୁ ଗୁରୁତର ଆର୍ଥିକ ଅନିୟମିତତା ଓ ପ୍ରଶାସନିକ ଅବହେଳା ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ବିଭିନ୍ନ ଧାରା ଅନୁସାରେ ତାଙ୍କୁ ସରପଞ୍ଚ ପଦବୀରୁ ନିଲମ୍ବନ କରାଗଲା ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ନିର୍ଦ୍ଦେଶନାମାର କପି ଭଦ୍ରକ ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀଙ୍କ ସମେତ ଚାନ୍ଦବାଲି ବିଡିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧-୨୨ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ନାବାଳକମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଲଗାଇ ଅର୍ଥ ହରିଲୁଟ୍ କରିଥିବା ଘଣ୍ଟେଶ୍ୱର ଅଞ୍ଚଳର ସୂଚନା ଅଧିକାର କର୍ମୀ ଶରତ ସେନାପତି ଚାନ୍ଦବାଲି ବ୍ଲକରେ ଅଭିଯୋଗ କରିଥିଲେ। ପରେ ଭଦ୍ରକ ଜିଲାପାଳ ଏବଂ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଠକେଇ ଅଭିଯୋଗରେ ଦମ୍ପତି ଗିରଫ

ବାସୁଦେବପୁର,୧୦ା୯ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ନାୟାକାଣୀଡ଼ିହୀ ପୋଲିସ ଠକେଇ ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନଟି ଗ୍ରାମର ଦୀପକ ଲେଙ୍କା ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ପାତ୍ର। ସୂଚନା ମୁତାବକ, ଅଭିଯୋଗକାରୀ ଦେବହରି ନାୟକଙ୍କର ନାୟକାଣିଡିହୀ ବଜାରରେ ଥିବା ଦୋକାନରେ ବଳରାମପୁର ଗ୍ରାମର ସୁଭଦ୍ରାଙ୍କ ଭାଇ କାମ କରୁଥିଲେ। ସମୟ କ୍ରମେ ଦେବହରିଙ୍କର ସୁଭଦ୍ରା ସହ ସମ୍ପର୍କ ଗଢ଼ି ଉଠିଥିଲା। ପରେ ତାଙ୍କ ପରିବାର ତରଫରୁ ଉଭୟଙ୍କ ବାହାଘର କରିବା ପାଇଁ କଥା ପଡ଼ିଥିଲା। ଇତି ମଧ୍ୟରେ ବିଭିନ୍ନ ଆଳ ଦେଖାଇ ସୁଭଦ୍ରା ପର୍ଯ୍ୟାୟ କ୍ରମେ ଦେବହରିଙ୍କଠାରୁ ନଗଦ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ପରେ ଚୁନଟି ଗ୍ରାମର ଦୀପକଙ୍କୁ ବିବାହ କରିଥିଲେ। ଏହାପରେ ନିଜର ଅସୁସ୍ଥତା ଦର୍ଶାଇ ଚିକିତ୍ସା ପାଇଁ ବିଭିନ୍ନ ଲୋକଙ୍କ ଆକାଉଣ୍ଟ ଓ ସ୍ୱାମୀଙ୍କ ଆକାଉଣ୍ଟରେ ଦେବହରିଙ୍କଠାରୁ ୧୯ ଲକ୍ଷ ୪୫ ହଜାର ଟଙ୍କା ନେଇଯାଇଥିଲେ। ପରେ ଦେବହରି ସୁଭଦ୍ରାଙ୍କୁ ଟଙ୍କା ମାଗିବାରୁ ତାଙ୍କୁ ଜମି ଦେବେ ବୋଲି କହିଥିଲେ। ହେଲେ ଦୀର୍ଘ ଦିନ ପରେ ବାରମ୍ବାର ଟଙ୍କା ମାଗି ଦେବହରି ନିରାଶ ହେବା ପରେ ନାଢ଼ାଣିଡିହୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାର ପୋଲିସ ମାମଲା (ନଂ ୨୨୮/୨୫) ରୁଜୁ କରିବା ସହ ଦମ୍ପତିଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରି କୋର୍ଟଚାଲାଣ କରିଥିବାର ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# 'ଗରିବ ଲୋକଙ୍କୁ ସାହାଯ୍ୟ କରୁଥିଲେ ପ୍ରକାଶ'

ଭଦ୍ରକ,୧୦ା୯ (ସନାତନ ରାଉତ)

ସମାଜସେବା ସହ ଗରିବ ଲୋକଙ୍କୁ ସାହାଯ୍ୟ କରୁଥିଲେ ଭଦ୍ରକ ଜିଲା ଗାୟତ୍ରୀ ଶକ୍ତି ପୀଠର ବ୍ୟବସ୍ଥାପକ ସ୍ୱର୍ଗତ ପ୍ରକାଶ ରଞ୍ଜନ ବେହେରା। ଗତ ୨୮ ତାରିଖରେ କଟକ ବଡ଼ ମେଡିକାଲରେ ୫୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କରୋନା ସମୟରେ ସାଥୀମାନଙ୍କ ସହାୟତାରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ କରିବା ସହ ଚାରାରୋପଣ, ବିଭିନ୍ନ ଧାର୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରୁଥିଲେ। ବୁଧବାର ଭଦ୍ରକ ବ୍ଲକ ଜଳଙ୍ଗାସ୍ଥିତ ଗାୟତ୍ରୀ ଶକ୍ତିପୀଠ ଶାନ୍ତି ଧାମଠାରେ ତାଙ୍କ ତ୍ରୟୋଦଶ ଦିବସରେ ରାଜ୍ୟସ୍ତରୀୟ ଶ୍ରାଦ୍ଧତର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ଗାୟତ୍ରୀ ପରିବାରର ଶତାଧିକ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୧ଲକ୍ଷ ୨୫ ହଜାର ଗାୟତ୍ରୀ ମନ୍ତ୍ର ଜପ କରାଯାଇଥିଲା।

# ବଡ଼ ସରକାର ବାବାଙ୍କ ୧୧ତମ ବାର୍ଷିକ ଫାତେହା ପ୍ରସ୍ତୁତି



ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ଭଦ୍ରକ,୧୦ା୯ (ସନାତନ ରାଉତ)

ଭଦ୍ରକ ବାଇପାସ୍ ରୋଡ଼ସ୍ଥିତ ସରକାର ନଗର ଖାନ୍‌କାହା ପରିସରରେ ସୁଫି ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବା (ର.ଅ)ଙ୍କ ୧୧ ତମ 'ଫାତେହା' ଉତ୍ସବ ପାଳନ ପାଇଁ 'ଗୁଲଶନେ ଗୌସପାକ ଟ୍ରଷ୍ଟ' ପକ୍ଷରୁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ହାଫିଜ୍ ଶେଖ ମହମ୍ମଦ ଇସହାକଙ୍କ ସଭାପତିତ୍ୱ ଓ ସମ୍ପାଦକ ଶେଖ ଅତା ମୋହିଉଦ୍ଦିନଙ୍କ ସଂଯୋଜନାରେ ଆସନ୍ତା ସେପ୍ଟେମ୍ବର ୨୪ରେ ଏହି ଉତ୍ସବ ପାଳନ ହେବାକୁ ଟ୍ରଷ୍ଟ ପକ୍ଷରୁ ବୈଠକରେ ନିଷ୍ପତ୍ତି କରାଗଲା। ୨୩ ତାରିଖ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଖାନ୍‌କାହା କମିଟିଠାରେ ଫାତେହା ଉତ୍ସବ ପାଇଁ ଫଳ ସାମଗ୍ରୀ ପହଞ୍ଚାଇବେ। ଅର୍ଦ୍ଧରାତିରୁ ବାବାଙ୍କ ଗୋସାଲଖନୀ (ସ୍ନାନ) ଆରମ୍ଭ ହେବ। ୨୪ ତାରିଖ ସକାଳେ ନମାଜ ପାଠପରେ କୁରାନ ପାଠ, ମିଲାଦ ଶରିଫ ଓ ଫାତେହାର ଆୟୋଜନ କରାଯିବ। ବୁଧବାର ସକାଳରୁ ବାବାଙ୍କ ସମାଧିଠାରେ ଚାଦର ଚଢ଼ାଇ ଦର୍ଶନ କରିପାରିବେ। ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବକୁ ପାଳନ କରିବାକୁ ଟ୍ରଷ୍ଟର ସମ୍ପାଦକ ଶେଖ ଅତା ମୋହିଉଦ୍ଦିନ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେହିପରି କାଦରୀ ବୀରାଦରାନ କମିଟିର ପ୍ରସ୍ତୁତି ବୈଠକ ଖାନ୍‌କାହା ପରିସର ବାହାରେ ଗୁଲଶନେ ନସିମ ପରିସରରେ ସଭାପତି ଜାୱେଦ ଅଖତରଙ୍କ ସଭାପତିତ୍ୱ ଓ ସମ୍ପାଦକ ଶେଖ ଜାଫରଙ୍କ ସଂଯୋଜନାରେ ହୋଇଯାଇଛି। କମିଟିର ଉପଦେଷ୍ଟା ଶେଖ ହବିବୁଲ୍ଲାଙ୍କ ବିବରଣୀ ପାଠ ପରେ ଆଲୋଚନା ହୋଇଥିଲା। ୨୪ ତାରିଖ ସନ୍ଧ୍ୟା ୭ ଘଟିକାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ଧର୍ମସଭା ଓ ମୁଶାଏରାର ଆୟୋଜନ ହେବ। ଏଥିରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମୌଲାନା (ପଣ୍ଡିତ), ସାଏର (କବି) ମାନେ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି। ଉପଦେଷ୍ଟା ଅଖତର ଅଲି ଖାନ, ଚନ୍ଦା ଖାନ, ଉପସଭାପତି ଶେଖ ସବବୀର ହୋସେନ, ସହ ସମ୍ପାଦକ ଶେଖ ଆବୁକଲାମ, ମୁଖତାର ନସିମ, ଶେଖ ସାହାଜାନ, ଶେଖ ନିଆମତୁଲ୍ଲା ଓ ୱାସିମ ଅଖତର ପ୍ରମୁଖ ଉପସ୍ଥିତ ରହିଥିଲେ।

# ୧୬ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ, ୧୦ା୯ (ସନାତନ ରାଉତ)

ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବ୍ରାଉନସୁଗାର, ମଦ, କୋଇଲା ଆଦି ଚୋରା କାରବାର ରୋକିବା ପାଇଁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହୋଇଥିବା ବେଳେ ବୁଧବାର ଟାଉନ ପୋଲିସ ୧୬.୬୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସୂଚନା ଅନୁଯାୟୀ ଏସ୍‌ଆଇ ଗୁରୁବାରୀ ସଏ ଭଦ୍ରକ ସହରରେ ପାଟ୍ରୋଲିଂ କରୁଥିବା ବେଳେ ମହତାବ ଛକ ନିକଟରେ ଅପରାହ୍ନ ୨ଟା ବେଳେ ୨ଜଣ ଯୁବକ ଏକ ପଲସର୍ ଗାଡ଼ିରେ ସହର ମଧ୍ୟକୁ ଆସୁଥିଲେ। ସେମାନଙ୍କ ଉପରେ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ତାଙ୍କୁ ଅଟକାଇ ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ମିଳିଥିଲା। ସେମାନଙ୍କଠାରୁ ବ୍ରାଉନସୁଗାର ସମେତ ୨ଟି ମୋବାଇଲ ଫୋନ ଓ ପଲସର୍ ବାଇକ୍(ନଂ. ଓଡି ୦୪ ଏମ୍ ୯୨୧୨) ଜବତ କରାଯାଇଛି। ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ସନ୍ତୋଷ କୁମାର ମଳିକ(୨୩) ଓ ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ଗ୍ରାମର ଚନ୍ଦନ ବେହେରା(୨୬)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ମାମଲା (ନଂ. ୫୪୫/୨୫) ରୁଜୁ ହୋଇଛି।

# ଦକ୍ଷିଣେଶ୍ୱରୀ କାଳୀଙ୍କର ଶତବାର୍ଷିକ ଉତ୍ସବ ପ୍ରସ୍ତୁତି

ଚାନ୍ଦବାଲି,୧୦ା୯(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲିର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କର ଶତବାର୍ଷିକ ଉତ୍ସବ ୨୦୨୬ରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ପଟ୍ଟଶିଷ୍ୟ ସୂର୍ଯ୍ୟ ନାରାୟଣ ଦାଶ ମାଆଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମାଆଙ୍କ ଶତବାର୍ଷିକ ଉତ୍ସବକୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚିଳାନନ୍ଦ ସରସ୍ୱତୀ ଓ ଠାକୁର ରାଜା ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଆଗମନ ହୋଇପାରିବ ସେ ସମ୍ପର୍କରେ କାଳୀ ମନ୍ଦିର ପୂଜା କମିଟିର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ମାର୍ଗଦର୍ଶନ କରିଥିଲେ। ବୈଠକରେ କମିଟିର ସଭାପତି ଦ୍ୱିଜବର ରାଉତ, ସମ୍ପାଦକ ନିତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ସଦସ୍ୟ ନରେଶ ଚନ୍ଦ୍ର ମାଝୀ, ଶିବ କୁମାର ଖଣ୍ଡେଲୱାଲ, ତାରାପଦ ମହାନ୍ତି, ସୁଧୀର କୁମାର ମହାନ୍ତି, ପ୍ରଦୀପ ସାହୁ, ଶିକ୍ଷକ ଅମୂଲ୍ୟ କୁମାର ରାଉତ, ପ୍ରଫୁଲ୍ଲ ବେହେରା, ସଦସ୍ୟ ରମେଶ ଦାଶ, ଅରଜିତ ପଣ୍ଡା, ଗୟାଧର ସାହୁ, ରମେଶ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୋକାନରେ ଚଢ଼ାଉ,ମାଦକ ଦ୍ରବ୍ୟ ଜବତ



ଏକ ଦୋକାନରେ ଚଢ଼ାଉ କରାଯାଉଛି।

ଆଗରପଡ଼ା,୧୦ା୯ (ସୁଶାନ୍ତ ଦାଶ)

ଆଗରପଡ଼ା ମହାବିଦ୍ୟାଳୟ ନିକଟରେ ଦୀର୍ଘ ଦିନ ଧରି ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ବିକ୍ରି ହେଉଥିଲା। ବୁଧବାର ଭଦ୍ରକ ଅବକାରୀ ବିଭାଗ ଓ ଆଗରପଡ଼ା ପୋଲିସର ମିଳିତ ସହଯୋଗରେ ଉକ୍ତ ସ୍ଥାନରେ ଥିବା ଦୋକାନ ସମେତ ଆଗରପଡ଼ା ବଜାରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ସିଗାରେଟ୍, ଗୁଟୁଖା, ବିଡ଼ି ଓ ଅନ୍ୟାନ୍ୟ ତମାଖୁ ଜାତୀୟ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ଗୁଡ଼ିକୁ ପୋଡ଼ି ନଷ୍ଟ କରାଯାଇଛି। ଯଦି ପୁନର୍ବାର ବିକ୍ରି କରାଯାଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଆଗରପଡ଼ା ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନା ସନ୍ଧ୍ୟା ପାଟ୍ରୋଲିଂ କଡ଼ାକଡ଼ି କରିଥିବାରୁ ମଦ ଓ ମାଦକ ଦ୍ରବ୍ୟ କାରବାରରେ କିଛି ପରିମାଣରେ ରୋକ୍ ଲାଗିଥିବା ସୂଚନା ମିଳିଛି।

# ୨୦୨୫ରେ ଦୁର୍ଘଟଣା କମିଛି

**ସଡ଼କ ସୁରକ୍ଷା ସମିତି ବୈଠକ**

ଭଦ୍ରକ,୧୦ା୯
(ରବିନାରାୟଣ ଖିଲାର/ ସନାତନ ରାଉତ)



ବୈଠକରେ ଉପସ୍ଥିତ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଅପରାହ୍ନ ୪ଟାରେ ୪୫ତମ ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ସଭ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ପୂର୍ତ୍ତ ବିଭାଗ ଅଧିକାରୀ ଦେବୀ ପ୍ରସନ୍ନ ଘୋଷ, ଗଣେଶ ହେମ୍ବ୍ରମ, ଏମ୍‌ଭିଆଇ ବାମଦେବ ସାହୁ, ଆଞ୍ଚଳିକ ସହ ପରିବହନ ଅଧିକାରୀ ରଞ୍ଜନ କୁମାର ନାୟକ, ସେକ ଅବଦୁଲ ରହିମ, ଶର୍ମିଷ୍ଠା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୧୬ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଓ ବାରିକପୁର ରାସ୍ତା ନିର୍ମାଣ, ଗେଲପୁରରୁ ଜ୍ୟୋତି କନଭେଣ୍ଟ ସ୍କୁଲ ରାସ୍ତା ନିର୍ମାଣ, ନୂଆ ବସ୍‌ଷ୍ଟାଣ୍ଡରୁ ଡାହାଣିଗ ପର୍ଯ୍ୟନ୍ତ ଆଲୋକୀକରଣ ଉପରେ ବିଷଦ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାସ୍ତା ଆଲୋକୀକରଣ ଓ ଆସନ୍ତା ଅକ୍ଟୋବର ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହେବ ବୋଲି ଏନଏଚ ଅଧିକାରୀ ବିଶ୍ୱଜିତ ମହନ୍ତ କହିଥିଲେ। ଜାତୀୟ ରାଜପଥର ନଳାଙ୍ଗ ନିକଟ, ଓରିୟନ ହୋଟେଲ ପାଖ, ବନ୍ତ ଛକ ନିକଟରେ ବେଆଇନ ଅଟୋ ଓ ବସ୍ ପାର୍କିଂ ବନ୍ଦ କରିବା ପାଇଁ ମଧ୍ୟ ସଭ୍ୟମାନେ ଜିଲାପାଳ, ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହିତ ଦୁର୍ଘଟଣା ଅଞ୍ଚଳରେ ସିସିଟିଭି ଲଗାଇବା, ହେଲମେଟ ପନ୍ଧିବା, ଦ୍ରୁତ ଗାଡି ଚାଳନା ଉପରେ କାର୍ଯ୍ୟାନୁଷ୍ଠାନ, ସ୍କୁଲ ଗାଡି, ଅଟୋଗୁଡ଼ିକ ଯାଞ୍ଚ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଗତ ୨୦୨୪ରେ ୨୦୭ଟି ଦୁର୍ଘଟଣାରେ ୧୧୭ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୧୭୩ ଜଣ ଆହତ ହୋଇଥିଲେ। ସେହିପରି ୨୦୨୫ରେ ତାହା କ୍ରମଶଃ ହ୍ରାସ ପାଇ ଅଦ୍ୟାବଧି ୧୭୦ଟି ଦୁର୍ଘଟଣା ଘଟି ୯୩ ଜଣଙ୍କର ମୃତ୍ୟୁ ଘଟିଥିବା ଓ ୧୬୩ଜଣ ଆହତ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ।

# ଅନୁଷ୍ଠାନପ୍ରେମୀଙ୍କ ପରଲୋକ

ବନ୍ତ,୧୦ା୯ (ହରି ନାରାୟଣ ମହାନ୍ତି)



ହୃଷୀକେଶ ନାୟକ

ଭଦ୍ରକ ଜିଲା ବନ୍ତ ବ୍ଲକ ଶେଣ୍ଡତୀରା ପଞ୍ଚାୟତ ଶିଆଳିଆ ଗ୍ରାମର ଅନୁଷ୍ଠାନପ୍ରେମୀ ହୃଷିକେଶ ନାୟକ(୯୫)ଙ୍କର ବୁଧବାର ପୂର୍ବାହ୍ନ ୧୦ଟାରେ ପରଲୋକ ଘଟିଛି । ଗତ କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ, ବୋହୂ, ୨ ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ନାୟକ ଶିଆଳିଆ ଗ୍ରାମରେ ମଇ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଓ ସମ୍ପାଦକ ଭାବେ ଦୀର୍ଘ ଦିନ ଦାୟିତ୍ୱ ତୁଲାଇଥିଲେ । ଏଥିସହ ଦୋଳପଦୀ ଉପ୍ରା ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ, ନାଆଁମୀ ଓ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ବନ୍ତ ବ୍ଲକ ଜନତା ଦଳର ସଭାପତି ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ୫୫ ଲିଟର ମଦ ଜବତ, ୨ ଗିରଫ

ବାସୁଦେବପୁର,୧୦ା୯(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ନାୟକାଣିଡ଼ିହୀ ପୋଲିସ ନାୟକାଣିଡ଼ିହୀ ବଜାରରେ ଏକ ଗୁମୁଟିରେ ମଦ ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ଏଥିରେ ସମ୍ପୃକ୍ତ ମହେଶ୍ୱର ଦାସଙ୍କୁ ଗିରଫ କରିଥିବା ବେଳେ ୩୯ ଲିଟର ବିଦେଶୀ ମଦ ଜବତ କରିଛି। ଏ ନେଇ ଥାନାରେ ମାମଲା (ନଂ ୨୩୧/୨୫) ରୁଜୁ କରାଯାଇଛି। ସେହିପରି ବାଲିମୁଣ୍ଡା ଇଲେକ୍ଟ୍ରିକ୍ସ ଷ୍ଟକ୍ଟର ନିକଟରେ ଏକ ଉଠା ଦୋକାନରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ନନ୍ଦପାଟଣା ଗ୍ରାମର ଅରୁଣ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି। ସେଠାରୁ ୧୬ଲିଟର ବିଦେଶୀ ମଦ ଜବତ କରାଯାଇଛି। ଥାନାରେ ମାମଲା (ନଂ ୨୩୦/୨୫) ରୁଜୁ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ଆଗରପଡ଼ା କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଆଗରପଡ଼ା,୧୦ା୯(ସୁଶାନ୍ତ ଦାଶ)

ଆଗରପଡ଼ା କଲେଜରେ ବର୍ଦ୍ଧିତ ଫି, ରି ଆଡମିଶନ ଫି, ଆଇଟି ବର୍ଦ୍ଧିତ ଫି ସହ ଉନ୍ନୟନ ମୂଳକ ଅର୍ଥର ସୁବିନିଯୋଗ ନ ହେବା ଆଦି ଦାବିରେ ଛାତ୍ରୀଛାତ୍ରମାନେ ବୁଧବାର ଆନ୍ଦୋଳନରେ ବସିଥିଲେ। ଏନେଇ ଛାତ୍ରୀଛାତ୍ରମାନେ ପୂର୍ବରୁ ଉପଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ବୋଲି ଛାତ୍ର ରଜତ କୁମାର ଦାସ, ମାନ୍ୟତା ଦାସ ପ୍ରମୁଖ ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ଼ ଧରି ବିଭିନ୍ନ ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ। ଅଧକ୍ଷ ନାରାୟଣ ଚନ୍ଦ୍ର ପୁରୀ ଓ ଶୃଙ୍ଖଳା କମିଟି ସଦସ୍ୟମାନେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ଗଛ କାଟି ସଂରକ୍ଷିତ ଜଙ୍ଗଲରେ ରାସ୍ତା ନିର୍ମାଣ

## ବଢ଼ୁଛି ଅସନ୍ତୋଷ

ବାରିପଦା,୧୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗଛ କଟା ପରେ ଚାଲିଥିବା ରାସ୍ତା ନିର୍ମାଣ।

ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ଭାଗବତଚନ୍ଦ୍ରପୁର ପଞ୍ଚାୟତ ତସରାଲା ମୌଜା ଅଧୀନ ଏକ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଗଛ କଟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ଏକ ନିର୍ମାଣକାରୀ ସଂସ୍ଥା ରାସ୍ତା ପାଇଁ ବଡ଼ ବଡ଼ ଗଛ ସବୁ କାଟିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୋସିଆଲ ମିଡିଆ ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବେଆଇନ ଗଛକଟାକୁ ବନ୍ଦ କରା ନ ଗଲେ ବାରିପଦା ଡିଏଫଓଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବେତନଟୀ ରେଞ୍ଜ ଅଧୀନରେ ଥିବା ଏହି ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ଏକ ଘରୋଇ ନର୍ସିଂହୋମକୁ ଯିବାଆସିବା କରିବା ପାଇଁ ବେଆଇନ ଭାବେ ଗଛକଟା ଚାଲିଛି। ଶହେରୁ ଉର୍ଦ୍ଧ୍ୱ ପୁରୁଣା ଶାଳଗଛଗୁଡ଼ିକ କାଟି ରାସ୍ତା ନିର୍ମାଣ କରାଯାଉଛି। ଯାହାକୁ ନେଇ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ବ୍ୟକ୍ତିମାନେ ଆଖି ଦେଖାଇ ଧମକ ଚମକ ଦେଉଛନ୍ତି। ଏପରିକି ବିଭାଗ ପକ୍ଷରୁ କୌଣସି ଅନୁମତି ନିଆଯାଇ ନ ଥିବା ବେଳେ ବନ ବିଭାଗର ଅଧିକାରୀମାନେ ଜାଣିଶୁଣି ନିରବ ରହିଛନ୍ତି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ଅସାଧୁ ଉପାୟରେ ଏହାକୁ ଜୋର ଜବରଦସ୍ତ କରାଯାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ଏହାର ଖୁବଶୀଘ୍ର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ବ୍ୟବସାୟ ପାଇଁ ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବାରିପଦା ରେଞ୍ଜର ଶ୍ରଦ୍ଧେୟ ମନ୍ତ୍ରୀଙ୍କୁ ପଚାରିବାରୁ ସମ୍ପୃକ୍ତ ଘରୋଇ ଡାକ୍ତରଖାନା ପାଇଁ ନିର୍ମାଣ ହେଉଥିବା ରାସ୍ତାଟି ରାଜସ୍ୱ ବିଭାଗ ଅଧୀନରେ ରହିଥିବା ନେଇ ଅଭିଯୋଗ ହୋଇଥିଲା। ବାରିପଦା ତହସିଲ ଓ ବନ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯିବା ପରେ ଠିକ୍ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ତେବେ ତଦନ୍ତ ପୂର୍ବରୁ ରାସ୍ତା କାର୍ଯ୍ୟ କରୁଥିବାରୁ ଗୋଟିଏ ଗାଡ଼ିକୁ ଅଟକ ରଖାଯାଇଛି। ଜଙ୍ଗଲରୁ ଶତାଧିକ ଗଛ କଟାହୋଇ ରାସ୍ତା ନିର୍ମାଣ କାହା ସ୍ୱାର୍ଥରେ ଚାଲିଛି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଦୋଷୀଙ୍କୁ ୨୦ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

ବାରିପଦା,୧୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକ୍ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨ଲକ୍ଷ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟରେ ଅଧିକ ୨ବର୍ଷ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ବଧୂମୁହାଁ ଅର୍ମଦା ଅଞ୍ଚଳର ମାନସ ରଞ୍ଜନ ବାରିକ(୨୭) ।

ମାମଲାର ବିବରଣୀ ଅନୁଯାୟୀ, ବାରିପଦା ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଉଦଳାସ୍ଥିତ ଏକ ଘରୋଇ କଲେଜରେ +୨ବିଜ୍ଞାନରେ ପାଠପଢ଼ୁଥିଲେ। ସେଠାରେ ଶିକ୍ଷକତା କରୁଥିବା ଅଭିଯୁକ୍ତ ମାନସଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ସ୍ଥାପନ ହୋଇଥିଲା। ତେବେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ନଗ୍ନ ଫଟୋ ଓ ଭିଡିଓ ଉଠାଇନେଇ ଥିଲେ। ଏହାକୁ ଛାତ୍ରୀ ଜଣକ ବିରୋଧ କରିବା ସହିତ ତାଙ୍କ ସହ ସମ୍ପର୍କ ତୁଟାଇଥିଲେ। ଅଭିଯୁକ୍ତ ଉକ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରେ ଛାତ୍ରୀ ଜଣକ ୨୦୨୨ ମାର୍ଚ୍ଚ ୨୯ରେ ବାରିପଦା ଟାଉନ ଥାନାରେ ବଳାତ୍କାର ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୯୪/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ରାଜ୍ୟସ୍ତରକୁ ୩ ଛାତ୍ରୀ ମନୋନୀତ

## ଖୋ-ଖୋ ଖେଳରେ ମୋରଡ଼ା ବ୍ଲକକୁ ସଫଳତା



ବିଇଓ ବିଜୟ କୁମାର ପାଣିଗ୍ରାହୀ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମୋରଡ଼ା,୧୦।୯(ସ୍ୱାରକ ମାଝୀ)

ଜିଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକକୁ ସଫଳତା ମିଳିଛି। ଏହି ବ୍ଲକର ୩ ଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରୀମାନେ ହେଲେ ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଆରାଧ୍ୟା ସିଂ,ସୁଭଦ୍ରା ସିଂ ଏବଂ ତପସ୍ୱିନୀ ସିଂ। ଏପରି କୃତୀତ୍ୱ ପାଇଁ ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀ ଉକ୍ତ ୩ଜଣ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତା ପାଇଁ ଛାତ୍ରୀମାନେ ମୋରଡା ବ୍ଲକ୍ ଖେଳ ଶିକ୍ଷକ ଅଫିସର ସୁନୀଲ ମହାନ୍ତ, କୋଚ୍ ଭାରତୀ ମହାନ୍ତ ଏବଂ ବିଦ୍ୟାଳୟର ଖେଳ ଶିକ୍ଷକ ହେମନ୍ତ କୁମାର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଅନୁଯାୟୀ, ବିଶୋଇସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ସେପ୍ଟେମ୍ବର ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଫୁଟବଲ, କବାଡ଼ି ଏବଂ ଖୋ-ଖୋ ପ୍ରତିଯୋଗିତା ଚାଲିଥିଲା। ନିୟମ ମୁତାବକ ପ୍ରତି ଖେଳରେ ଯେଉଁ ବ୍ଲକରୁ ଅଧିକ ପ୍ରତିଯୋଗୀ ମନୋନୀତ ହେବେ ସେହି ବ୍ଲକ ଚାମ୍ପିୟନ ଘୋଷିତ ହୋଇଥାଏ। ବାଳିକା ବିଭାଗ ଖୋ-ଖୋ ଖେଳରେ ମୋରଡା ବ୍ଲକରୁ ସର୍ବାଧିକ ୩ଜଣ ପ୍ରତିଯୋଗୀ ମନୋନୀତ ହୋଇଥିବାରୁ ଏହି ବ୍ଲକ ଖୋ-ଖୋ ଖେଳର ବାଳିକା ବିଭାଗରେ ଚାମ୍ପିୟନ ହୋଇଥିଲା ।

# ଜମି ବିବାଦରୁ ଗୁଳି ଫୁଟାଇବା ଘଟଣା : ୫ କୋର୍ଟ ଚାଲାଣ

ମୋରଡ଼ା/ରାସଗୋବିନ୍ଦପୁର,୧୦।୯(ସ୍ୱାରକ ମାଝୀ/ସତ୍ୟବାଦୀ ପରିଡ଼ା): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଗତ ୬ ତାରିଖ ରାତିରେ ଜମି ବିବାଦକୁ ନେଇ ଦିଲୀପ କୁମାର ଗିରିଙ୍କ ଘର ଉପରକୁ ଦୁର୍ବୃତ୍ତ ମାନେ ଗୁଳି ମାଡ଼ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅସନଖାଳି ଗ୍ରାମର ରଜନୀକାନ୍ତ ପଲେଇ, ମାଣିକପୁର ଗ୍ରାମର ରଞ୍ଜନ କୁମାର ଗିରି, ପିଣ୍ଟୁ ଗିରି, ଗୋକୁଳାନନ୍ଦ ଗିରି ଏବଂ ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମର ସୁବ୍ରତ କୁମାର ଦଲେଇ। ସେମାନଙ୍କଠାରୁ ବ୍ୟବହୃତ ବନ୍ଧୁକ ଜବତ ହୋଇଛି।

# ବରିଷ୍ଠ ନାଗରିକ ବିକାଶ ମଞ୍ଚର ବାର୍ଷିକୋତ୍ସବ

**ବୈଶିଙ୍ଗା,୧୦।୯(ରତନ ଦାଶ):** ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ବାର୍ଷିକ ଉତ୍ସବ ବୁଧବାର ମଧ୍ୟାହ୍ନରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ, ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ , ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୌଳିକ ଅଧିକାର ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ୭ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ରମେଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ସୁଦର୍ଶନ ମହାପାତ୍ର, ସୁରଥ ଚନ୍ଦ୍ର ପ୍ରଧାନ, ପରେଶ ଆଚାର୍ଯ୍ୟ, ମନ୍ମଥ ପରମାଣିକ ଓ ବ୍ରଜକୁମାର ଦାସ। ସଭାରେ ସଭାପତିତ୍ୱ କରିଥିଲେ ସୀତାନାଥ ବେହେରା ଓ ମଞ୍ଚ ପରିଚାଳନା କରିଥିଲେ ହରିଶ ଚନ୍ଦ୍ର ରାଉତ। ବିଗତ ବର୍ଷରେ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ ସମ୍ପାଦକ ଅଶ୍ୱିନୀ କୁମାର ମହାରଣା। ମନୋରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ ।

# ସର୍ପାଘାତରେ ଗୁରୁତର ନାବାଳିକାଙ୍କୁ ମିଳିଲାନି ଆମ୍ବୁଲାନ୍ସ ସେବା

## ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବାକୁ ନେଇ ବଢ଼ୁଛି ଅସନ୍ତୋଷ

ବେତନଟୀ,୧୦।୯(ଧରଣୀଧର ମହାନ୍ତି): ୧୦୮ ଆମ୍ବୁଲାନ୍ସ ପାଇଁ ଅଧିକାଂଶ ସମୟରେ ଗୁରୁତର ରୋଗୀଙ୍କୁ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ବେଳେ ଅଧିକ ବିଳମ୍ବ ହେଲେ ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହୋଇପଡୁଛି। କେତେକ କ୍ଷେତ୍ରରେ ଆମ୍ବୁଲାନ୍ସକୁ ଅପେକ୍ଷା କରି ଶେଷ ମୁହୂର୍ତ୍ତରେ ଗରିବ ଲୋକ ମଧ୍ୟ ଗୁରୁତର ରୋଗୀଙ୍କୁ ଭଡା ଗାଡ଼ିରେ ବେତନଟୀରୁ ବାରିପଦା ମେଡିକାଲ ନେଉଥିବା ଦେଖିବାକୁ ମିଳିଛି। ଗରିବ ଲୋକଙ୍କୁ ଭଗବାନ ଭରସା ଭଳି ଘଟଣା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଦେଖିବାକୁ ମିଳିଛି।

ବେତନଟୀ ନିକଟସ୍ଥ ଡିଙ୍ଗିରା-ବର୍ତ୍ତନା ଗ୍ରାମର ଦର୍ଗା ମୁର୍ମୁଙ୍କ ନାବାଳିକା ଝିଅ ଗୁରୁବାରୀ (୧୬)ଙ୍କୁ ମଙ୍ଗଳବାର ରାତି ୧ଟା ସମୟରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ବିଳମ୍ବିତ ରାତିରେ ଆମ୍ବୁଲାନ୍ସ ସେବା ପାଇ ନ ପାରି ଗୁରୁତର ଗୁରୁବାରୀଙ୍କୁ ବୁଧବାର ସକାଳ ୫ଟା ସମୟରେ ଅଟୋ ଭଡ଼ା କରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ତେବେ ବାରିପଦା ଯିବାପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ଦେଢ଼ ଘଣ୍ଟାରୁ ଦୁଇ ଘଣ୍ଟା ବିଳମ୍ବ ହେବା ଜାଣି ଗୁରୁବାରୀଙ୍କ ପରିବାର ବର୍ଗ ବାଧ୍ୟ ହୋଇ ଏକ ଭଡା ଗାଡ଼ି ସାହାଯ୍ୟରେ ବାରିପଦା ପିଆରଏମ୍ ମେଡିକାଲକୁ ନେଇଥିଲେ। ସୂଚନାଯୋଗ୍ୟ, ୧୦୮ ଆମ୍ବୁଲାନ୍ସ ଅଧିକାଂଶ ସମୟରେ ଗୁରୁତର ରୋଗୀଙ୍କୁ ବେତନଟୀରୁ ବାରିପଦାକୁ ନେବାପାଇଁ ବିଳମ୍ବ ହେଉଛି। ସେଥିପାଇଁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜରୁରୀ ଥିବା ଗୁରୁତର ରୋଗୀଙ୍କୁ ବାରିପଦା ସ୍ଥାନାନ୍ତର ପାଇଁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଦିଆଯିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ମାତ୍ର ଜିଲା ପ୍ରଶାସନ ବା ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି।

# ୧୧୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା



ଚକ୍ଷୁ ପରୀକ୍ଷା ପାଇଁ ଆସିଥିବା ଛାତ୍ରୀଛାତ୍ର।

**ବାରିପଦା,୧୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ବାରିପଦା ଲାଲବଜାର ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ୪ ଦିନ ଧରି ବାରିପଦା, ବେତନଟୀ ଓ ଶାମାଖୁଣ୍ଟା ବ୍ଲକର ମୋଟ ୧୧୫ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରାସଗୋବିନ୍ଦପୁରସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ରାଜେଶ ପାଲ ଓ ଗୀତା ମୁର୍ମୁଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ଉପଯୁକ୍ତ ଚଷମା ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ତପସ୍ୱିନୀ ଦାଶ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କର ଆଖିର ଯତ୍ନ ନେବା କ୍ଷେତ୍ରରେ ସମଗ୍ର ଶିକ୍ଷା ମୟୂରଭଞ୍ଜ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଚାଲିଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାରିପଦା ମୁନିସିପାଲଟିର ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରାଣୀ ଦାସ ଓ ଶିକ୍ଷକ ଦିଲ୍ଲୀପ କୁମାର ଦାସ ପରିଚାଳନା କରିଥିଲେ। ସୋନାଲିକା ନାୟକ , ସରୋଜ ଦାସ , ଭରତ ଚନ୍ଦ୍ର କାଣ୍ଡି , ବିଜୟ କୁମାର ପରିଡା ପ୍ରମୁଖ ଅନ୍ତର୍ନିବେଶୀ ସେଚ୍ଛାସେବୀ ମାନେ ତୃଣମୂଳସ୍ତରରୁ ଶିବିର ପର୍ଯ୍ୟନ୍ତ ସ୍ୱଳ୍ପ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀମାନଙ୍କୁ ଆଣିବାରେ ସହଯୋଗ କରିଥିଲେ।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.

Sd./- Coordinator of CoENSTds
Berhampur University



**GOVERNMENT OF ODISHA** No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

1. Name of the Work : Building Work
2. Total No. of Works : 02 (Two) Nos.
3. Tender Cost : Rs.30.34 & 12.61 Lakhs
4. Class of Contractor : D, C & B equivalent
5. Period of Completion : 2 Calendar Months
6. Availability of Tender Online for Bidding : 12.09.2025 at 11.00 A.M. to 19.09.2025 upto 5.00 P.M.
7. Last date & time of seeking tender clarification : 18.09.2025 upto 4.00 P.M.
8. Date & time of opening of tender : 20.09.2025 at 11.00 A.M.

Other details can be seen from the website: **http://tendersorissa.gov.in**.

Sd./- Superintending Engineer
Rural Works Division-II, Dkl
Kamakhyanagar
OIPR-25094/11/0032/2526



**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

1. Number of Works : 03 (Three) Number of road works
   01 (One) Number of building work
   02 (Two) Number of electrical works
2. Approximate Estimated Cost : Varies from 12.00 lakh to 49.00 lakh
3. Period of Completion : Varies from 02 (Two) to 06 (Six) Calendar Months
4. Date & Time of availability of bid document in the portal : Dt.12.09.2025 at 10.00 A.M.
5. Last date/time for receipt of bid in the portal : Dt.22.09.2025 upto 5.00 P.M.
6. Date of Opening Bid : Dt.23.09.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in**.

Sd./- Superintending Engineer
Angul (R&B) Division
OIPR-34074/11/0032/2526



**ପୂର୍ବ ତଟ ରେଳପଥ**
ବିଜ୍ଞପ୍ତି ସଂ. eT-Central-WAT-34-2025
ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧିନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍‌ଭାନାଇଜଡ୍ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଙ୍ଗ, ପ୍ରୁଫ୍ ଚେକିଙ୍ଗ, ଫ୍ୟାବ୍ରିକେସନ ଏବଂ ଫିକ୍ସିଙ୍ଗ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥ୍ରୁ ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, EMD : ₹ 4,47,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-575/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଏଇଏନ୍/।/ଟାଟାଙ୍କ ଅଧୀନରେ ସାଲ୍‌ଗାଜୋରି-ଟାଟାନଗର ମଧ୍ୟରେ ଆର୍‌ୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୧,୦୮,୫୬୮.୯୯ । **ଇଏମ୍‌ଡି:** ₹୨୨,୨୦୦/-। **୨. ୪୪-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଗୁଆଁଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । **ଟେଣ୍ଡର ମୂଲ୍ୟ:** ₹୪୯,୨୩,୭୦୬.୩୭ । **ଇଏମ୍‌ଡି:** ₹୯୮,୫୦୦/-। **୩. ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର୍ ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୩୦,୧୨,୮୭୯.୨୨। **ଇଏମ୍‌ଡି:** ₹୬୦,୩୦୦/- । **୪. ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆର୍‌ୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଆର୍‌ବିକେ-୬୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୨୫,୮୧,୬୭୪.୮୬ । **ଇଏମ୍‌ଡି:** ₹୫୧,୬୦୦/-। **୫. ୫୦-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲ୍‌ସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ଓୟାରିଂ । **ଟେଣ୍ଡର ମୂଲ୍ୟ:** ₹୨,୭୧,୬୫,୧୧୯.୧୪ । **ଇଏମ୍‌ଡି:** ₹୨,୮୫,୮୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବ ଜରୁରୀ। (PR-612)



**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**
NIT No. – 390/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)

PR 361530 Jharkhand Urja Sancharan Nigam Ltd (25-26)_D



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଲିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | **ମମତା ପରିଡା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୨୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | **ନନ୍ଦ କିଶୋର ବେହେରା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | **ବନ୍ଧୁ ପତି,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | **ସୁଷମା ରଣା,** ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | **କିଶୋର ରଣା,** ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | **ଭାସ୍କର ମାଳି,** ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | **ଧରଣୀଧର ଶବର,** ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୯୦୬୧୦୦୧୫୭୮୦ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୭.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

**ଖୁଣ୍ଟୁଣୀ,୧୦।୯(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ପୋଲିସ ଏକ ଆନ୍ତଃ ଜିଲା ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ଲୁଲୁ ମହନ୍ତ, ଖୁଣ୍ଟୁଣୀ ଥାନା ଡାଲୁଆ ଗ୍ରାମର ମନ ଓରଫ ମନୋଜ ଦେହୁରୀ, ଖୁଣ୍ଟୁଣୀ ଥାନା ମାଣିତ୍ରୀ ଗ୍ରାମର ବିଜୁ ଦେହୁରୀ, ଗୁରୁଡ଼ିଝାଟିଆ ଥାନା କୁଷ୍ପଙ୍ଗି ଗ୍ରାମର ସତ୍ୟନାରାୟଣ ବେହେରା। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅପରାହ୍ନରେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉପରୋକ୍ତ ଅଭିଯୁକ୍ତମାନେ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଆଣି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ କୁଷ୍ପଙ୍ଗିଠାରେ ରଖିଥିଲେ। ଗତ ୭ ତାରିଖରେ ଖୁଣ୍ଟୁଣୀ ଥାନା ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରାଙ୍କ ଏକ ବାଇକ୍ ଚୋରି ହୋଇଥିବା ଖୁଣ୍ଟୁଣୀ ଥାନାରେ ସେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ ଓ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଘଟଣାର ତଦନ୍ତ କରି ଡ଼ାଲୁଆ ଗ୍ରାମର ମନୋଜଙ୍କଠାରୁ ବାଇକ୍ ଜବତ କରିଥିଲା। ପରେ ମନୋଜଙ୍କ ବୟାନକୁ ଭିତ୍ତିକରି ପୋଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଲୁଲୁଙ୍କୁ ପଚରାଉଚରା କରିଥିଲା। ସେମାନେ ବାଇକ୍ ଚୋରି କରି ଖୁଣ୍ଟୁଣୀ ଷ୍ଟେଶନ ରୋଡ ବିଜୁ ଦେହୁରୀଙ୍କ ବାଇକ୍ ଦୋକାନରେ ନମ୍ବର ପ୍ଲେଟ ଆଦି ଅଦଳବଦଳ କରି ଏହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଏହି ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଚୌଦ୍ୱାର ଏସ୍‌ଡିପିଓ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଆଇଆଇସି ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ଏସ୍‌ଆଇ ପ୍ରୀତି ରାୟ ଓ ୨ କନଷ୍ଟେବଲଙ୍କ ସହିତ ଏକ ଟିମ୍ ଗଠିତ ହୋଇଥିଲା। ଉପରୋକ୍ତ ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ବିଭିନ୍ନ ସ୍ଥାନରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୧୩ଟି ବାଇକ୍ ପୋଲିସ୍ ଜବତ କରିଥିଲା। ଏହି ଘଟଣାରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ଓ ଅଧିକ ଚୋରା ବାଇକ୍ ଜବତ ହେବା ସମ୍ଭାବନା ଥିବାରୁ ପୋଲିସ ଅଧିକ କିଛି କହିବାକୁ ମନା କରିଥିଲା। ଏ ନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୮୪/୨୫) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ବାଇକ୍।

- ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ
- ବିଭିନ୍ନ ସ୍ଥାନରୁ ଚୋରି ୧୩ ବାଇକ୍ ଜବତ

# ସାର କଳାବଜାର: କିର୍ମିରା ପାକ୍ସ ସମ୍ପାଦକ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାର।

**ଝାରସୁଗୁଡ଼ା, ୧୦।୯(ଆଶିଷ ରଞ୍ଜନ ଦାଶ)**

ସାର ଅଭାବ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଛାଷୀମାନେ ଧାରଣା ସହ ରାସ୍ତାରୋକା କରୁଛନ୍ତି। ହେଲେ ସାର କଳାବଜାର ବଢ଼ିବାରେ ଲାଗିଛି। ସାର କଳାବଜାର ଅଭିଯୋଗରେ ଝାରସୁଗୁଡ଼ା ଜିଲା କିର୍ମିରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ବୁଦ୍ଧଦେବ ସାହୁଙ୍କୁ ଲଇକେରା ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଉକ୍ତ ସମିତିରୁ ସାର କଳାବଜାର କରାଯିବା ସହ ୨୬ ବସ୍ତା ସାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଲୋଡିଂ କରାଯାଇଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉକ୍ତ ଗାଡ଼ି ଜବତ କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ସାର କଳାବଜାରରେ ପାକ୍ସ ସମ୍ପାଦକ ବୁଦ୍ଧଦେବଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୩/୨୫) ରୁଜୁ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରିଥିଲା।

# ନାବାଳିକା ଅପହରଣ ବେଳେ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲେ ଲୋକେ

**ଭଞ୍ଜନଗର,୧୦।୯(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନୂଆଁପଲ୍ଲୀ ଅଞ୍ଚଳରୁ ମଙ୍ଗଳବାର ଜଣେ ନାବାଳିକା (୧୦)ଙ୍କୁ ରାଇକିଆ ଥାନା ଅନ୍ତର୍ଗତ ସୁବଲାବାଡି ଗ୍ରାମର ଜଣେ ବ୍ୟକ୍ତି (୫୫) ନିଜ ସ୍କୁଟିରେ ଅପହରଣ କରି ନେଉଥିଲେ। ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ଗାଲେରିଠାରେ ଅଞ୍ଚଳବାସୀ ଅଭିଯୁକ୍ତଙ୍କୁ ସନ୍ଦେହ କରି ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ପରେ ଲୋକେ ତାରସିଂ ପୋଲିସକୁ ଡାକି ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ତଦନ୍ତ ପରେ ଅଭିଯୁକ୍ତ ଜଣକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ଜଣାପଡିଥିଲା। ସେ ସମ୍ପୃକ୍ତା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା କିମ୍ବା ଅନ୍ୟତ୍ର ଚାଲାଣ ପାଇଁ ଯୋଜନା କରିଥିବା ସନ୍ଦେହ କରାଯାଉଛି। ପୋଲିସ ନାବାଳିକାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

ଖବରରୁ ଜଣାପଡିଛି, ନୂଆଁପଲ୍ଲୀର ୩ ଭଉଣୀଭାଇ ମଙ୍ଗଳବାର ଗ୍ରାମ ରାସ୍ତାରେ ଖେଳୁଥିଲେ। ସେମାନଙ୍କ ମା' ଜମିକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ଏକ ସ୍କୁଟିରେ ଗ୍ରାମରେ ପହଞ୍ଚି ଖେଳୁଥିବା ୩ ଭଉଣୀଭାଇଙ୍କ ମଧ୍ୟରୁ ବଡ଼ଭଉଣୀକୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ମା' ଜମିରୁ ଫେରି ଘରେ ବଡଝିଅ ନ ଥିବା ଦେଖି ସାନଝିଅ ଓ ପୁଅଙ୍କୁ ପଚାରିଥିଲେ। କିଏ ଜଣେ ଆସି ଗାଡିରେ ବଡ ଭଉଣୀକୁ ଗାଲେରି ରାସ୍ତାରେ ନେଇଯାଇଥିବା ସେମାନେ କହିଥିଲେ। ପରେ ନାବାଳିକାଙ୍କ ମା' ଗାଲେରି ଆଡ଼େ ଝିଅକୁ ଖୋଜିବାକୁ ଆସିଥିବା ବେଳେ ଲୋକେ ତାଙ୍କ ଝିଅକୁ ଉଦ୍ଧାର କରିଥିବା ଜାଣିବାକୁ ପାଇଥିଲେ। ପୋଲିସ ଉପସ୍ଥିତିରେ ମା' ଝିଅଙ୍କୁ ଫେରି ପାଇଛନ୍ତି। ଏନେଇ ନଂ. ୩୩୮/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଏହି ତିନି ଭଉଣୀଭାଇଙ୍କ ବାପା ବେଙ୍ଗାଲୁରୁରେ କାମ କରନ୍ତି।

# ପେନ୍‌ସନ କରାଇଦେବାକୁ ୩୦ ହଜାର ନେଉଥିଲେ

## ଭିଜିଲାନ୍ସ ଜାଲରେ ବନ ବିଦ୍ୟାଳୟ କିରାଣି

**ଚମ୍ପୁଆ/କେନ୍ଦୁଝର,୧୦।୯(ମହେଶ୍ୱର ଦାସ/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ମୁଖ୍ୟାଳୟରେ ଥିବା ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ(ବନ ବିଦ୍ୟାଳୟ)ର ଜଣେ କନିଷ୍ଠ କିରାଣି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କିରାଣି ରୂପଚାନ୍ଦ ନାଏକ ଜଣେ ଅବସରପ୍ରାପ୍ତ ପିଅନଙ୍କ ପେନ୍‌ସନ ପେପର ଓ ଅନ୍ୟାନ୍ୟ କାମ କରାଇଦେବାକୁ ଲାଞ୍ଚ ନେଉଥିଲେ। କିରାଣି ନାଏକ ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୨୪ ମସିହାରୁ କାର୍ଯ୍ୟ କରି ଆସୁଛନ୍ତି।

ପ୍ରକାଶ ଯେ, ୩୧ ଜୁଲାଇ ୨୦୨୪ରେ ଜଣେ ପିଅନ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ସେ ତାଙ୍କ ସର୍ଭିସ୍ ବୁକ୍, ପେନ୍‌ସନ୍ ପେପର ଆଦି କରିବାକୁ ବନ ବିଦ୍ୟାଳୟକୁ ଆସୁଥିଲେ। ମାତ୍ର ବରିଷ୍ଠ କିରାଣି ରୂପଚାନ୍ଦ ନାଏକ ତାଙ୍କର ଏଚ୍‌ଆର୍‌ଏମ୍‌ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପ୍‌ଲୋଡ୍ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମାତ୍ର ସେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ତେଣୁ ବାରମ୍ବାର ହଇରାଣ କରୁଥିଲେ। ଶେଷରେ ସେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ପୂର୍ବ ଯୋଜନା ଅନୁଯାୟୀ ଉକ୍ତ ଲାଞ୍ଚ ଟଙ୍କା ପ୍ରଦାନ ସମୟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ପରେ ଭିଜିଲାନ୍ସ ଟିମ୍ ଏକକାଳୀନ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ମଧ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନ୍ସପେକ୍ଟର ଉଲପି ବେହେରା, ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନଷ୍ଟେବଲ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏ ନେଇ ତାଙ୍କ ନାଁରେ ଏକ ମାମଲା(ନଂ. ୯/୨୫)ରୁଜୁ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଡିଏସ୍‌ପି ପୂଜାରୀ ସୂଚନା ଦେଇଛନ୍ତି।






ନିକଲସନ ବନ ବିଦ୍ୟାଳୟ ଓ କିରାଣି ରୂପଚାନ୍ଦ ନାଏକ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୧୦।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବୃଦ୍ଧ ଜଣୈକା ମୂକ, ବଧିର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଅଛନ୍ତି। ଅଭିଯୋଗ ଅନୁଯାୟୀ, ନାକିଚିଦେଉଳ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଛେଣ୍ଡିପଦା ଥାନା ଅଞ୍ଚଳର ସମ୍ପର୍କୀୟଙ୍କ ଘରେ ୫ବର୍ଷ ହେବ ରହୁଛନ୍ତି। ସେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ବୃଦ୍ଧ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ମୂକ, ବଧିର ହୋଇଥିବାରୁ ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ କାହାକୁ ଜଣାଇପାରି ନ ଥିଲେ। ହେଲେ ସେ ୮ ମାସର ଗର୍ଭବତୀ ହେବା ପରେ ସମ୍ପର୍କୀୟମାନଙ୍କ ନଜରକୁ ଘଟଣା ଆସିଥିଲା। ଏହାପରେ ଯୁବତୀଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୪୫/୨୫ରେ ମାମାଲା ରୁଜୁ କରିବା ସହ ଯୁବତୀଙ୍କ ଭାଷା ବୁଝି ପାରୁଥିବା ଏକ୍ସପର୍ଟଙ୍କ ଦ୍ୱାରା ବୟାନ ରେକର୍ଡ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

## BUSINESS

# ଲକ୍ଷ୍ୟଠାରୁ ୨୪.୩୬% ଅଧିକ ଟଙ୍କା ହାସଲ କରିଛନ୍ତି ବ୍ୟାଙ୍କ

## ୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ

**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**




୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧକ୍ଷ ଅଶ୍ୱିନୀ କୁମାର ସୂଚନା ଦେଇ କହିଛନ୍ତି , ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସିପି ଅଧୀନରେ ବାର୍ଷିକ ଲକ୍ଷ୍ୟ ୨,୫୨,୦୯୫.୬୬ କୋଟି ଟଙ୍କା ରଖାଯାଇଥିବାବେଳେ ସମସ୍ତ ବ୍ୟାଙ୍କଗୁଡିକ ୨୦୨୫ ଜୁନ୍ ଶେଷ ସୁଦ୍ଧା ୬୧,୪୧୨.୭୬ କୋଟି ଟଙ୍କା ହାସଲ କରିଛନ୍ତି। ଏହା ଲକ୍ଷ୍ୟର ୨୪.୩୬ ପ୍ରତିଶତ । ରାଜ୍ୟର ବ୍ୟାଙ୍କଗୁଡିକ କୃଷି କ୍ଷେତ୍ରରେ ୨୦.୯୩% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୩୦.୪୧% ହାସଲ କରିଛନ୍ତି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅଭିବୃଦ୍ଧି ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏସିପି ସଫଳତା ଓ ରାଜ୍ୟର ଜିଏସ୍‌ଡିପି ଅନୁପାତକୁ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ବ୍ୟାଙ୍କଗୁଡିକୁ ଜିଏସ୍‌ଡିପି ଅନୁପାତରେ ବୃଦ୍ଧି ହୋଇଥିବା ଋଣ, ଶିକ୍ଷା ଋଣ ଅଧିନରେ ସବ୍‌ଭେନ୍‌ସନ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଏଫ୍‌ଆଇ ସାଚୁରେଶନ କ୍ୟାମ୍ପରେ ରି-କେୱାଇସି କରିବାରେ ଓଡ଼ିଶା ଦେଶରେ ପ୍ରଥମ ହୋଇଥିବା କହିଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀ କୃଷି ଉଦ୍ୟୋଗୀଙ୍କ ପ୍ରୋତ୍ସାହନ, କୃଷି ଭିତ୍ତିଭୂମି ଓ ଏମ୍‌ଆଇଡିଏଚ୍ ଆଦି ଯୋଜନା ଉପରେ କହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଉଷା ପାଢ଼ୀ ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ପିଏମ୍ ସ୍ୱନିଧି, ଆମ ସୁବାହାକ ଯୋଜନାର ଶୁଭାରମ୍ଭ ବିଷୟରେ ସୂଚନା ଦେଇଥିଲେ। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ମହିଳା ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ପ୍ରଦାନ କରିବା, ଋଣ ଟିକଟ ପରିମାଣ ବଢ଼ାଇବା ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ପ୍ରଶାନ୍ତ କୁମାର ରେଡ୍ଡୀ ବିଭିନ୍ନ ଯୋଜନା ପାଇଁ ସଂଶୋଧିତ ମାନଦଣ୍ଡ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନଦେବାକୁ କହିଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସମସ୍ତ ବ୍ୟାଙ୍କର ଆଚିଭମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ଏସ୍‌ବିଆଇ, ପିଏନ୍‌ବି, ୟୁବିଆଇ, ୟୁକୋ, ବିଓଆଇ ଏବଂ ବିଓବିର ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଥମୁନି ସୁନା ଦର ବୃଦ୍ଧି

**ଭୁବନେଶ୍ୱର,୧୦।୯**

ପାର୍ବଣ ଋତୁ ଓ ବିବାହ ଋତୁରେ ଅଳଙ୍କାର କିଣିବାକୁ ଗ୍ରାହକ ପସନ୍ଦ କରୁଥିବାବେଳେ ନିୟମିତ ଭାବେ ସୁନା ଦର ବଢ଼ିଚାଲିଛି। ମଙ୍ଗଳବାର ୨୨ କ୍ୟାରେଟ ସୁନା ଦାମ ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ବୁଧବାର ପୁଣି ଦର ବଢ଼ିଛି ଯାହାକି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୧,୧୦,୫୦୯ ଟଙ୍କାରେ ପହଞ୍ଚିଛି। ମଙ୍ଗଳବାର ଏହା ୧,୧୦,୨୯୦ ଟଙ୍କା ଥିଲା । ଏଥିରେ ୨୧୯ ଟଙ୍କା ବୃଦ୍ଧି ହୋଇଛି । ସେହିପରି ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୧,୦୧,୩୦୦ ଟଙ୍କା ରହିଛି । ମଙ୍ଗଳବାର ୧,୦୧,୧୦୦ ଟଙ୍କା ଥିଲା । ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୮୨,୭୨୦ ଟଙ୍କାରୁ ୧୬୦ ଟଙ୍କା ବଢ଼ି ୮୨,୮୮୦ ଟଙ୍କା ରହିଛି । ତେବେ ରୁପା ଦରରେ ୨ଦିନ କୌଣସି ପରିବର୍ତ୍ତନ ହୋଇ ନାହିଁ । ୧୦୦ ଗ୍ରାମ ରୁପା ଦାମ୍ ୧୪,୦୦୦ ଟଙ୍କା ରହିଛି ।

# ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ପରିବର୍ତ୍ତିତ ଜିଏସ୍‌ଟି

**ଭୁବନେଶ୍ୱର,୧୦।୯**

ଜେସିବି ଇଣ୍ଡିଆ ଲିମିଟେଡ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇଛନ୍ତି। ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସ୍‌ଟି ଖର୍ଚ୍ଚ ହ୍ରାସକରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ। ଉଭୟ କ୍ଷେତ୍ରରେ ଜେସିବି ମେଶିନର ବହୁ ଅବଦାନ ରହିଛି।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର




**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**

ମୟୂରଭଞ୍ଜ ଜିଲା ବାରିପଦାଠାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍‌ଭେଣ୍ଟ ରୋଡ୍, ଷ୍ଟେଶନ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପଠାରେ ୩ ଦିନ ଧରି ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ଏହି ଶିବିରରେ ୫୫୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି। ସ୍ୱତନ୍ତ୍ର ଅତିଥି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କ ପରିବାରରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ଆଶାୟୀ ରୋଗୀମାନଙ୍କର ହାଇଟେକ୍ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବେ ବୋଲି ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ସିଇଓ ସୁରେଶ କୁମାର ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

# ବଜାରରେ ହିରୋ ଗ୍ଲାମର ଏକ୍ସ୧୨୫



କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିଚାଳନା ନିର୍ଦ୍ଦେଶକ ଉମରଜିତ ସିଂହ ଗ୍ଲାମର ଏକ୍ସ ୧୨୫ର ଉନ୍ମୋଚନ କରୁଛନ୍ତି।




ଭୁବନେଶ୍ୱରରେ ରୋହନ ହିରୋ ପକ୍ଷରୁ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରୋହନ ଦୁବେ, ସେଲ୍‌ସ ମ୍ୟାନେଜର ଜ୍ୟୋତି ରଞ୍ଜନ ପାତ୍ର ଏବଂ ମ୍ୟାନେଜର(ଲଜିଷ୍ଟିକ୍) ଜ୍ଞାନ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**ଭୁବନେଶ୍ୱର,୧୦।୯**

ସ୍କୁଟର କମ୍ପାନୀ ହିରୋ ମୋଟରକର୍ପ ପକ୍ଷରୁ ନୂଆ ଗ୍ଲାମର ଏକ୍ସ ୧୨୫ ଉନ୍ମୋଚନ କରାଯାଇଛି। ଏହା ଭାରତରୁ ସବୁଠାରୁ ଅତ୍ୟାଧୁନିକ ୧୨୫ ସିସି ମୋଟରସାଇକେଲ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ପ୍ରସ୍ତୁତ ଏହି ବାଇକ୍ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଡ୍ରମର ମୂଲ୍ୟ ୮୯,୯୯୯ ଟଙ୍କା ରହିଥିବାବେଳେ ଡିସ୍କର ମୂଲ୍ୟ ୯୯,୯୯୯(ଏକ୍ସ ଶୋ' ରୁମ୍) ମୂଲ୍ୟ ରହିଛି। ଏହାର ସିଗ୍ନେଚର 'ଏଚ୍' ଫୁଲ୍ ଏଲ୍‌ଇଡି ଲାଇଟିଂ ପ୍ୟାକେଜ ମଧ୍ୟରେ ହାଇ ଡେନ୍‌ସିଟି ହେଡ୍ ଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲାଇଟ୍ସ ଓ ଷ୍ଟାଇଲିଶ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ରହିଛି। ଏହା ସହ ବ୍ଲୁ ଟୁଥ୍ କନେକ୍ଟିଭିଟି, ଟର୍ନ ବାଇ ଟର୍ନ ନେଭିଗେଶନ, ଡିଷ୍ଟାନ୍ସ ଟୁ ଏମ୍ପଟି ଗିୟର ପୋଜିସନ ଆଡଭାଇଜରି ଓ ଆମ୍ବିଏଣ୍ଟ ଲାଇଟ୍ ସେନ୍ସର ସହ ଆଡଭାନ୍ସଡ୍ ମଲ୍ଟି କଲର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ ଆଦି ବୈଶିଷ୍ଟ୍ୟ ରହିଛି। ଗ୍ଲାମର ଏକ୍ସରେ ଅତ୍ୟାଧୁନିକ ସ୍ମୁଥ୍-ଇବିଟି ଇଞ୍ଜିନ୍ ରହିଛି। କମ୍ପାନୀ ଦାବି କରିଛି, ଏହା ବିଶ୍ୱର ପ୍ରଥମ ୧୨୫ ସିସି ମୋଟର ସାଇକେଲ ଯେଉଁଥିରେ ଲୋ ବ୍ୟାଟେରି କିକ୍ ଷ୍ଟାର୍ଟ ଅଛି। ଆକର୍ଷଣୀୟ ଲୁକ୍ ସହ ସମ୍ପୂର୍ଣ୍ଣ ନୂତନ ଟେକଟାଇଲ ସୁଇଚ୍ ଗିୟର ଅଛି। ଏଥିରେ ୪ଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଧ ରହିଛି। ହାଇୱେରେ ଚଳାଇବା ପାଇଁ କ୍ରୁଜ୍ କଣ୍ଟ୍ରୋଲ ବ୍ୟବସ୍ଥା ରହିଥିବାବେଳେ ଭିନ୍ନ ଭିନ୍ନ ଧରଣର ରାସ୍ତା ଓ ପାଣିପାଗରେ ଚଳାଇବା ପାଇଁ ଇକୋ, ରୋଡ୍ ଏବଂ ପାୱାର ଭଳି ୩ଟି ମୋଡ୍ ରହିଛି।

# ପୁଣି ସରକାରୀ ବସ୍ ଅଟକାଇଲେ ମହିଳା

## ତେଜୁଛି ଉପାନ୍ତ ଅଞ୍ଚଳକୁ ବସ ଚଳାଚଳ ଦାବି



ପାଟଣା,୧୦।୯(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳ ଘାଟବାଲିଯୋଡ଼ି ଏବଂ ତଣ୍ଡୋ ଗ୍ରାମକୁ ମୁଖ୍ୟମନ୍ତ୍ରୀ ସରକାରୀ ବସ୍ ଚଳାଚଳ ଦାବିରେ ବୁଧବାର ଉଭୟ ଗ୍ରାମର ଶତାଧିକ ମହିଳା ବସ୍‌କୁ ଡୁମୁରିଆ ଛକ ନିକଟରେ ଅଟକାଇଥିଲେ। ଗ୍ରାମକୁ ବସ ଚଳାଚଳ ପାଇଁ ଦାବି କରି ବସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ବିଭିନ୍ନ ନାରାବାଜି କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବସ୍‌ରେ ଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସୂଚନା ଅନୁଯାୟୀ, ୧ବର୍ଷ ପୂର୍ବରୁ ଉକ୍ତ ୨ ଗ୍ରାମକୁ ବସ୍ ଯାଉଥିଲା। ଗତ କିଛି ମାସ ଧରି ଗାଁକୁ ବସ ଚଳାଚଳ ବନ୍ଦ ରହିଛି। ଗାଁକୁ ବସ୍ ଚଳାଚଳ ଦାବି କରି ମହିଳାମାନେ ବସ୍ ଅଟକାଇ ବିକ୍ଷୋଭ କରିଥିଲେ। ଫଳରେ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ଉପୁଜିଥିବା ବେଳେ ଘଟଗାଁ ପୋଲିସ ଓ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ବସ୍ ମ୍ୟାନେଜର ଓ ଘଟଗାଁ ପୋଲିସ ବୁଝାଶୁଝା ପରେ ୧ ଘଣ୍ଟା ପରେ ମହିଳା ବସ୍‌କୁ ଛାଡ଼ିଥିଲେ। ସୂଚନାଯୋଗ୍ୟ, ସମାନଢ଼ଙ୍ଗରେ ଗତ ଶୁକ୍ରବାର ସକାଳୁ ଜମୁଲେଇବେଡ଼ା ନିକଟରେ ବଣ ମହୁଲ ଡିହା, ପିଚ୍ଛୁଳାବେଡ଼ା ଓ ରହଣି ଦୂମାର ୨ ଶହରୁ ଊର୍ଦ୍ଧ୍ୱ ମହିଳା ବସ୍‌କୁ ଉକ୍ତ ଗାଁକୁ ଚଳାଚଳ ଦାବିରେ ବସ ଅଟକାଇଥିଲେ। ମଙ୍ଗଳବାର ମହିଳାମାନେ ଡୁମୁରିଆ ସରପଞ୍ଚଙ୍କୁ ବସ ଚଳାଚଳ ପାଇଁ ଦାବିପତ୍ର ଦେଇଛନ୍ତି। ପାଟଣା ବିଡିଓ ମାନସ କୁମାରଦଣ୍ଡ ପାଟ କହିଛନ୍ତି, ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲାପାଳ ଓ ବସ୍ ମ୍ୟାନେଜରଙ୍କୁ ଯୋଗାଯୋଗ କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ।

# ଗେଟ୍ ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଚୋରି

ପାଟଣା,୧୦।୯(ବୀରକିଶୋର ଦାଶ)

ପାଟଣା ଥାନା ମଲ୍ଲିପୋଷି ଗ୍ରାମ ରଣା ସାହିରେ ଦୁର୍ବୃତ୍ତ ଭାଗବତ ରଣାଙ୍କ ଗେଟ୍‌ଭାଙ୍ଗି ଘରେ କଳାକନା ବୁଲେଇଛନ୍ତି। ପରିବାରର ସମସ୍ତ ସଦସ୍ୟ ମଲ୍ଲିପୋଷିରେ ପଡ଼ିଥିବା ଅପେରା ଦେଖିବାକୁ ଯାଇଥିବା ବେଳେ ଏହାର ସୁଯୋଗରେ ଘରେ ପଶି ଷ୍ଟିଲ ଆଲମିରାରୁ ନଗଦ ୩ ଲକ୍ଷ ଟଙ୍କା, ୧ସୁନା ହାର, ସୁନା କାନଫୁଲ ୨ହଳ, ଚୁଡ଼ି ୧ପଟ, ପଦୁକ ୩, ମଙ୍ଗଳସୂତ୍ର ୧ ଲୁଟି ନେଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପାଟଣା ପୋଲିସ ପକ୍ଷରୁ ଘଟଗାଁ ଏସ୍‌ଡିପି ଓ ବିଜୟ କୃଷ୍ଣ ମହାପାତ୍ର, ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝି, ଏଏସ୍‌ଆଇ ସରୋଜ ସେଠୀ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଥାନାରେ ଏକ ମାମଲା(ନଂ.୨୨୦/୨୫)ରୁଜୁ ହୋଇଛି।

# ଅଟୋ ଓଲଟି କଲେଜ ଛାତ୍ର ମୃତ

ଢେଙ୍କିକୋଟ,୧୦।୯ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. କଟରାବେଡ଼ା ନିକଟରେ ଅପରାହ୍ନରେ ଏକ ଅଟୋ ଓଲଟି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ୨ ଜଣ ଆହତ ହୋଇଛନ୍ତି। ମୃତକ ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମ ମୁଣ୍ଡା ସାହିର ଜିତେନ ମୁଣ୍ଡା(୧୭), ଗୁରୁତର ଦ୍ୱୟ ହେଲେ ବିରେନ ମୁଣ୍ଡା(୧୭) ଓ ବିକ୍ରମ ମୁଣ୍ଡା(୧୭)। ୩ ଜଣ ପିପିଲିଆ ଲକ୍ଷ୍ମୀନାରାୟଣ କଲେଜର ପ୍ରଥମ ବର୍ଷର ଛାତ୍ର। କଲେଜ ସାରି ଏକ ଅଟୋରିକ୍ସା (ନଂ. ଓଡି ୦୯ ଏନ ୭୪୨୫) ଯୋଗେ ଘରକୁ ଫେରୁଥିଲେ। ଜାତୀୟ ରାଜପଥ ୨ କଟରାବେଡ଼ା ନିକଟରେ ଅଟୋ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଫଳରେ ଜିତେନ ଗୁରୁତର ହୋଇଥିବା ବେଳେ ୨ ଜଣ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଜିତେନଙ୍କୁ କେନ୍ଦୁଝର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# 'କ୍ରାନ୍ତିକାରୀଙ୍କ ମୃତ୍ୟୁ ନାହିଁ'

## ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସ

ଉଦଳା,୧୦।୯ (ସନ୍ତୋଷ କୁମାର ବାଛିନୀ)

ପୂର୍ବପୁରୁଷଙ୍କ ବଳିଦାନର ପରାକାଷ୍ଠାକୁ ନ ଭୁଲି ପ୍ରତ୍ୟେକ ସମୟରେ ସେମାନଙ୍କ ସାହସ, ମହାନତା, ସୌର୍ଯ୍ୟକୁ ଧାରଣ କରି ଆଗକୁ ଚାଲିଲେ ଜାତିର ଗୌରବ ସଦା ଉଜ୍ଜ୍ୱଳ ରହିବ। କ୍ରାନ୍ତିକାରୀଙ୍କ ମୃତ୍ୟୁ ନାହିଁ, ସେ ଚିର ଅମର ବୋଲି ସ୍ୱାଧୀନତା ସଂଗ୍ରାମୀ ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶହୀଦ ବାଘାଯତୀନ ସ୍ମୃତି ପୀଠ ଓ କପ୍ତିପଦା ସାମ୍ବାଦିକ ସଂଘ ଆନୁକୁଲ୍ୟରେ ବୁଧବାର ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଇଂ. ଅଶୋକ କୁମାର ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବିଶିଷ୍ଟ ଅତିଥିଭାବେ କପ୍ତିପଦା ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ସ୍ୱତନ୍ତ୍ର ଅତିଥିଭାବେ କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ର, ସମ୍ମାନିତ ବକ୍ତାଭାବେ ବି ରେସମା ଟେଟେ, ମୁଖ୍ୟବକ୍ତାଭାବେ ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି ପରିଷଦର ସମ୍ପାଦକ ସୁଶାନ୍ତ ମିଶ୍ର ବିବରଣୀ ପାଠ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ। ଓଷ୍ଟାର ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଭରତ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଗବତ ପଣ୍ଡା, ନବୀନ କୁମାର ପାତ୍ର, କବି ବିଷ୍ଣୁ ଶତପଥୀ, ମାଧବ ଚନ୍ଦ୍ର ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁଙ୍କ ରଚିତ ପୁନଶ୍ଚ ପୃଥିବୀ ଏବଂ ରସାତଳର ପୃଥିବୀ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ୩୨ ୟୁନିଟ ସଂଗ୍ରହ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକ ଶହିଦ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ତପନ କୁମାର ସେଠୀ, ଗୋଲକ କୁମାର ବେଜ, ନିରଞ୍ଜନ ମହାନ୍ତି, ପ୍ରମୋଦ କୁମାର ଦାଶ, ଗୋପୀନାଥ ନାୟକ, ମନୋରଞ୍ଜନ ମଲ୍ଲିକ, ସୁଶାନ୍ତ ମହାନ୍ତି, ଆଶିଷ କୁମାର ମଲ୍ଲିକ, ବିଜୟ କୁମାର ନାୟକ, କପ୍ତିପଦା ଅଞ୍ଚଳର ବୁଦ୍ଧିଜୀବୀ ଜନସାଧାରଣ, ସ୍ମୃତି ପରିଷଦର ସଦସ୍ୟ, ଶିକ୍ଷକ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଝିଅକୁ ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରଭାଷ ମୁଣ୍ଡା(୨୩)। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଭାଷ ସ୍ତ୍ରୀ ମିନତୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପ୍ରଭାଷ ବାଇକ୍ (ନଂ. ଓଡି–୦୯–ଏଫ୍–୪୮୫୪) ଯୋଗେ ଝିଅକୁ ଦେଖିବାକୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ୨୦ନମ୍ବର ଜାତୀୟ ରାଜପଥର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗାଡ଼ି ଚକ ତାଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ଏକ ମାମଲା(ନଂ.୫୨୬/୨୫)। ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜିଲା ପ୍ରଶାସନ ପକ୍ଷରୁ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

---


**GOVERNMENT OF ODISHA**

**HIGHER EDUCATION DEPARTMENT**

**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)**

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.

**Students can apply for Scholarships under URL: www.scholarship.odisha.gov.in.**
The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.
(2) Aadhaar seeding with Bank account is mandatory to receive scholarship under all MMCPY schemes.
From 2025-26 onwards, disburesement will be done only through Aadhaar Payment Bridge System (APBS).
Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**
In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com**.

**OIPR-11001/11/0106/2526** **Sd./- Joint Secretary to Government**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1705

**No. HHEP/Tech-W-152(Vol-1)/6094** **Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

OIPR-04007/11/0069/2526 **Sd/- Unit Head, HHEP, Burla**

---

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**

**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

**Sd./- Deputy Director**
**Nandankanan Zoological Park**
**OIPR-08070/11/0106/2526**

---

**"e" PROCUREMENT NOTICE**

**JAJPUR MUNICIPALITY, JAJPUR**

**Tender Call Notice No. 3018** **Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

| | | |
|---|---|---|
| 1. | Name of work | : Building works, Electrical Works |
| 2. | No. of works | : 4 (Four) Nos. |
| 3. | Bid Value | : Rs.847457/- to 3437178/- |
| 4. | Bid Id | : JM-06/2025-26 |
| 5. | Tender Id | : 2025_ORULB_117798_01 & 2025_ORULB_117798_4 |
| 6. | Period of Completion | : 60 Day to 120 Days |
| 7. | Date of availability of Bid documents in the portal | : From 11.00 A.M. of Dt.09.09.2025 to 19.09.2025 upto 5.00 P.M. |
| 8. | Last date for receipt of bids in the portal | : Dt.19.09.2025 upto 5.00 P.M. |
| 9. | Bids received online shall be opened on | : Dt.23.09.2025 at 11.00 A.M. |
| 10. | Name & address of the Officer Inviting Bid | : Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0034/2526**

---

**OFFICE OF THE SUPERINTENDING ENGINEER**
**No. B-505 CUTTACK (R&B) DIVISION NO. II, CUTTACK**
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**

**GOVERNMENT OF ODISHA "e" Procurement Notice**

**e-Procurement Notice for Road Works**

**Bid Identification No. S.E. CTC (R&B)-II-12 of 2025-26**

| | | |
|---|---|---|
| 1. | Name of the work | : 01 No. of Road Work |
| 2. | Estimated Cost | : Rs.25,23,945/- |
| 3. | Period of Completion | : 01 (One) Calendar Month |
| 4. | Date & time of sale & receipt of bid document | : From 11.09.2025 to 5 P.M. of 20.09.2025 |
| 5. | Last date/time of receipt of bids | : 5 P.M. of 20.09.2025 |
| 6. | Date & time of Opening of Bids | : 11 A.M. of 22.09.2025 |
| 7. | Name and address of the Officer Inviting Bid | : Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal **http://www.tendersorissa.gov.in**.
Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Division No. II**
**OIPR-34137/11/0022/2526**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1709

**No. HHEP/Tech-W-56/21/6107** **Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

OIPR-04007/11/0070/2526 **Sd/- Unit Head, HHEP, Burla**

---

**PANCHAYAT SAMITI, GUMMA**
**DIST.: GAJAPATI (ODISHA), PIN - 761207**
**Adv. No. 05/2025-26** **Dt.: 08.09.2025**

**TENDER CALL NOTICE**

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma. Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.

**Sd./- Block Development Officer**
**Gumma, Gajapati**
**OIPR-19347/11/0007/2526**

---

**OFFICE OF THE SUPERINTENDING ENGINEER, M.I. DIVISION, CUTTACK**
**Nayabazar, Cuttack - 04**
**email Id: eemidcuttack@yahoo.co.in**
**Letter No. 3949** **Date: 08.09.2025**

**1st Corrigendum to Tender Call Notice No. 09/2025-26**

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground**.

**Sd./- Superintending Engineer**
**M.I. Division, Cuttack**
**OIPR-32121/11/0043/2526**

---

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**

**Letter No.ACD-I-ADM-0013/2022/16305/UAT Dt.8th, September, 2025**

**UNDER GRADUATE SPOT COUNSELING & ADMISSION NOTICE-2025-26**

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**
i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.

**OIPR-01533/11/0017/2526** **Sd./- REGISTRAR**

---

**ଓଡ଼ିଶା ସରକାର** No.A-
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ–akp.irrigationdivision@gmail.com

**'e'- Procurement Notice No.09/2025-26**

| | | |
|---|---|---|
| 1. | କାର୍ଯ୍ୟର ନାମ | : ନଦୀ ବନ୍ଧ ମରାମତି କାର୍ଯ୍ୟ |
| 2. | ମୋଟ କାର୍ଯ୍ୟ ସଂଖ୍ୟା | : ୦୪ ଗୋଟି କାର୍ଯ୍ୟ |
| 3. | ଅଟକଳ ମୂଲ୍ୟ | : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ |
| 4. | ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ |
| 6. | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : |
| I. | Procurement Officer | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା |
| II. | ଅନଲାଇନ Biddingର ସମୟସୀମା: | ତା.୧୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦ |
| IV. | Transparent Lotteryର ତାରିଖ ଓ ସମୟ | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0010/2526

---

**OFFICE OF THE PANCHAYAT SAMITI, NILGIRI, BALASORE**
**Email id: (ori-nilgiri@nic.in), Phone No.: 06782-233236**

**TENDER NOTICE**

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in**.

**Sd./- Block Development Officer, Nilgiri**
**OIPR-19177/11/0003/2526**

---

**THE ODISHA STATE POLICE HOUSING & WELFARE CORPORATION LTD.**
**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

**INVITATION FOR BIDS (IFB)**

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**
**N.B.:** The quoted rate should be all inclusive but excluding G.S.T. as applicable under works contract.
**OIPR-12025/11/0047/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ରିସାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱାସ୍ଥ୍ୟ ବିଭାଗ ଶୁଣୁନି ଜନଶୁଣାଣି

ଭୁବନେଶ୍ୱର,୧୦।୯(ରବିନାରାୟଣ ଜେନା)

■ ପ୍ରଦର୍ଶନ ସର୍ବନିମ୍ନ ୫୨%, ମିଶନ ଶକ୍ତିର ସର୍ବାଧିକ ୯୩%
■ ଆଜି ବିଭାଗୀୟ ସମୀକ୍ଷା ନେବେ ସରକାର

ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୬ରେ 'ଆମ ଶାସନ' ବ୍ୟବସ୍ଥା ଆପଣାଯାଇଛି। ଆଭିମୁଖ୍ୟ ରହିଛି, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସମସ୍ତ ହିତାଧିକାରୀଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପହଞ୍ଚିବ।

ଏଥିପାଇଁ ପର୍ଯ୍ୟାୟକ୍ରମେ ବିଭାଗୀୟ ଅଧିକାରୀଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଭଳି କେତେକ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି। କେତେକ ବିଭାଗ ୯୩ ପ୍ରତିଶତ ଲୋକଙ୍କ ଅଭିଯୋଗର ସମାଧାନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ମାତ୍ର ୫୨ ପ୍ରତିଶତରେ ରହିଛି। ବିଭାଗର ସର୍ବନିମ୍ନ ପ୍ରଦର୍ଶନକୁ ନେଇ ଗୁରୁବାର ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ସବୁଠାରୁ ବଡ଼କଥା ହେଲା, ଯେଉଁ ଗରିବ ହିତାଧିକାରୀମାନେ ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି, ସେମାନଙ୍କ କଥା ଶୁଣିବା ପାଇଁ ସରକାରଙ୍କ ପକ୍ଷରୁ ଜନଶୁଣାଣି ପୋର୍ଟାଲ କାର୍ଯ୍ୟକ୍ଷମ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ରହି ଅଭିଯୋଗ ଶୁଣୁଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଉଛନ୍ତି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଲୋକଙ୍କ ସମସ୍ୟା ଶୁଣିବାରେ ଶତପ୍ରତିଶତ ପ୍ରଦର୍ଶନ କରିପାରୁନାହାନ୍ତି। ଏହାକୁ ନେଇ ଗୁରୁବାର ସବୁ ବିଭାଗ ମଧ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁକାନ୍ତ କୁମାର ବେହେରା ସବୁ ବିଭାଗର କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କାହିଁକି ଦୀର୍ଘଦିନ ଧରି ଲୋକଙ୍କ ଅଭିଯୋଗର ଶୁଣାଣି ହେଉନାହିଁ ସେନେଇ ଟିକିନିଖି ସମୀକ୍ଷା କରାଯିବ। ଏନେଇ ସ୍ୱତନ୍ତ୍ର ସଚିବ ଚଳିତମାସ ୪ରେ ଏକ ପତ୍ର ଲେଖିଥିବାବେଳେ ପୁଣିଥରେ ୬ ତାରିଖରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଉକ୍ତ ପତ୍ରରେ ଦର୍ଶାଇଛନ୍ତି, ପ୍ରତ୍ୟେକ ସୋମବାର ଜନଶୁଣାଣି ପୋର୍ଟାଲ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକୁ ନିୟମିତ ପ୍ରକ୍ରିୟା ଭିତରେ ଶୁଣିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଜନଶୁଣାଣି ଅଭିଯୋଗ ତଥା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହୋଇଛି। ଏହାକୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହେବ। ତେବେ ବିଭାଗୀୟ ତଥ୍ୟ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପ୍ରକାର ଶୁଣାଣି ବ୍ୟବସ୍ଥା ଜରିଆରେ ୩,୪୦୪ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ୧୭୬୮ଟିର ସମାଧାନ ହୋଇଛି। ବାକି ୧୬୩୬ଟି ଅଭିଯୋଗ ଏବେ ବି ବିଭାଗରେ ଗଡୁଛି। ବିଭାଗରେ ଜନଶୁଣାଣି କାର୍ଯ୍ୟକାରିତା ହାର ୫୨% ରହିଛି, ଯାହାକି ସର୍ବନିମ୍ନ। ସେହିପରି ବିଜ୍ଞାନ ଓ କାରିଗରି ବିଭାଗକୁ ମାତ୍ର ୨୫ଟି ଅଭିଯୋଗ ଆସିଥିଲା, ସେଥିରୁ ୧୫ଟିର ଶୁଣାଣି ହୋଇଛି। ଏଥିରେ ବିଭାଗର ପ୍ରଦର୍ଶନ ହାର ୬୦ପ୍ରତିଶତ ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୬୧ ପ୍ରତିଶତ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ୬୨ ପ୍ରତିଶତ ରହିଛି। ଅନ୍ୟପକ୍ଷେ ମିଶନ ଶକ୍ତି ବିଭାଗର ପ୍ରଦର୍ଶନ ହାର ୯୩ ପ୍ରତିଶତ ରହିଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରଦର୍ଶନ ହାର ୯୨ପ୍ରତିଶତ ରହିଛି। ଏହି ପରିପ୍ରେକ୍ଷୀରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କ୍ଷେତ୍ରରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ସର୍ବନିମ୍ନ ୬୨ ପ୍ରତିଶତ ରହିଥିବାବେଳେ ସୂଚନା ଓ ଲୋକସମ୍ପର୍କ, ସଂସଦୀୟ ବ୍ୟାପାର ଏବଂ ବିଜ୍ଞାନ ଓ କାରିଗରି ବିଭାଗର ପ୍ରଦର୍ଶନ ହାର ଶତପ୍ରତିଶତ ରହିଥିବା ସ୍ୱତନ୍ତ୍ର ସଚିବଙ୍କ ତଥ୍ୟରୁ ଜଣାପଡ଼ିଛି।

# ନୂଆ ଭାବେ ଗଢ଼ିଉଠିବ ବିଜେଡି: ଅମର

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ନୂଆ ନାମ,ରୂପ ଓ ଆକାରରେ ବିଜେଡି ଆସିବା ସମ୍ଭାବନା ରହିଛି। ବିଜେଡି ନୂଆ ଭାବେ ଗଢ଼ି ଉଠିବ। ସେହି ଦଳର ଲୋକମାନେ ହିଁ ନୂଆ ବିଜେଡି ଗଠନ କରିବେ। ଲୋକ ଓ କର୍ମୀଙ୍କଠାରୁ ବର୍ତ୍ତମାନର ବିଜେଡି ଦୂରେଇଯାଉଛି ବୋଲି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି । ଏବେ ବିଜେଡିରେ ଯାହା ଘଟୁଛି, ନିର୍ଦ୍ଦିଷ୍ଟ ନୀତି ଓ ବିଚାରଧାରାରେ ଦଳ ନ ଚାଲିଲେ ଆଗକୁ ଆହୁରି ନେତା ଓ କର୍ମୀ ଦୂରେଇଯିବେ। ବିଜେଡିରେ ଏକନାଥ ସିନ୍ଦେ କିଏ ହେବେ ବୋଲି ଗଣମାଧ୍ୟମ ପକ୍ଷରୁ ତାଙ୍କୁ ପ୍ରଶ୍ନ କରାଯାଇଥିବା ବେଳେ ସେ କହିଛନ୍ତି, ସେ ଗୋପରେ ବଢୁଛି କି ମଥୁରାକୁ ଆସିଗଲେଣି ତାହା ପରବର୍ତ୍ତୀ କଥା। ଭାସ୍କର ରାଓଙ୍କ ଭଳି ଜଣେ ଟାଣୁଆ ନେତା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ଦଳର ଜଣେ ପୂର୍ବତନ ଏମ୍‌ପି ଶୁଭେଚ୍ଛା ଜଣାଇବା ସହ ବିଜେଡିରେ ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ିବାର ଆଶଙ୍କା ଭବିଷ୍ୟତରେ ଥିବା ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନବୀନ ପଟ୍ଟନାୟକ ଗତ କିଛିବର୍ଷ ଧରି ଭାଜପା ପାଖରେ ଆତ୍ମସମର୍ପଣ କରିଦେଇଛନ୍ତି। ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ବି ହୋଇଗଲା। ବିଜେଡିର କେତେଜଣ ଯୁବକ ଆସିଥିଲେ,ସେମାନେ ମୋ ଠାରୁ ବିଜେଡିର ସମ୍ବିଧାନର ଜେରକ୍ସ କପି ନେଇକି ଯାଇଛନ୍ତି। ସେମାନେ ନୂଆ ଆଞ୍ଚଳିକ ଦଳ ଗଢ଼ିବା ସମ୍ଭାବନା ରହିଛି। ତେବେ ଏହି ନୂଆ ଦଳ ଗଠନ ହେଲେ କଂଗ୍ରେସକୁ ଫରକ ପଡ଼ିବ ନାହିଁ। ବରଂ ଭାଜପା ଓ ବିଜେଡି ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି କାନୁନ୍‌ଗୋ କହିଛନ୍ତି।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



Rishan Das
(Bhubaneswar)

ଆଜି ତୁମର ପ୍ରଥମ ଜନ୍ମଦିନରେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛାସହ:
ମା, ବାବା, ମାମା, ଦିଦି, ବଡ଼ବାପା, ବଡ଼ବୋଉ

ଧ-୭୬୪୯୩

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# ସୂଚନା ଆୟୁକ୍ତଙ୍କ ବହିଷ୍କାର ଦାବିକଲା 'ଓସା'

ଭୁବନେଶ୍ୱର,୧୦।୯
(ରବିନାରାୟଣ ଜେନା)



ସୂଚନା ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା।

ଓଡ଼ିଶା ସୂଚନା କମିଶନଙ୍କ ପକ୍ଷରୁ କେସ୍ ଶୁଣାଣିରେ ଅବହେଳା ଅଭିଯୋଗ କରି ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବୁଧବାର ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ କହିଥିଲେ, ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରା ସୂଚନା ଅଧିକାର ଆଇନକୁ ପଙ୍ଗୁ ଓ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ନୂତନ ନିଯୁକ୍ତି ପାଇଥିବା ମୁଖ୍ୟ ସୂଚନା କମିଶନର ଓ ସଦସ୍ୟମାନଙ୍କ ଗତ ଚାରିମାସର କାର୍ଯ୍ୟକଳାପ ଅତ୍ୟନ୍ତ ଭୟଙ୍କର। ସୂଚନା କମିଶନରମାନେ ଆଇନ ସମ୍ପର୍କରେ କିଛି ଜାଣୁନାହାନ୍ତି। ସେମାନଙ୍କଠାରେ ଅଭିଜ୍ଞତାର ଅଭାବ ସାଙ୍ଗକୁ ଆଇନକୁ ବୁଝିବାରେ ଅକ୍ଷମତା, କେସ୍ ପ୍ରୋସିଡିଙ୍ଗ୍ ଲେଖିବାରେ ଚରମ ଅଜ୍ଞତା ରହିଛି। ଦିନକୁ ମାତ୍ର ୧୦ଟି କେସ୍‌ର ଶୁଣାଣି ହେଉଛି। କେସ୍‌ଗୁଡ଼ିକୁ ଯେନତେନ ପ୍ରକାରେ ଶୁଣି ବନ୍ଦ କରାଯାଉଛି। ଇତିମଧ୍ୟରେ ୮୦୦ କେସ୍ ଖାରଜ ହୋଇଥିବାବେଳେ ୬୦୦୦ କେସ୍‌କୁ ବନ୍ଦ କରିବା ପାଇଁ ଆବେଦନକାରୀଙ୍କୁ ଚିଠି ଲେଖାଯାଇଛି, ଯାହାକି ସୂଚନା ଅଧିକାର ଆଇନ ଓ ଓଡ଼ିଶା ସୂଚନା କମିଶନ(ଏପ୍ରିଲ ଶୁଣାଣି ପ୍ରକ୍ରିୟା) ନିୟମାବଳୀର ବିରୁଦ୍ଧାଚରଣ କରୁଛି। ତେଣୁ ଓଡ଼ିଶା ସୂଚନା କମିଶନରମାନଙ୍କୁ ତୁରନ୍ତ ବହିଷ୍କାର କରିବା ଲାଗି ଶ୍ରୀକାନ୍ତ ଦାବି କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସୂଚନା କର୍ମୀ ପ୍ରକାଶ ଦାସ ପ୍ରମୁଖ ସାମିଲ ଥିଲେ।

## ସେମିକଣ୍ଡକ୍ଟର ସୁଯୋଗକୁ ଉପଯୋଗ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୯
(ରବିନାରାୟଣ ଜେନା)

ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି। ଏହାର ସୁଯୋଗ ନେବା ସହିତ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନକୁ ବୃଦ୍ଧିକରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ, ଓଡ଼ିଶାର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗର ଗୁରୁତ୍ୱ କିପରି ଜାତୀୟସ୍ତରରେ ପ୍ରତିପାଦିତ ହେବ, ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ପାଇଁ ସ୍ୱତନ୍ତ୍ର ଭାବେ ବଜାର ସୃଷ୍ଟି ହେବା ନିହାତି ଆବଶ୍ୟକ। ଏଥିପାଇଁ ସମ୍ପୃକ୍ତ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି କରିବା ସହିତ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଏବଂ ରିହାତି ସୁବିଧା ଯୋଗାଇବାକୁ ସେ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ, ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନର ରିଅଲ ଟାଇମ(ସଦ୍ୟତମ) ସ୍ଥିତି ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ ଜରିଆରେ ଜଣାପଡ଼ିବ। ତେଣୁ ଏଥିରେ ତଦାରଖ ହେବାକୁଥିବା ଓଡ଼ିଶା ଲୋକସେବା ଅଧିକାରୀ ଅଧିନିୟମ (ଓଆର୍‌ଟିପିଏସ୍‌ଏ), ଶିଳ୍ପ ପ୍ରକଳ୍ପ, ଭିତ୍ତିଭୂମି ପ୍ରକଳ୍ପ, ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ କାର୍ଯ୍ୟ କେତେଦୂର କାର୍ଯ୍ୟକ୍ଷମ ହୋଇଛି, ସେନେଇ ବିଭାଗୀୟ ଅଧିକାରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହ ଚଳିତମାସ ୧୮ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଗୃହରେ ଉପସ୍ଥାପନ ହେବାକୁଥିବା ବିଭିନ୍ନ ବିଭାଗର ବିଲ୍ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ରହିବା,୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲିଥିବା ଗ୍ରୁପ୍-ସି ପଦବୀ ପୂରଣ ଆଦି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆହୁଜା ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ସ୍ଥିତି ନୈରାଶ୍ୟଜନକ

### ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ପାଇଁ ପରାମର୍ଶ ଦେଲେ ବିଶେଷଜ୍ଞ

ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

ପ୍ରାଥମିକ ଶିକ୍ଷା ତୁଳନାରେ ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ଅନୁପାତ ଅତି ନୈରାଶ୍ୟଜନକ ରହିଛି। ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ବାହାର ରାଜ୍ୟ ତଥା ବିଦେଶକୁ ଚାଲିଯାଉଛନ୍ତି। ୨୦୩୫ ସୁଦ୍ଧା ଓଡ଼ିଶାରୁ ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବାର ଆକଳନ କରାଯାଉଛି। ଶିକ୍ଷାସନ୍ଧାନ ଏବଂ ଦୈତାରି ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଜେଏନ୍‌ୟୁ ଓଡ଼ିଶା ଆଲୁମ୍ନି ଆସୋସିଏଶନ ସହଯୋଗରେ ପ୍ରକାଶିତ ରିପୋର୍ଟରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଉଚ୍ଚଶିକ୍ଷା ଭିତ୍ତିଭୂମି ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଧାରା ଏକ ବଡ଼ ଆର୍ଥିକ ଏବଂ ବୌଦ୍ଧିକ କ୍ଷତି ଘଟାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିବା ଅବସରରେ ସତର୍କ କରାଇଛନ୍ତି।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସମ୍ମିଳନୀରେ ଶିକ୍ଷାସନ୍ଧାନ ଅଧ୍ୟକ୍ଷ ପ୍ରଫେସର ଜତୀନ୍ଦ୍ର ନାଏକ କହିଲେ, ଏକ ଦୃଢ଼ ଶିକ୍ଷା ଭିତ୍ତିଭୂମି ନିଶ୍ଚିତ ଭାବରେ ଓଡ଼ିଶାକୁ ଆର୍ଥିକ ଏବଂ ସାମାଜିକ ଅଭିବୃଦ୍ଧି ଆଡ଼କୁ ପ୍ରେରଣା ଦେବା ପାଇଁ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ। ପ୍ରାଥମିକ ଶିକ୍ଷାରେ ଉନ୍ନତି ସତ୍ତ୍ୱେ ଉଚ୍ଚଶିକ୍ଷାରେ ଓଡ଼ିଶାର ନାମଲେଖା ଅନୁପାତ (ଜିଇଆର୍) ମାତ୍ର ୨୨.୧% ରହିଛି, ଯାହା ଜାତୀୟ ହାର ୨୮.୪% ଠାରୁ ବହୁତ କମ୍। ତେବେ ଚଣ୍ଡିଗଡ଼ରେ ଏହା ୬୪.୮%, ପୁଡୁଚେରୀରେ ୬୧.୫%, ଦିଲ୍ଲୀରେ ୪୯%, ତାମିଲନାଡୁରେ ୪୭%, କେରଳରେ ୪୧.୩%, ରାଜସ୍ଥାନରେ ୨୮%, ମଧ୍ୟପ୍ରଦେଶରେ ୨୮% ରହିଛି। ଏହି ଅବସରରେ ପ୍ରକାଶିତ ଏକ ଶ୍ୱେତପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ପ୍ରସ୍ତାବିତ ବେଦାନ୍ତ ୱାଟରଫ୍ରଣ୍ଟ ଶିକ୍ଷା ନଗରୀକୁ ଏକ ରଣନୈତିକ ସମାଧାନ ଭାବରେ ଉଜ୍ଜ୍ୱଳ କରିଛି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ନଖରାଛକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡ୍‌କୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942




Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

## LOST

ମୁଁ , ଶ୍ରୀମତୀ ଶକୁନ୍ତଳା ପ୍ରଧାନ, ସ୍ୱାମୀ- ଉଦୟନାଥ ପ୍ରଧାନ, ଲେଙ୍କୁଡ଼ିପଡା, ନୟାଗଡ଼ର ବାସିନ୍ଦା, ଏତଦ୍ୱାରା ଶପଥପୂର୍ବକ ସହିତ ଘୋଷଣା କରୁଛି ଯେ: ଆଶାମଣି ସ୍ୱାଇଁଙ୍କଠାରୁ କ୍ରୟ କରାଯାଇଥିଲା, ଏକର ୦.୨୩ଡିସିମିଲ ସମ୍ପତ୍ତିର ମୂଳ ବିକ୍ରି କବଲା ନଂ.- ୯୪, ତା. ୦୧।୦୮।୧୯୮୮ ଏହା ୨୫।୦୮।୨୦୨୫ ତାରିଖରେ ମୋ ପୈତୃକ ଗ୍ରାମରୁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାଗଡ଼ ଯିବା ସମୟରେ ହଜିଯାଇଥିଲେ। ଆମେ କ୍ରୟ କବଲାର ସହି ନକଲ ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୟାଗଡ ମୁଖ୍ୟ ଶାଖାରେ ଋଣ ପାଇଁ ଆବେଦନ କରିଛୁ। ଯଦି କାହାରିକୁ ମୂଳ କବଲା ମିଳେ ତେବେ ଦୟାକରି ଶାଖା ପରିଚାଳକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ଶାଖା, ନୟାଗଡଙ୍କ ସହ ଯୋଗାଯୋଗ କରନ୍ତୁ। ଧ-1944

Original RSD No.1109180030 1 Dtd. 18.05.2018, RSD No.1109110163 8 Dtd. 19.10.2011, RSD No.1109110046 2 Dtd.21.03.2011, RSD No.321 Dtd. 13.03.2007, RSD No. 11091200028 Dtd.04.01.2012 relating to our properties at Mouza- Badalasasan, Tahasil/SRO/P.S.- Balipatana, District.- Khurda bearing Plot No.2661, 2661/5118, 2664/4897, 2665, 2658, 2664 are missing/lost. Any person/s dealing with property with the missing original title deeds shall be at his/ her/their own risk and responsibility. We intend to mortgage with Indian Bank for availing loan. Any person having claim to the said property may file objection to the Indian Bank, Lingipur Branch, Bhubaneswar- 751002 (Phone- 9090071901) within seven days.
Bindusagar Pradhan
D-1937

## AFFIDAVIT

By virtue of an affidavit sworn before the Notary Public, Barbil Vide Sl. No.- 3436, Dt 26.8.2025, I Kali Charan Swain, Son of Balakrushna Swain, of Village Badawaubarai, P.O- Govindpur, P.S.- Govindpur, Dist.- Cuttack, Odisha, 758003, declares my correct middle name "Charan" instead of "Charna" for all official purpose. D-1945

By virtue of an affidavit sworn before the Executive Magistrate, Bhubaneswar, dated- 10.09.2025, I, Surendra Nath Pattnayak, Address:- At.-FR-46/10, Shailashree Vihar, P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, Odisha, PIN-751021, declare that, I have changed my name from Surendra Pattnayak to Surendra Nath Pattnayak. Henceforth, I shall be known as Surendra Nath Pattnayak for all purposes.
Surendra Nath Pattnayak
D-1935

I, Manasi Patro, D/o- Ganesh Chandra Patro, Wife of Sri Santosh Kumar Samal, Resident of Qr. No.- LA-613, HAL Township, P.O.- Sunabeda- 02, P.S.- Sunabeda, Dist.- Koraput, Odisha, 763002 have changed my name by virtue of Marriage Certificate and shall be hereafter known as Manasi Samal and my date of birth has wrongly recorded as 19.07.1991 in my Aadhaar Card and to record as 09.07.1993 as per my birth Certificate and 10th Board Certificate as I sworn affidavit before the Notary Public, Sunabeda on dated- 12.08.2025. That, Manasi Patro and Manasi Samal both the name are same and one only. D-1940

By virtue of an affidavit sworn before the Executive, Boudh, No.1064, date 24.07.25, I Buluri Sethy, W/o. Dhrub Sethy, R/o. Village- Kamalpur, P.O.- Telibandh, P.S./Dist. Boudh, Odisha, PIN-762014 declare that I have changed my name from Buluri Jhankara to Buluri Sethy. Henceforth I shall be known as Buluri Sethy for all purposes.
Buluri Sethy
D-1943

By virtue of an Affidavit sworn before the Executive Magistrate, Sambalpur No.- 546 date.- 12.08.25, I, Swayam Prava Parida, W/o- Chitta Ranjan Parida, R/o- Dhuriapada, P.O.- A.Katapali, P.S.- Burla, Dist.- Sambalpur- 768006 declare that my name has been wrongly mentioned in Aadhaar Card as Swayaprabha Parida, In order to correct my Aadhaar Card. Henceforth, I shall be known as Swayam Prava Parida for all purposes.
Swayam Prava Parida
D-1938

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧

'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ସଜ ସକାଳ' ଘୋଷି ଜାଣ ବଞ୍ଚିଥିବ ଯଶରାଶି
'ତୁମ ପାଇଁ କବିତା' ର ଗୀତି କେତେ ରଂଗ ବୁଣିଯେ ଦେଇଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-1936

### ଏକାଦଶାହ ଉପଲକ୍ଷେ



ସ୍ୱ ବାଳାମଣି ଭୋଳ
ତଳନୂଆ ସାହି, ପୁରୀ
ଆବିର୍ଭାବ:୦୧।୦୧।୧୯୩୬
ତିରୋଧାନ: ୦୧।୦୯।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ଜ୍ୟେଷ୍ଠ ପୁତ୍ର- ଦେବୀପ୍ରସାଦ ଭୋଳ, ପୁତ୍ର ବଧୂ-ରେଣୁ ବିଶ୍ୱାଳ, କନିଷ୍ଠ ପୁତ୍ର- ଦେବବ୍ରତ ଭୋଳ, କନିଷ୍ଠ ପୁତ୍ର ବଧୂ- ଚନ୍ଦନା ବିଶ୍ୱାଳ।
ଧ-୧୮୪୧


ପରିଣୀତି

# ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...

ପରିଣୀତି ଚୋପ୍ରା କାହିଁକି ଶେଷରେ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କଲେ। ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ସିନେମା ଦେଖୁଥିଲେ। ଏକଦା 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ଚିତ୍ରଟି ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଆଉ ଏହା ପରେ କ'ଣ ଘଟିଲା ସେ ବିଷୟରେ ପରିଣୀତି କହନ୍ତି, 'ପ୍ରଥମେ ମୋର ଅଭିନୟ ପ୍ରତି ଆଦୌ ରୁଚି ନ ଥିଲା। ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ମୁଁ କିଛି ଦିନ ପିଆରଓ ଭାବରେ କାମ କରିଥିଲି। କିନ୍ତୁ 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ମୋ ମନକୁ ଏକ ନୂଆ କଥା ଆସିଲା। ମୁଁ ଅଭିନୟ କଲେ କେମିତି ହୁଅନ୍ତା ! ବାସ୍ କିଛି ଦିନ ଚିନ୍ତା କରିବା ପରେ ମାଇଣ୍ଡ ମେକ୍‌ଅପ୍ କଲି ଯେ ମୁଁ ଭବିଷ୍ୟତରେ କେବଳ ଆକ୍ଟିଂକୁ ହିଁ କ୍ୟାରିୟର କରିବି। ପୁଣି ଏପରି ସଂଯୋଗ ଯଶରାଜ ଫିଲ୍ମସ ବ୍ୟାନରରେ ଏବଂ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ ନିର୍ମିତ ଫିଲ୍ମ 'ଲେଡିଜ ଭର୍ସେସ ରିକି ବହଲ'ରେ ମୋତେ ପ୍ରଥମେ ବ୍ରେକ୍ ମିଳିଥିଲା। '' ନିଜର ପ୍ରଥମ ସିନେମା ପାଇଁ ପରିଣୀତିଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କେବଳ ସେତିକି ନୁହେଁ, 'ଇସକ୍‌ଜ୍ୟାଦେ' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ପେଶାଲ ଜୁରୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

# ଏପଟେ ଖୁସି ସେପଟେ ଟେନ୍‌ସନ୍

ନୋରା ଫତେହି ଏବେ ଲଙ୍ଗ ଭ୍ୟାକେଶନରେ ଯାଇଛନ୍ତି। ଏଥିପାଇଁ ସେ ଏବେ ପ୍ୟାରିସରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ସେ ଏକ ଅନଟାଇଟଲ୍‌ଡ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି ଏହି ଅଭିନେତ୍ରୀ । ଏଥିରେ ତାଙ୍କୁ ମିଳିଥିବା ଭୂମିକାଟି ଛୋଟ, ହେଲେ ଚିତ୍ରଟିରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ସେ ମଧ୍ୟ ଡ୍ୟାନ୍ସ କରିବେ। ହେଲେ ଏଥିରେ ଆଉ ଏକ ଦୃଶ୍ୟ ସଂଯୋଜିତ ହେବାକୁ ଯାଉଛି ଯାହାକୁ ନେଇ ନୋରାଙ୍କର ଟେନ୍‌ସନ ବଢ଼ିଯାଇଛି। ତାହା କ'ଣ ଜାଣନ୍ତି ? ଏହି ଫିଲ୍ମର ଏକ ଦୃଶ୍ୟରେ ସେ ବିକିନି ପିନ୍ଧି ସୁଇମିଂ ପୁଲ୍‌ରେ ପହଁରୁଥିବାର ଶଟ୍ ନିଆଯିବ। ଆଉ ଏହାକୁ ନେଇ ନୋରା ଅଡୁଆରେ ପଡିଛନ୍ତି। ''ଯେତେବେଳେ ପ୍ରଯୋଜକ ମୋ ସହ କଥା ହେଲେ ସେତେବେଳେ ଏକଥା କିଛି କହି ନ ଥିଲେ। ହେଲେ ଏବେ ଏଥିରେ ବିକିନି ଶଟ୍ ଯୋଡା ଯାଇଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ପ୍ରଯୋଜକ ମୋତେ ଅବଶ୍ୟ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଏହି ବିଷୟରେ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି। ''


ନୋରା

## ପରଦାରେ...

# ହୀର୍ ଏକ୍ସପ୍ରେସ୍

ଚଳିତ ମାସ ୧୨ ତାରିଖରେ ପରଦା ଉପରକୁ ଆସୁଛି ଏକ ଭିନ୍ନ ଧରଣର ହିନ୍ଦି ସିନେମା 'ହୀର୍ ଏକ୍ସପ୍ରେସ୍'। କାହାଣୀ ଅନୁସାରେ ହୀର୍ ୱାଲିଆ ପଞ୍ଜାବର ଜଣେ ଯୁବତୀ। ନିଜ ମା'ଙ୍କ ମୃତ୍ୟୁ ପରେ ସେ ଇଂଲଣ୍ଡ ଚାଲିଯାଆନ୍ତି। ସେଠାରେ ସେ ନିଜ ପରିବାର ଚଳାଇବାକୁ ସାହସର ସହ ଆଗକୁ ପାଦ ବଢ଼ାନ୍ତି। ବାଧାବିଘ୍ନ ସମ୍ମୁଖୀନ ହୋଇ ମଧ୍ୟ ସେ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ। ତେବେ ଏଥିରେ ସେ କେତେ ସଫଳ ହୁଅନ୍ତି, ନିଜ ପରିବାରକୁ ସେ ସେଠାରେ ସୁରୁଖୁରୁରେ ଚଳାଇ ପାରନ୍ତି ତ ?

ଏଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଦିଭିତା ଜୁନେଜା ଅଭିନୟ କରିଛନ୍ତି। ତାଙ୍କ ବ୍ୟତୀତ ଏହାର କାଷ୍ଟିଂରେ ଆଶୁତୋଷ ରାଣା, ସଞ୍ଜୟ ମିଶ୍ର, ଗୁଲସନ୍ ଗ୍ରୋଭର, ପ୍ରୀତ କମାନି ଏବଂ ମେଘନା ମଲ୍ଲିକ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଉମେଶ ଶୁକ୍ଲା, ସଞ୍ଜୟ ଗ୍ରୋଭର, ଆଶିଷ ୱା ଏବଂ ମୋହିତ। ସଞ୍ଜୟ ଗ୍ରୋଭର ଏହାର କାହାଣୀ ରଚନା କରିଛନ୍ତି। ସମୀର ଆର୍ଯ୍ୟ ଚିତ୍ରଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଉମେଶ ଶୁକ୍ଲା। କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମର ଅବଧି ରହିଛି ୧୪୨ ମିନିଟ୍। ତେବେ ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଦିଭିତା।


'ହୀର୍ ଏକ୍ସପ୍ରେସ୍' ଫିଲ୍ମରେ ଦିଭିତା ଜୁନେଜା

# ଥ୍ୟାଙ୍କ୍ସ ସଲମାନ

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନରେ ଏକ ସ୍ମୃତିକୁ ଏପର୍ଯ୍ୟନ୍ତ ମନେ ପକାଉଛନ୍ତି। ପୁଣି ଏପରି ଘଟଣା ସବୁଦିନ ପାଇଁ ତାଙ୍କ ହୃଦୟରେ ଜେରକ୍ସ ଭଳି ରହିଥିବ ବୋଲି କହି ବୁଲୁଛନ୍ତି। ହେଲେ ତାହା ଏମିତି କ'ଣ ଯେ, ଯାହାକୁ ବାରମ୍ବାର ମନେ ପକାଉଛନ୍ତି ଏହି ଅଭିନେତ୍ରୀ ? ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ତାହା ଥିଲା ତାଙ୍କ ଓଜନ। ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ କେତେ ଥିଲା ଜାଣନ୍ତି ? ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ୍ୟ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। ''ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାନ୍) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ବୋଲି କହନ୍ତି ସୋନାକ୍ଷୀ।'' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ।


ସୋନାକ୍ଷୀ

## ଅତୀତରୁ

❖କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

❖ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏସ୍. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

❖ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଗୌରୀ'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡ଼ିକରେ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

❖ଓଡ଼ିଆ ସିନେମା 'ସଉଭାଗ୍ୟ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶୀନାଥ)। ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ଚନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

❖ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶିତ 'ନିଛୁମ ରାତିର ସାଥୀ'ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିଥିଲା। ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଥିଲେ ଅକ୍ଷୟ ମହାନ୍ତି।

# ଅପେକ୍ଷା କରିଛନ୍ତି ଅର୍ଦ୍ଧେନ୍ଦୁ

ଅର୍ଦ୍ଧେନ୍ଦୁ ସାହୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସେପଟେ ଏହି ଶୁଭ ଦିନ ଯେତିକି ପାଖେଇ ଆସୁଛି ମନ ଭିତରେ ଆଗ୍ରହ ସେତେ ବଢ଼ି ବଢ଼ି ଚାଲିଛି। ହେଲେ ସେ ଏମିତି କେଉଁ ଜିନିଷକୁ ଅପେକ୍ଷା କରିଛନ୍ତି ? କେତେକ ତ ଏ ନେଇ ପୂର୍ବାନୁମାନ କରିସାରିଥିବେ। ହେଲେ ତାହା ଜଣାଇ ଦେବା ହିଁ ଠିକ୍ ହେବ। ହଁ, କଥା କ'ଣ କି ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' ଏଥର ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଛି। ଆଉ ଏଭଳି ଏକ ଆକ୍ସନଭିତ୍ତିକ ଫିଲ୍ମର ସଫଳତାକୁ ନେଇ ଢେର ଆଶା ରଖିଛନ୍ତି ଏହି ଅଭିନେତା। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମରେ ଅନ୍ୟତମ ଲୋକପ୍ରିୟ ପୌରାଣିକ ଧାରାବାହିକ 'ମହାଭାରତ'ର ଦୁର୍ଯ୍ୟୋଧନ ଚରିତ୍ରରେ ଅଭିନୟ କରିଥିବା ପୁନୀତ ଇସାର ଏଥିରେ ନିଜର ଓଲିଉଡ଼ ଡେବ୍ୟୁ କରିବାକୁ ଯାଉଛନ୍ତି। ଉକ୍ତ ସିନେମାରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ତା'ସହ ପୁପିନ୍ଦର ଏବଂ ଲିପିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଏଥିରେ ସଂଯୋଜିତ 'ଭାଙ୍ଗ' ଗୀତ ମାତ୍ର ଦିନ କେଇଟାରେ ସୋସିଆଲ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆଦିକନ୍ଦ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତଥା ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଏବଂ ଜୀ ସାର୍ଥକର ସହଭାଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। କାହାଣୀ ଓ ଚିତ୍ରନାଟ୍ୟ ମାନସ ପଢ଼ିଆରୀ ରଚନା କରିଛନ୍ତି। ଚିତ୍ର ଉତ୍ତୋଳନ କରିଛନ୍ତି ପ୍ରତାପ ରାଉତ। ଗୀତଗୁଡ଼ିକରେ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।


'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ

# ଆତ୍ମବିଶ୍ଳେଷଣର ସମୟ ଆସିଛି..

ଆମ ଓଡ଼ିଆ ସିନେମା ଏବେ ଏକ ନୂଆ ଧାରା ଧରିଛି। ଗତ କିଛି ବର୍ଷ ହେବ କେତୋଟି ଭଲ ଭଲ ସିନେମା ପ୍ରସ୍ତୁତ ହୋଇ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ଏଥର ରଜରେ 'ବୋଉ ବୁଟୁ ଭୂତ' ଯେଉଁଭଳି ଆଶାତୀତ ସଫଳତା ହାସଲ କଲା ଆଉ ରେକର୍ଡ ବିଜନେସ କରିବାରେ ସକ୍ଷମ ହେଲା-ଏହାଦ୍ୱାରା ଅନ୍ୟ ପ୍ରଯୋଜକମାନେ ନିଶ୍ଚୟ ଅନୁପ୍ରାଣିତ ହୋଇଥିବେ। ଭଲ କାହାଣୀଟିଏ ଚୟନ କଲେ ଆଉ ତାହାକୁ ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିଲେ ସିନେମାଟି ନିଶ୍ଚୟ ଦର୍ଶକାଦୃତ ହେବ। ତେଣୁ ଏବେ ଆମ ଓଡ଼ିଆ ସିନେମା ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ଆତ୍ମବିଶ୍ଳେଷଣର ସମୟ ଆସିଛି କହିଲେ ଭୁଲ୍ ହେବ ନାହିଁ।

ଆମ ରାଜ୍ୟରେ ଭଲ ଶୁଟିଂ ଲୋକେସନ ରହିଛି। ଏପରି ସ୍ଥାନ ଗୁଡ଼ିକରେ ବଲିଉଡ ଚଳଚ୍ଚିତ୍ର ମଧ୍ୟ ଶୁଟିଂ ହୋଇପାରିବ। ତେଣୁ ଏଭଳି ସ୍ଥାନକୁ ଦୃଷ୍ଟି ଦିଆଯିବା ନିହାତି ଦରକାର।

ଓଡ଼ିଆ ସିନେମାର ସଂଖ୍ୟା ବଢ଼ୁଛି-ଏଥିରେ ଦ୍ୱିମତ ହେବାର ନାହିଁ। ହେଲେ ଭଲ ସିନେମାଟିଏ ନିର୍ମାଣ କଲେ ଆଉ ତାହା ଯଦି ଭଲ ବିଜନେସ୍ କଲା ତେବେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ନିଶ୍ଚୟ ମନ ବଳାଇବେ। କେବଳ ସଂଖ୍ୟା ବଢ଼ିଲେ ହେବ ନାହିଁ, ଦର୍ଶକଙ୍କ ମନକୁ ପ୍ରଭାବିତ କରିବା ଭଳି ସିନେମା ପ୍ରସ୍ତୁତ ହେବା ଆବଶ୍ୟକ। ଏଭଳି କେତେକ ସିନେମା ତିଆରି ହେଉଛି ଯାହା ରିଲିଜ ହେବାର ଦିନ କେଇଟା ଭିତରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି। ସିନେମାର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଚଳିତ ବର୍ଷ ଏପର୍ଯ୍ୟନ୍ତ ୩୦ଟି ଚଳଚ୍ଚିତ୍ର ରିଲିଜ ହୋଇଛି। ହେଲେ କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳିଛି କହିଲେ ? ବାସ୍, ହାତଗଣତି କିଛି ସିନେମା ହିଁ ଏହାର ତାଲିକାଭୁକ୍ତ ହେବେ। ଚଳଚ୍ଚିତ୍ରଟିଏ



ନିର୍ମାଣ କରିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦିଆଯିବା ଦରକାର। ଏବେ ଅଧିକାଂଶ ସିନେମାକୁ ଅନ୍ୟ ପ୍ରାନ୍ତୀୟ ଭାଷା ଫିଲ୍ମରୁ କପି କରାଯାଉଛି। ଆମ ନିଜସ୍ୱ କାହାଣୀକୁ ଆଧାର କରି ଭଲ ଚିତ୍ର ତିଆରି ହୋଇପାରିବ, ଯାହାର ଅନେକ ଉଦାହରଣ ଅତୀତରେ ରହିଛି।

ବର୍ତ୍ତମାନ କେତେକ ପ୍ରେକ୍ଷାଳୟ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକକୁ ନବୀକରଣ କରାଯାଇଛି। ଅନ୍ୟପକ୍ଷରେ ମଲ୍ଟିପ୍ଲେକ୍ସର ଡିମାଣ୍ଡ କାହିଁରେ କେତେ। ବିଶେଷଭାବରେ ଯୁବପିଢ଼ି ଏଠାରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି। ତେବେ ପ୍ରେକ୍ଷାଳୟ ସଂଖ୍ୟା ବଢ଼ିଲେ ତାହା ନିଶ୍ଚୟ ସିନେମା ବ୍ୟବସାୟକୁ ଆହୁରି ସହାୟ ହେବ।

ଆଉ ଏକ କଥା ହେଲା ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ। ଦିନ ଥିଲା ଓଡ଼ିଆ ସିନେମାଟିଏ ମୁକ୍ତିଲାଭ କଲେ ପ୍ରେକ୍ଷାଳୟ ସାମନାରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିଲା। କିନ୍ତୁ ଯଦି ଆମେ ଗତ କିଛି ବର୍ଷର ଦର୍ଶକଙ୍କ ସଂଖ୍ୟା ଉପରେ ଦୃଷ୍ଟି ନିକ୍ଷେପ କରିବା ତେବେ ତାହା କେତେ ହେବ ପ୍ରାୟ ସମସ୍ତେ ଜାଣନ୍ତି। ତେବେ ଏଇ କିଛି ବର୍ଷ ହେବ, 'ଦମନ୍', 'କର୍ମ', 'ମାଲ୍ୟଗିରି', 'ପ୍ରତୀକ୍ଷା' ଆଦି କେତେକ ସିନେମା ଦର୍ଶକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛି। ତେଣୁ ସିନେମାଟିଏ ନିର୍ମାଣ କରିବା ସମୟରେ ଦର୍ଶକଙ୍କର ମାନସିକତାକୁ ଅଗ୍ରାଧିକାର ଦେବା ଦରକାର।

ବର୍ତ୍ତମାନ ଆମ ଓଡ଼ିଆ ସିନେମା ପାଇଁ ଏକ ଭଲ ସମୟ ଆସିଛି। କେବଳ ସେତିକି ନୁହେଁ, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତାଲିକାରେ ଆମ ଓଡ଼ିଆ ଚଳଚ୍ଚିତ୍ର ଏବେ ଲଗାତର ସ୍ଥାନ ପାଉଛି। ତେବେ ଭଲ ସିନେମା ନିର୍ମାଣ ହେଲେ ତାହା ନିଶ୍ଚୟ ଦର୍ଶକାଦୃତ ହେବ ଏବଂ ଭଲ ବିଜନେସ୍ ମଧ୍ୟ କରିବ। ତା'ସହ ଆମ ଓଡ଼ିଆ ସିନେମାର ହଜି ଯାଇଥିବା ସୁନେଲି ଦିନ ପୁଣି ଥରେ ନିଶ୍ଚୟ ଫେରି ଆସିବ-ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

-ଶୁଭ୍ର ମହାପାତ୍ର

# ହେଓ୍ୱିଟ୍ ବାସନ୍ଦ

**ଲଣ୍ଡନ, ୧୦।୯ (ଏପି):** ଆଣ୍ଟି-ଡୋପିଂ ଅଧିକାରୀଙ୍କୁ ଧକ୍କା ଦେବାରୁ ଦୁଇଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଲେଟନ ହେଓ୍ୱିଟ୍‌ଙ୍କୁ ୨ ସପ୍ତାହ ଲାଗି ବାସନ୍ଦ କରାଯାଇଛି। ଏହି ବାସନ୍ଦାଦେଶ ଚଳିତ ମାସ ୨୫ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି ପକ୍ଷରୁ ବୁଧବାର କୁହାଯାଇଛି। ତେବେ ଘଟଣାଟି ଗତବର୍ଷ ନଭେମ୍ବରରେ ଘଟିଥିଲା। ଇଟାଲୀଠାରୁ ସେମିଫାଇନାଲରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆର ଡେଭିସ କପ୍ କ୍ୟାପ୍ଟେନ୍ ହେଓ୍ୱିଟ୍ ଆଣ୍ଟି-ଡୋପିଂ ଏଜେନ୍ସିର ଜଣେ ୬୦ ବର୍ଷୀୟ ଭଲ୍ୟୁଣ୍ଟିୟରଙ୍କୁ ଧକ୍କା ଦେଇଥିଲେ।

# ଗୌହାଟିରେ ଆଇସିସି ମହିଳା ବିଶ୍ୱକପ୍

**ଗୌହାଟି,୧୦।୯(ପି.ଟି.):** ଆଇସିସି ମହିଳା ବିଶ୍ୱକପ୍ ଟ୍ରଫିର ଗୌହାଟି ଟୁର୍ ଶେଷ ହୋଇଛି। ଗତ ଅଗଷ୍ଟ ୩୧ରୁ ଆରମ୍ଭ ହୋଇଥିବା ଏହି ଟୁର୍‌ରେ ଟ୍ରଫିକୁ ଗୌହାଟିରେ ୱାର୍ ମେମୋରିଆଲ, ନର୍ଥବ୍ରୁକ୍ ଗେଟ୍ ସମେତ ଅନେକ ଐତିହାସିକ ସ୍ଥଳରେ ପ୍ରଦର୍ଶିତ କରାଯାଇଥିଲା। ଏହି ଟୁର୍ ଏବେ ବିଶାଖାପାଟଣା ଆଡ଼େ ମୁହାଁଇଛି। ଇତିହାସରେ ପ୍ରଥମ ଥର ପାଇଁ ଗୌହାଟି ଏଭଳି ସମ୍ମାନଜନକ ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହି ଇଭେଣ୍ଟ ଚଳିତ ମାସ ୩୦ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ।

# ଭାରତର ପ୍ରଭାବୀ ବୋଲିଂ

**ଦୁବାଇ,୧୦।୯**

ଚଳିତ ଏସିଆ କପ୍ ଟି୨୦ ଟୁର୍ଣ୍ଣାମେଣ୍ଟରେ ବୁଧବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ଭାରତର ପ୍ରଭାବୀ ବୋଲିଂ

> **ଏସିଆ କପ୍ କ୍ରିକେଟ**
> **(ଆଜିର ମ୍ୟାଚ୍)**
> **ବାଂଲାଦେଶ ବନାମ ହଂକଂ**
> ଭେନ୍ୟୁ: ଆବୁଧାବି
> ସମୟ: ରାତି ୮ଟା
> ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟଓ୍ୱର୍କ

ଆଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୩.୧ ଓଭରରେ ୫୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହା ଏସିଆ କପ୍ ଟି୨୦ ଟୁର୍ଣ୍ଣାମେଣ୍ଟ ଇତିହାସର ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ଏବଂ ଅନ୍ତର୍ଜାତୀୟ ଟି୨୦ରେ ଏହା ୟୁଏଇର ସର୍ବନିମ୍ନ ସ୍କୋର। ତେବେ ଟୁର୍ଣ୍ଣାମେଣ୍ଟ ଇତିହାସରେ ସର୍ବନିମ୍ନ ସ୍କୋର କରିବାର ରେକର୍ଡ ହଂକଂ ନାମରେ ରହିଛି। ହଂକଂ ଦଳ ୨୦୨୨ ସଂସ୍କରଣରେ ପାକିସ୍ତାନ ବିପକ୍ଷରେ ୩୮ ରନରେ ଅଲଆଉଟ୍ ହୋଇଥିଲା। ୟୁଏଇ ପାଇଁ ଦୁଇ ଓପନର ଆଲିଶାନ ଶାରାଫୁ ୨୨ ଓ ଅଧିନାୟକ ମହମ୍ମଦ ଓ୍ୱସିମ ୧୯ ରନ କରିଥିଲେ। ଏମାନଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁପାରିନଥିଲେ। ଭାରତ ପାଇଁ କୁଳଦୀପ ଯାଦବ ୪ ଓ ଶିବମ ଦୁବେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପିଚ୍ କଣ୍ଡିସନକୁ ଦୃଷ୍ଟିରେ ରଖି ଭାରତ ଚୂଡ଼ାନ୍ତ ଏକାଦଶରେ ୩ ସ୍ପିନର ଯଥା ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ ଓ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ସାମିଲ କରାଯାଇଛି। ସେହିଭଳି ଚୂଡ଼ାନ୍ତ ଏକାଦଶରେ ଶୁବମନ ଗିଲ ଓ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ ଉଭୟେ ସ୍ଥାନ ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୧୩.୧ ଓଭରରେ ୫୭/ଅଲଆଉଟ୍ (ଆଲିଶାନ ଶାରଫୁ-୨୨, ମହମ୍ମଦ ଓ୍ୱସିମ-୧୯, କୁଳଦୀପ ଯାଦବ-୪/୭, ଶିବମ ଦୁବେ-୩/୪, ବରୁଣ ଚକ୍ରବର୍ତ୍ତୀ-୪/୧, ଅକ୍ଷର ପଟେଲ-୧/୧୩, ଯଶପ୍ରୀତ ବୁମରା-୧/୧୯)।



ଉଇକେଟ ନେବା ପରେ କୁଳଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଭାରତ ପାଇଁ ପଦକ ନିଶ୍ଚିତ କଲେ ନୁପୂର

**ଲିଭରପୁଲ୍, ୧୦।୯(ପି.ଟି.)**

ଏଠାରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ୍ ବକ୍ସର ନୁପୂର ଶେଓରାନ୍। ବୁଧବାର ଅନୁଷ୍ଠିତ ୮୦+ କେଜି ମହିଳା ବର୍ଗର କ୍ୱାର୍ଟର ଫାଇନାଲ

> **ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ଲଢ଼େଇରେ ସେ ଉଜ୍‌ବେକିସ୍ତାନର ଓଲ୍ଟିନୟ ସୋତିମବୋୟେଭାଙ୍କୁ ପରାସ୍ତ କରିଛନ୍ତି। କିମ୍ବଦନ୍ତୀ ବକ୍ସର ହାୱା ସିଂଙ୍କ ୩୬ ବର୍ଷୀୟା ନାତୁଣୀ ନୁପୂର ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ମୁକାବିଲାରେ ସେ ଉଜ୍‌ବେକ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪-୧ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ସେ ଅତିକମ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ପାଇବା ନିଶ୍ଚିତ ହୋଇଛି। ୮୦+ କେଜି ଏକ ଅଣ ଅଲିମ୍ପିକ୍ସ ବର୍ଗ ହୋଇଥିବାରୁ ମାତ୍ର ୧୦ ବକ୍ସର ଭାଗ ନେଇଛନ୍ତି। ପୂରା ଲଢ଼େଇରେ ନୁପୂର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ କ୍ଲିନର ପଞ୍ଚ୍ ମାରି ସେ ମୂଲ୍ୟବାନ୍ ପଏଣ୍ଟ ହାସଲ କରିନେଇଥିଲେ। ମଙ୍ଗଳବାର ରାତିରେ ଯଦୁମଣି ସିଂ (୪୮ କେଜି) ଓ ଅବିନାଶ ଜମୱାଲ (୬୫ କେଜି) ବିଜୟ ସହ ପୁରୁଷ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଜୁଗ୍‌ନୁ ଆଲାୱତ୍ (୮୫ କେଜି)ଙ୍କ ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି। ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ୍ ଜରିନ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ମେଡାଲିଷ୍ଟ ଯସ୍ମିନ୍ ଲାମ୍ବୋରିଆ, ପୂଜାରାଣୀ ଓ ଜମୱାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ନୁପୂର ଶେଓରାନ୍

# ସ୍ପୋର୍ଟ୍ସ କୋଟାରେ ନିଯୁକ୍ତି ପାଇଥିବା ଆଥ୍‌ଲେଟ୍‌ଙ୍କ ଲାଗି କୋଚିଂ କୋର୍ସ

**ନୂଆଦିଲ୍ଲୀ,୧୦।୯(ପି.ଟି.):** ସ୍ପୋର୍ଟ୍ସ କୋଟାରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ପାଇଥିବା ଆଥ୍‌ଲେଟ୍‌ଙ୍କୁ ପଟିଆଲାସ୍ଥିତ ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସରେ ଦୁଇବର୍ଷିଆ ସ୍ୱତନ୍ତ୍ର ଦକ୍ଷତା ବୃଦ୍ଧି କୋର୍ସ ପ୍ରଦାନ କରାଯିବ। ଏହି କୋର୍ସ ଆସନ୍ତା ଅକ୍ଟୋବର ୨୭ରୁ ଆରମ୍ଭ ହେବ ଏବଂ ଏଥିଲାଗି ଆବେଦନ କରିବା ପାଇଁ ସେପ୍ଟେମ୍ବର ୨୫କୁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଭାରତୀୟ ଆଥ୍‌ଲେଟ୍ସଙ୍କୁ ସେମାନଙ୍କ କ୍ୟାରିୟର ଶେଷ ପରେ ମଧ୍ୟ ଦେଶର କ୍ରୀଡ଼ା ଇକୋସିଷ୍ଟମ ସହିତ ଯୋଡ଼ିରଖିବା ଏହାର ଉଦ୍ଦେଶ୍ୟ। ୪ଥାକିଆ କୋର୍ସ ଶେଷ କରିବା ପରେ ଆଥ୍‌ଲେଟ୍ସଙ୍କୁ ସ୍ପୋର୍ଟ୍ସ କୋଚିଂରେ ଏକ ଡିପ୍ଲୋମା ସମକକ୍ଷ ପ୍ରମାଣପତ୍ର ଦିଆଯିବ। ଆଥ୍‌ଲେଟିକ୍ସ, ବକ୍ସିଂ, ଜୁଡୋ, ହକି ଓ ରେସ୍‌ଲିଂରେ ଏହି କୋର୍ସ ପ୍ରଦାନ କରାଯିବ।




# କୋରିଆକୁ ୪-୨ରେ ହରାଇଲା ଭାରତ

**ହାଙ୍ଗଝୋ, ୧୦।୯**

ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକିର ସୁପର-୪ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନ ମ୍ୟାଚରେ ଭାରତ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ଫଳରେ ଭାରତକୁ ୩ ପଏଣ୍ଟ ମିଳିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ୨ୟ ମିନିଟ୍‌ରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା।

> **ଏସିଆ କପ୍ ମହିଳା ହକି ସୁପର-୪**

ବୈଷ୍ଣବୀ ଭିଥାଲ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତ ଏହି ଏକମାତ୍ର ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ସଙ୍ଗୀତା କୁମାରୀ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିବାବେଳେ ଏହାର ଅଳ୍ପ କିଛି ସେକେଣ୍ଡ ମଧ୍ୟରେ କୋରିଆ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥିରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ କିମ୍ ୟୁଜିନ। ତେବେ ୪୦ତମ ମିନିଟ୍‌ରେ ଲାଲ୍‌ରେମସିଆମି ଏକ ଫିଲ୍ଡ ଗୋଲ ମାଧ୍ୟମରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୫୩ତମ ମିନିଟରେ କିମ୍ ୟୁଜିନ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବାବେଳେ ୫୯ତମ ମିନିଟ୍‌ରେ ଭାରତର ଋତୁଜା ଦାଦାସୋ ପିସାଲ ସେହି ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଭାରତର ବିଜୟକୁ ନିଶ୍ଚିତ କରିଦେଇଥିଲେ। ୫ମରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ୨ଟି କ୍ଲାସିଫିକେଶନ ମ୍ୟାଚ୍‌ରେ ମାଲେସିଆ ୫-୧ରେ ସିଙ୍ଗାପୁର ଏବଂ ଥାଇଲାଣ୍ଡ ୨-୧ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି।


ଭାରତ-ଦକ୍ଷିଣ କୋରିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ୨୭ରୁ

**ଭୁବନେଶ୍ୱର, ୧୦।୯(ତପନ ସ୍ୱାଇଁ)**

> ■ ୨,୦୦,୧୦୦ ଅର୍ଥ ପୁରସ୍କାର ସହ ୮୯ ଟ୍ରଫି ଓ ୫୪ ପଦକ ପ୍ରଦାନ କରାଯିବ

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମ୍ରପାଲ୍ଲୀ ରିସର୍ଟରେ ପ୍ରଥମ ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ଭାଗ୍ୟଶ୍ରୀ ମେମୋରିଆଲ୍ ନାମରେ ପରିଚିତ ହେବ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୨,୦୦,୧୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଏବଂ ୫୪ଟି ପଦକ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହାଛଡ଼ା ଚାମ୍ପିୟନ ଖେଳାଳିଙ୍କୁ ସ୍ୱତନ୍ତ୍ର ଚେସ୍ ଟ୍ରଫି, ପଦକ ଓ ମୁକୁଟ ସହ ୩୦,୦୦୦ ଟଙ୍କା ଦିଆଯାଇ ପୁରସ୍କୃତ କରାଯିବ। ରନରଅପ୍‌ଙ୍କୁ ୨୦,୦୦୦ ଏବଂ ୩ୟ ସ୍ଥାନର ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଟ୍ରଫି ଓ ପଦକ ଦିଆଯିବ। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗର କୃତୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମାନ ରହିଛି। ସେହିପରି ରେଟିଂ ବର୍ଗରେ ପ୍ରଥମ ୩ ସ୍ଥାନ ଅଧିକାର କରିବା ଖେଳାଳିଙ୍କୁ ଯଥାକ୍ରମେ ୨୫୦୦, ୧୫୦୦ ଓ ୧୧୦୦ ଟଙ୍କା ଏବଂ ପଦକ ପ୍ରଦାନ କରାଯିବ ବୋଲି ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାଜ୍ୟର ଯେ କୌଣସି ଖେଳାଳି ୧୦୦୦ ଟଙ୍କାର ଏଣ୍ଟ୍ରି ଫି' ଦେଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ପ୍ରତିଯୋଗିତା ଅବସରରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବେଣୁଧର ଦାଶ, ଅଜୟ କୁମାର ଦାସ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ଏସ୍‌ଆର୍ ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ସିଟି ଲିଗ୍



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୦।୯(ତପନ ସ୍ୱାଇଁ)**

ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ଭାରୋତ୍ତୋଳନ ସିଟିଲିଗ୍-୨୦୨୫-୨୬ର କଟକ ସଂସ୍କରଣ କଟକସ୍ଥିତ କଳିଙ୍ଗ ଜିମ୍ନାସିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖେଲୋ ଇଣ୍ଡିଆ ଦ୍ୱାରା ଦେଶର ମହିଳା କ୍ରୀଡ଼ାବିତ୍‌ଙ୍କର ଉତ୍ସାହ ଓ ଅଭିଜ୍ଞତା ବଢ଼ାଇବା ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। କଟକ ଜିଲା ଭାରୋତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୩୫ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ପୂର୍ବତନ ଏସ୍‌ପି ଭକ୍ତ ବତ୍ସଳ ଦାସ, ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, ଜିଲା ସଂଘ ସଭାପତି ରାଜକିଶୋର ଦାସ, ସମ୍ପାଦକ ବିରଜା ପ୍ରସାଦ ଦାସ ଓ ଅଲିମ୍ପିଆନ୍ କେ. ରବି କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବଡ଼ ବିଜୟ ସତ୍ତ୍ୱେ ଭାରତର ବିଦାୟ

**ଦୋହା,୧୦।୯(ପି.ଟି.):** ୨୩ ବର୍ଷରୁ କମ୍ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ବୁଧବାର ବ୍ରୁନେଇ ଦାରୁସଲାମକୁ ୬-୦ ଗୋଲରେ ହରାଇବା ସତ୍ତ୍ୱେ ଏଏଫ୍‌ସି ଅଣ୍ଡର-୨୩ ଏସିଆନ କପ୍ କ୍ୱାଲିଫାୟର୍ସରୁ ବିଦାୟ ନେଇଛି। ୩ ମ୍ୟାଚ୍‌ରୁ ୨ ବିଜୟ ଓ ୬ ପଏଣ୍ଟ ସହ ଗ୍ରୁପ୍ ପର୍ଯ୍ୟାୟ ଅଭିଯାନ ଶେଷ କରିଥିବା ଭାରତୀୟ ଦଳକୁ କାତାର ଓ ବାହାରିନ୍ ମଧ୍ୟରେ ଅବଦୁଲା ବିନ୍ ଖଲିଫା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ କାତାର ୨-୧ ଗୋଲରେ ଜିତିବା ସହ ଗ୍ରୁପ୍-ଏଚ୍‌'ର ଶୀର୍ଷରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ସମସ୍ତ ୧୧ ଗ୍ରୁପ୍‌ର ଟପ୍ ଦଳ ସହିତ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ୪ ଶ୍ରେଷ୍ଠ ଦଳ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। କିନ୍ତୁ ଭାରତ ପଞ୍ଚମ ସ୍ଥାନରେ ରହିଯାଇଥିଲା।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୯ ପଦକ

**ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ୨ୟ ଜାତୀୟ ଜୁନିୟର ଏବଂ ୟୁଥ୍ ପାରା ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍ ବୁଧବାର ଶେଷ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ଏହିପରି ମୋଟ ୧୦ଟି ପଦକ ହାସଲ କରିଛନ୍ତି। ସୌମ୍ୟରଞ୍ଜନ ମହାକୁଲ ୧୭ ବର୍ଷରୁ କମ୍ ଏସଏଲ୍-୩ରେ ରୌପ୍ୟ ଏବଂ ୧୯ ବର୍ଷରୁ କମ୍ ଏସଏଲ୍-୩ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ବିଭାସିନ୍ଧୁ ବାରିକ ୧୯ ବର୍ଷରୁ କମ୍ ଏସଏଲ୍-୩ ସିଙ୍ଗଲ୍ସରେ ରୌପ୍ୟ ଏବଂ ହରିୟାଣାର କାର୍ତ୍ତିକ ସୁହାଗଙ୍କ ସାଥିକରୀ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ବିଭାସିନ୍ଧୁ ୟୁଥ୍ ଡବଲ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି। ଆକାଶ ରଞ୍ଜନ ମୁଣ୍ଡ ୟୁଥ୍ ଏସଏଲ୍-୩ରେ ବ୍ରୋଞ୍ଜ, ଅଜୟ କୁମାର ପ୍ରଧାନ ୧୯ ବର୍ଷରୁ କମ୍ ଏସ୍‌ୟୁ-୫ ଡବଲ୍ସରେ ବ୍ରୋଞ୍ଜ ଏବଂ ରାଣୀ ଗାର୍ଡିଆ ୧୯

> **ଜାତୀୟ ଜୁନିୟର ପାରା ବ୍ୟାଡ଼ମିଣ୍ଟନ**

ବର୍ଷରୁ କମ୍ ବାଳିକା ଏସଏଲ୍-୪ ଏବଂ ଏସ୍‌ୟୁ-୫ ସିଙ୍ଗଲ୍ସରେ ରୌପ୍ୟ ଏବଂ ୟୁଥ୍ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପଦକ ବିଜୟୀ ଖେଳାଳିଙ୍କ ସହ କୋଚ୍ ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


କୋଚ୍‌ଙ୍କ ସହ ପଦକ ବିଜୟୀ ଓଡ଼ିଶା ପାରା ବ୍ୟାଡ଼ମିଣ୍ଟନ ଖେଳାଳି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ